


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୨ • ସଂଖ୍ୟା–୧୯୬ • ୧୩ ଅଗଷ୍ଟ ୨୦୨୫, ବୁଧବାର • ଭୁବନେଶ୍ୱର • Vol -32 • Issue-196 • 13th August 2025, Wednesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

# ଓଡ଼ିଶାରେ ପ୍ରତିଷ୍ଠା ହେବ ୨ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ୟୁନିଟ୍

**ନୂଆଦିଲ୍ଲୀ, ୧୨।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶରେ ଆଉ ୪ଟି ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ୟୁନିଟ୍ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ଏହି ଚାରୋଟି ଅନୁମୋଦିତ ପ୍ରସ୍ତାବ ଦ୍ୱାରା ପ୍ରାୟ ୪,୬୦୦ କୋଟି ଟଙ୍କାର ମୋଟ୍ ନିବେଶ ସହିତ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ୨୦୩୪ କୁଶଳୀ ପେସାଦାରଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ସେ କହିଛନ୍ତି ଦେଶରେ ପ୍ରତିଷ୍ଠା ହେବାକୁ ଥିବା ୪ଟି ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ୟୁନିଟ୍ ମଧ୍ୟରୁ ଓଡ଼ିଶାରେ ଦୁଇଟି ପ୍ରତିଷ୍ଠା କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପୂର୍ବୋଦୟର ବିକାଶ ଉପରେ ଫୋକ୍ସ କରୁଥିବା ହେତୁ ଓଡ଼ିଶାରେ ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ଜରିଆରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଡିଭାଇସ୍, ଇକ୍ୟୁପମେଣ୍ଟ ଆଣ୍ଡ ଆସେସୋରିଜ୍



ଇତ୍ୟାଦିର ୟୁନିଟ୍ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉଛି। ଆତ୍ମନିର୍ଭର ଭାରତ ଯୋଜନାରେ ଆଗାମୀ ଦିନରେ ଓଡ଼ିଶା ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ହବ୍‌ରେ ପରିଣତ ହେବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ଭୁବନେଶ୍ୱରସ୍ଥିତ ଇନଫୋଭ୍ୟାଲିରେ ବ୍ରିଟେନର କ୍ଲାସ୍-ସିକ୍ ୱେଫର ଫ୍ୟାବ୍ ଲିମିଟେଡ୍ ସହ ମିଶି ସିଲିକନ କାର୍ବାଇଡ୍ (ଏସଆଇସି) ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସର ଗୋଟିଏ ସମନ୍ୱିତ ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠାନ କରାଯିବ। ଏହା ଦେଶର ପ୍ରଥମ ବ୍ୟବସାୟିକ କମ୍ପାଉଣ୍ଡ ଫ୍ୟାବ୍ରିକେସନ ୟୁନିଟ୍ ହେବ । ଏହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର ଦକ୍ଷତା ଆଣିବ । ଏହି ପ୍ରକଳ୍ପରେ ପ୍ୟାସିଭ୍ ଏବଂ ସିଲିକନ୍ ବ୍ରିଜ୍ ସହିତ ଗ୍ଲାସ୍ (ପୃଷ୍ଠା ୭ରେ)

### ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହା ରାଜ୍ୟର ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ସହଯୋଗୀ ପ୍ରୟାସ ନୂତନତ୍ୱକୁ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ।

ମଙ୍ଗଳବାର ଅନୁଷ୍ଠିତ ବୈଠକରେ କେନ୍ଦ୍ର କ୍ୟାବିନେଟ୍ ୪ଟି ପ୍ରକଳ୍ପକୁ ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ିଶା, (ପୃଷ୍ଠା ୭ରେ)

## ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଆଧାରରେ ପୋଲିସ୍ କାମ କରୁ



**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି । ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ପରାମର୍ଶ ଦେଇଥିଲେ।

ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଏହି ନୀତିକୁ ଆଧାର କରି ପୋଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ । ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଂ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହିତ, ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ଏଥି ସହିତ ପଡୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନସୁଗାର ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି । ବିଗତ ଏକ ବର୍ଷ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ଜଣ ବାଳିକାଙ୍କୁ ଉଦ୍ଧାର (ପୃଷ୍ଠା ୭ରେ)

## ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

ବୁଧବାର ମଧ୍ୟାହ୍ନ ୧୨ଟାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯିବା ସହ ଅନୁମୋଦନ ଦିଆଯିବା ସମ୍ଭାବନା ରହିଛି। ମୁଖ୍ୟତଃ ନିର୍ମାଣ ବିଭାଗ, ଜଳସମ୍ପଦ, ନଗର ଉନ୍ନୟନ ଓ ଆଇନ୍ ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ଲାଗିପାରେ।

## ଆମେରିକାର ଟାରିଫ : ଓଡ଼ିଶାର ଚିଙ୍ଗୁଡ଼ି ବ୍ୟବସାୟ ଉପରେ ପ୍ରଭାବ ପକାଇବ ନାହିଁ

**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

ଆମେରିକାର ଟାରିଫ ଓଡ଼ିଶାର ଚିଙ୍ଗୁଡି ବ୍ୟବସାୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି। ସାମ୍ବାଦିକ ମାନଙ୍କର ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଆମେରିକାର ୫୦% ଟାରିଫ ଓଡ଼ିଶାର ଚିଙ୍ଗୁଡ଼ି ବ୍ୟବସାୟ ଉପରେ କୌଣସି ପ୍ରଭାବ ପକାଇବା ନାହିଁ। ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଚିଙ୍ଗୁଡ଼ିର ଭିନ୍ନ ସ୍ୱାଦ ରହିଛି। ସମୁଦ୍ର ମାଛ ରପ୍ତାନୀରେ ଓଡ଼ିଶା ବହୁତ ଆଗରେ ରହିଛି ବୋଲି ସେ କହିଛନ୍ତି।

## ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ସବୁ ଅଫିସରେ ଲାଗିବ ଏଆଇ କ୍ୟାମେରା, ନିର୍ଦ୍ଧାରିତ ସମୟରେ ଅଫିସ ଆସିବେ ଅଧିକାରୀ

**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । କାର୍ଯ୍ୟାଳୟରେ ଠିକ୍ ସମୟରେ ଉପସ୍ଥାନ ନ ରହିଲେ କାର୍ଯ୍ୟାନୁଷ୍ଠାନ, ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରୁନଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ



ଅବସର ପୂର୍ବରୁ ଅବସର ଦେବା, ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସଂପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ (ପୃଷ୍ଠା ୭ରେ)

# ଚୀନକୁ ବିମାନ ଉଡ଼ାଣ ପାଇଁ ପ୍ରସ୍ତୁତ ରହିବାକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୨।୮**

ଆମେରିକାର ଟାରିଫ ବୋମାରେ ସାରା ବିଶ୍ୱରେ ବଡ଼ଧରଣର ଭୂରାଜନୈତିକ ପରିବର୍ତ୍ତନ ଘଟୁଛି। ହେଲେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଏସିଆ। ବିଶେଷକରି ଭାରତ ଓ ଚୀନ ସମ୍ପର୍କ। ଏହି ଦୁଇ ଦେଶର ସମ୍ପର୍କ ଧୀରେ ଧୀରେ ସୁଧୁରିବାରେ ଲାଗିଛି। ଏହାରି ଭିତରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଖୁବଶୀଘ୍ର ଏହି ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ମାସରେ ଭାରତରୁ ଚୀନ ଓ ଚୀନରୁ ଭାରତ ସିଧାସଳଖ ବିମାନ ଉଡ଼ାଣ କରିପାରେ।

ରିପୋର୍ଟ ଅନୁସାରେ ଚୀନକୁ ଉଡ଼ାଣ



ଭରିବାକୁ ପ୍ରସ୍ତୁତ ହେବାକୁ ଭାରତ ସରକାର ଘରୋଇ ବିମାନ କମ୍ପାନୀମାନଙ୍କୁ କହିଛନ୍ତି। କୋଭିଡ୍ ମହାମାରୀ ପରେ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ ବନ୍ଦ ରହିଥିଲା। ୨୦୨୦ ପୂର୍ବ ଲଦାଖ ସୀମାରେ ହୋଇଥିବା ସୈନ୍ୟ ସଂଘର୍ଷ ଦୁଇ ଦେଶର ସମ୍ପର୍କ ଖରାପ କରି ଦେଇଥିଲା।

ଏହାପରେ ଉଭୟ ପକ୍ଷରୁ ସୀମାରେ ସୈନ୍ୟ ମୁତୟନ କରିବା ସହିତ ପରସ୍ପରର ବ୍ୟବସାୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅନ୍ୟାନ୍ୟ ସମ୍ପର୍କ ଛିନ୍ନ ହୋଇଥିଲା। ତେବେ ସୀମା ବିବାଦର ସମାଧାନ ପାଇଁ ବାରମ୍ବାର ବୈଠକ ବସିବା ପରେ କେତେକ ସ୍ଥାନରେ ବିବାଦର ସମାଧାନ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଏବେ ବି ବିବାଦ ଲାଗି ରହିଛି।

ହେଲେ ଏବେ ଆମେରିକା ଋଷ ଓ ଭାରତକୁ ଟାର୍ଗେଟ୍ କରୁଥିବା ବେଳେ ଚୀନ ସହିତ ଏହାର ପୂର୍ବରୁ ଶତ୍ରୁତା ରହିଛି। ଭାରତକୁ ଆମେରିକା ଟାର୍ଗେଟ୍ କରିବା ପରେ ଭାରତ ସମର୍ଥନରେ ବାହାରିଛି ଚୀନ। ଏସବୁ ଦୃଶ୍ୟ ଦୁଇ ଦେଶର (ପୃଷ୍ଠା ୭ରେ)

# ପାକିସ୍ତାନ ଓ ବଙ୍ଗଳାଦେଶ ସୀମାରେ ବିଏସ୍ଏଫ୍ ଆଲର୍ଟ

**ଜୋଧପୁର, ୧୨।୮**

ସୀମା ସୁରକ୍ଷା ବଳ ରାଜସ୍ଥାନ ଫ୍ରଣ୍ଟିୟରର ଆଇଜି ଏମ୍ଏଲ୍ ଗର୍ଗ ମଙ୍ଗଳବାର ଦିନ କହିଛନ୍ତି ଯେ ସ୍ୱତନ୍ତ୍ରତା ଦିବସ ୧୫ ଅଗଷ୍ଟକୁ ନେଇ ସୀମା ସୁରକ୍ଷା ବଳ ସମ୍ପୂର୍ଣ୍ଣ ସତର୍କ ଅଛନ୍ତି ଏବଂ ଆଲର୍ଟ ମୋଡ଼ରେ କାମ କରୁଛି। ବିଏସ୍ଏଫ୍ ଦୁଇ ସମ୍ବେଦନଶୀଳ ଅନ୍ତରାଷ୍ଟ୍ରୀୟ ସୀମାରେ ଭାରତ-ପାକିସ୍ତାନ ଏବଂ ବଙ୍ଗଳାଦେଶର ଦୃଷ୍ଟି ଏବଂ ସୁରକ୍ଷାର ଦାୟିତ୍ୱ ନିର୍ବାହ କରୁଛି।

ସେ କହିଛନ୍ତି ଯେ ପ୍ରାୟ ୬୫୦୦ କିଲୋମିଟର ଲମ୍ବା ଅନ୍ତରାଷ୍ଟ୍ରୀୟ ସୀମାର ସୁରକ୍ଷା କରାଯାଉଛି। ସ୍ୱତନ୍ତ୍ରତା ଦିବସ ପରି ମହତ୍ୱପୂର୍ଣ୍ଣ ଅବସରରେ ଦୁଇ ସୀମା ସୁରକ୍ଷାର ଦୃଷ୍ଟିରେ ଅତ୍ୟନ୍ତ ସମ୍ବେଦନଶୀଳ । ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ପରେ ସୀମା ଅଞ୍ଚଳରେ ଗତିବିଧି ଉପରେ ନଜର ରଖାଯାଉଛି, ଯାହାକୁ ଦୃଷ୍ଟିରେ ରଖି ବିଏସ୍ଏଫ୍ ଅପରେସନ ଆଲର୍ଟକୁ ଲଗାତାର ଜାରି ରଖିଛି। ଏହିପରି ସୁରକ୍ଷା ଏବଂ ଗସ୍ତକୁ ତୀବ୍ର କରାଯାଇଛି ତଥା ସୁରକ୍ଷାର ସମସ୍ତ ପହଲକୁ ଆହୁରି (ପୃଷ୍ଠା ୭ରେ)

# ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡରର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

ଓଡିଶାକୁ ମେରାଇନ ବାୟୋଟେକ୍ନୋଲୋଜି ଏବଂ ବ୍ଲୁ ଇକୋନୋମି ମାନ୍ୟତାରେ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପରିଚିତ କରାଯିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଓଡିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡରର(ଓମ୍ବ୍ରିକ୍)ର ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଦ୍ୱାରା ଏହା କରାଯାଉଛି ।



ଲୋକସେବାଭବନରେ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓମ୍ବ୍ରିକ୍‌କୁ ବୈଜ୍ଞାନିକ ସମୁଦାୟ ପାଇଁ ଏକ ଆଶାର କିରଣ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ, ଏହା କେବଳ ଗବେଷଣା କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଏକ ଏପରି ମଞ୍ଚ ଯେଉଁଠାରେ ଓଡିଶାର ଯୁବ ଉଦ୍ୟମୀମାନେ ସ୍ଥାନୀୟ ସମ୍ବଳ ଉପରେ ଆଧାରିତ। କିନ୍ତୁ ବିଶ୍ୱ ମାନକ ପାଳନ କରୁଥିବା ମେରାଇନ ବାୟୋଟେକ୍ ଷ୍ଟାର୍ଟଅପ୍ (ପୃଷ୍ଠା ୭ରେ)

## ଭାରତ-ପାକିସ୍ତାନ ସୀମାରୁ ସାଢେ ୮ କୋଟିର ହେରୋଇନ୍ ଜବତ

**ବିକାନେର, ୧୨।୮**

ସୀମା ସୁରକ୍ଷା ବଳ (ବିଏସଏଫ୍) ର ଗୁଇନ୍ଦା ସୂଚନାରେ ପୁଲିସ ସହିତ ଏକ ମିଳିତ ସର୍ଚ୍ଚ ଅଭିଯାନ ସମୟରେ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ନିକଟରୁ ୧.୬୬୫ କିଲୋ ହେରୋଇନ୍ ଜବତ କରାଯାଇଛି। ଜବତ ହେରୋଇନର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୮.୫୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ବିକାନେରର ଉପସମାଦେଷ୍ଟା ଇଣ୍ଟେଲିଜେନ୍ସ ବ୍ରାଞ୍ଚର ମହେଶ ଚନ୍ଦ ଜାଟ ମଙ୍ଗଳବାର କହିଛନ୍ତି ଯେ ଖାଜୁୱାଲା ଥାନା ପୁଲିସ ସହିତ ଗ୍ରାମ ୨୧ (ପୃଷ୍ଠା ୭ରେ)

## ଏକାଳ ପଖାଳ



କେମିତି ଆସିବେ କେମିତି ଆସିବେ
କେମିତି ଆସିବେ ବାବୁ
ଯେତେ ଯାହା ଚିଠି ପତର କରିଲେ
କାବୁ ହୁଅନ୍ତିନି ବାବୁ
ରାଜ୍ୟ ମୁହେଁ ବାବୁ ଗୋଷ୍ଠୀ ଆବୁ
ହେଲେ ତା'ର ଛାଇ ଆଉ ପଡିବନି
ପୂରାପୂରି ଛେଦି ଦେବୁ ।

# ଜେଲ ଦଣ୍ଡ ଶେଷ କରିଥିବା ଦୋଷୀଙ୍କୁ ତୁରନ୍ତ ମୁକ୍ତ କର



**ନୂଆଦିଲ୍ଲୀ, ୧୨।୮**

୨୦୦୨ ନୀତିଶ କଟାରା ହତ୍ୟା ମାମଲାରେ ଦୋଷୀ ସୁଖଦେବ ପେହଲୱାନଙ୍କୁ ୨୦ ବର୍ଷର ଦଣ୍ଡ ସମାପ୍ତ ହେବା ପରେ ଜେଲରୁ ମୁକ୍ତ କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି।

ଶୀର୍ଷ ଅଦାଲତ କହିଛନ୍ତି, ସୁଖଦେବ ଭଳି ନିଶ୍ଚିତ ମିଆଦ ଜୀବନକାରାଦଣ୍ଡ ପାଇଥିବା ଦୋଷୀଙ୍କୁ ନିର୍ଦ୍ଦିଷ୍ଟ ଅବଧି ସମାପ୍ତ ପରେ ମୁକ୍ତ କରାଯିବ। ଏହା ସହ ମୁକ୍ତି ପାଇଁ ରିମିସନ ଆଦେଶର ଆବଶ୍ୟକତା ନାହିଁ, ଯାହା ସାରା ଜୀବନ ଜେଲରେ କାଟିବାକୁ ଦଣ୍ଡିତଙ୍କ କ୍ଷେତ୍ରରେ ଲାଗୁ ହୁଏ।

ଅଦାଲତ ମିଆଦ ସମାପ୍ତ ହୋଇଥିଲେ ମଧ୍ୟ ଜେଲରେ ରହିଥିବା ଅନ୍ୟ ଦୋଷୀଙ୍କ ପାଇଁ ଉଦ୍‌ବେଗ ପ୍ରକାଶ କରି ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବି.ଭି. ନାଗରତ୍ନା ଓ କେ.ଭି. ବିଶ୍ୱନାଥନଙ୍କ ବେଞ୍ଚ କହିଛନ୍ତି, "ଏହି ମନୋଭାବ ଜାରି ରହିଲେ ପ୍ରତ୍ୟେକ ଦୋଷୀ ଜେଲରେ ମରିବେ।"

ଗତ ୨୯ ଜୁଲାଇରେ ଅଦାଲତ ସୁଖଦେବ ଯାଦବ (ପେହଲୱାନ)ଙ୍କୁ ମୁକ୍ତ କରିବାକୁ ଆଦେଶ ଦେଇଥିଲେ, କିନ୍ତୁ ସେଣ୍ଟେନ୍ସ ରିଭିଉ ବୋର୍ଡ ତାଙ୍କ ଆଚରଣକୁ କାରଣ ଦର୍ଶାଇ ମୁକ୍ତି ଅଟକାଇଥିଲେ। ମାର୍ଚ୍ଚରେ ୨୦ ବର୍ଷ ଦଣ୍ଡ ସମାପ୍ତ କରିଥିବା ପେହଲୱାନ (ପୃଷ୍ଠା ୭ରେ)

# ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୨।୮**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବୁଧବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ପରେ ଆଗାମୀ ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହୋଇପାରେ। ଏହାର ପ୍ରଭାବରେ ରାଜ୍ୟରେ ୩ ଦିନ ଧରି ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ ବିଭାଗର ପୂର୍ବାନୁମାନ



ଅନୁସାରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାରା ଓଡ଼ିଶାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ (ପୃଷ୍ଠା ୭ରେ)





# ସାର ଯୋଗାଣ ପାଇଁ ଦାବି

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ସମବାୟ ସମିତିରେ ସାର ନଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଜିଲ୍ଲାପାଳଙ୍କୁ ଭେଟି ସାର ଯୋଗାଇବା ପାଇଁ ଦାବି କରିଛନ୍ତି । ଦାବି ମୁତାବକ ଉକ୍ତ ସମିତିରେ ବହୁ ସଂଖ୍ୟକ ଚାଷୀ ସେମାନଙ୍କ ନାମ ପଞ୍ଜିକରଣ କରି ସାର ନେଇଥାନ୍ତି । କିନ୍ତୁ ଚଳିତ ଖରିଫ ଋତୁ ୨୦୨୫-୨୬ ବର୍ଷରେ ଅଦ୍ୟାବଧି ସମିତିକୁ ଡିଏପି କିମ୍ବା ଗ୍ରୋମର ସାର ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଦିଆଯାଇ ନଥିବାରୁ ଚାଷୀମାନେ ସମିତିରୁ ସର ନପାଇ ନିରାଶ ହୋଇ ଫେରୁଛନ୍ତି ଏଣୁ ତୁରନ୍ତ ସରକରୀ ସାର ଯୋଗାଇ ଦେବାପାଇଁ ଜିଲ୍ଲାପାଳଙ୍କ ନିକଟରେ ସଭାପତି ଶ୍ରୀ ଜେନା ଓ ସମ୍ପାଦକ ପ୍ରେମାନନ୍ଦ ସାହୁଙ୍କ ସମେତ ନିର୍ଦ୍ଦେଶକ ମାନେ ଦାବି କରିଛନ୍ତି ।



# ନିୟମ ଉଲ୍ଲଂଘନ:ହୋଟେଲ୍‌ରେ ବ୍ୟବହାର ହେଉଛି ଘରୋଇ ଗ୍ୟାସ୍ ସିଲିଣ୍ଡର

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ



ସହରରେ ଗଢ଼ି ଉଠିଛି ମାଳ ମାଳ ହୋଟେଲ୍, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ଓ ଟିଫିନ୍ ଦୋକାନ । ଏଗୁଡ଼ିକର ରୋଷେଇଶାଳକୁ ପ୍ରତିଦିନ ଆବଶ୍ୟକ ହୋଇଥାଏ ଏକାଧିକ ଗ୍ୟାସ୍ ସିଲିଣ୍ଡର । ନିୟମ ମୁତାବକ, ଏସବୁ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ବାଣିଜ୍ୟିକ ବା କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯିବା କଥା । କିନ୍ତୁ ସହରର ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନରେ ଯୋଗାଣ ବିଭାଗର ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି । ଏନେଇ ଯେ ଯୋଗାଣ ବିଭାଗ ଅବଗତ ନୁହେଁ ଏହା ମଧ୍ୟ ନୁହେଁ । ସବୁଜାଣି ବିଭାଗ ଚୁପ୍ ବସିଥିବା ଅଭିଯୋଗ ହୋଇଛି । ଯାହାର ଫଳସ୍ୱରୂପ ସହରରେ ଦୀର୍ଘ ବର୍ଷ ଧରି ଯୋଗାଣ ବିଭାଗ ପକ୍ଷରୁ କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଅତର୍କିତ ଚଢ଼ଉ ମଧ୍ୟ ହୋଇନଥିବା ଜଣାପଡ଼ିଛି । ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଚଢ଼ଉ ହୋଇଥିଲେ ଏଭଳି ବେଆଇନ୍ କାରବାରକୁ ରୋକାଯାଇପାରନ୍ତା । ଯୋଗାଣ ବିଭାଗର ଏଭଳି ଖାମଖିଆଲି ନୀତିର ସୁଯୋଗ ନେଇ ଗ୍ୟାସ୍ ସିଲିଣ୍ଡରର କଳାବଜାରୀ ତଥା ବେନିୟମ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ପ୍ରକାଶଯୋଗ୍ୟ ଯେ, ବାଣିଜ୍ୟିକ ବା କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ତୁଳନାରେ ଘରୋଇ ବା ଡୋମେଷ୍ଟିକ୍ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥେଷ୍ଟ କମ୍ । ଫଳରେ ମୁନାଫାଖୋର୍ ବ୍ୟବସାୟୀମାନେ ଯୋଗାଣ ବିଭାଗର ଆଖିରେ ଆଙ୍ଗୁଠି ଗେଞ୍ଜି ଏଭଳି ବେନିୟମ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ବ୍ୟବସାୟିକ ତଥା ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଦାମ୍ ୧୯ କେ.ଜି.କୁ ୧୮୩୪ ଟଙ୍କା ଥିବାବେଳେ ସାଧାରଣ ଘରୋଇ ଗ୍ୟାସ୍ ସିଲିଣ୍ଡର ୧୪.୨ କେ.ଜି.କୁ ୯୦୦ ଟଙ୍କା ରହିଛି । ସେହିଭଳି ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମିଳୁଥିବା ଗ୍ୟାସ୍ ମଧ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ଗ୍ୟାସ୍ ସିଲିଣ୍ଡର ପିଛା ପ୍ରାୟ ୯ ଶହ ଟଙ୍କା ଫରକ୍ ରହୁଥିବାରୁ ବ୍ୟବସାୟୀମାନେ ଗ୍ୟାସ୍ ବିତରକଙ୍କ ସହିତ ହାତ ମିଳାଇ ପ୍ରତ୍ୟେହ ଶତାଧିକ ସିଲିଣ୍ଡର କାରବାର ହେଉଥିବା ଜଣାପଡ଼ିଛି । ନିୟମ ଅନୁସାରେ ବୁକିଂ କରିବାର ୨୪ ଘଣ୍ଟା ଭିତରେ ସିଲିଣ୍ଡର ମିଳିବାର ବ୍ୟବସ୍ଥା ରହିଥିବା ବେଳେ ଘରୋଇ ଉପଭୋକ୍ତାଙ୍କୁ ଦୁଇରୁ ତିନିଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି । ହୋଟେଲ୍ ବ୍ୟବସାୟୀ ଓ ଗ୍ୟାସ୍ ବିତରକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବାରୁ ସଠିକ୍ ସମୟରେ ବ୍ରହ୍ମପୁର ସହର ସମେତ ଉପକଣ୍ଠର ଗ୍ରାହକଙ୍କୁ ନିର୍ଦ୍ଧାରିତ ସମୟରେ ଗ୍ୟାସ୍ ମିଳିବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି । ଏନେଇ ଗ୍ୟାସ୍ ଏଜେନ୍ସି ପାଖରେ ଅଭିଯୋଗ କଲେ ସେମାନେ ବିଭିନ୍ନ ଆଳ ଦେଖାଇ ଉପଭୋକ୍ତାଙ୍କୁ ଫେରାଇ ଦେଉଛନ୍ତି । ଗ୍ୟାସ୍ ଏଜେନ୍ସିମାନେ ଘରୋଇ ଉପଭୋକ୍ତାଙ୍କ ତୁଳନାରେ ବ୍ୟବସାୟୀମାନଙ୍କୁ ପ୍ରାଥମିକତା ଭିତିରେ ଯୋଗାଇ ଦେଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏଭଳି ବେଆଇନ୍ କାର୍ଯ୍ୟରେ ଲିପ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଖୁବ୍‌ଶୀଘ୍ର ଚଢ଼ଉ କରାଯିବ । ଏବଂ ଧରାପଡ଼ିଲେ ଦୋଷୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ମାର୍କେଟିଂ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ରଞ୍ଜନ ସେଠୀ କହିଛନ୍ତି ।



# ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜସ୍ୱ ଅମଳା ସଂଘର କାର୍ଯ୍ୟବନ୍ଦ

ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ

ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମସ୍ତ ଅମଳା କର୍ମଚାରୀ ଏକତ୍ରୀତ ହୋଇ ଦୁଇ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ସମୟ ଚାଲୁ ରହିବ ବୋଲି ପ୍ରକାଶ କରିଛନ୍ତି । ଏମାନଙ୍କର ମୁଖ୍ୟ ଦାବି ଦୀର୍ଘ ଦିନ ହେଲା ପୂରଣ ନହେବାରୁ ଅତି କ୍ଷୋଭର ସହ ପ୍ରକାଶ କରିଛନ୍ତି । ୨୦୧୭ ଠାରୁ ସରକାରଙ୍କୁ ନିବେଦନ କରିବା ସହ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସିଛନ୍ତି ହେଲେ ସରକାରଙ୍କ ଅଣଦେଖାକୁ ଏବେ ଗୁରୁତର ସହ ନେଇ ଏହି ଆନ୍ଦୋଳନ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି । ୧୦ ଦଫା ଦାବି ନେଇ ରାଜସ୍ୱ ଅମଳା ସଂଘ ଏହି ଆନ୍ଦୋଳନ କରୁଛି ।

# ବଧୂ ନିର୍ଯାତନା ଅଭିଯୋଗ:ଥାନାରେ ଏତଲା

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମହିଳାଙ୍କୁ ଯୌତୁକ ପାଇଁ ସ୍ୱାମୀ ଓ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ନେଇ ଅଭିଯୋଗ ହୋଇଛି । ଏନେଇ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ପୂର୍ଣ୍ଣିମା ମହାକୁଡ଼ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ସେ ଉକ୍ତ ଅଞ୍ଚଳର ସୁକଦେବ ଗିରିଙ୍କୁ ଗତ ୨୦୨୪ ମସିହାରେ ବିବାହ କରିଥିଲେ । ବିବାହର କିଛି ଦିନ ପର୍ଯ୍ୟନ୍ତ ପାରିବାରିକ ଜୀବନ ଠିକ୍ ଭାବେ ଚାଲିଥିଲା । ଏହାପରେ ଅଧିକ ଯୌତୁକ ପାଇଁ ଶାଶୂଘର ଲୋକେ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ରାକ୍ଷୀ ପୂର୍ଣ୍ଣିମା ଦିନ ସେ ବାପାଙ୍କ ଘରକୁ ଯାଇଥିଲେ । ସେଠାରୁ ଶାଶୂ ଘରକୁ ଫେରିବା ପରେ ସ୍ୱାମୀ, ଶାଶୂ, ଶଶୁର, ନଣନ୍ଦ ପ୍ରମୁଖ ମିଶି ଯୌତୁକ ଦାବିରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ । ଯାହାଫଳରେ ତାଙ୍କର ମୁହଁ, ହାତ ଆଦି ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି । ହସ୍ପିଟାଲ୍‌ରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ୍ୟ ତାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେଇଥିବା ବେଳେ ଥାନାରେ ଅଭିଯୋଗ ହୋଇଥିଲା । ଆଗକୁ ଆଉ ନିର୍ଯାତନା ଦେବେନାହିଁ ବୋଲି ଆପୋଷ ବୁଝାମଣା ପରେ ସମାଧାନ ହୋଇଥିଲା । କିନ୍ତୁ ଏହାପରେ ପୁଣି ତାହାର ପୁନରାବୃତ୍ତି ହୋଇଛି । ଏନେଇ ପୂର୍ଣ୍ଣିମାଙ୍କ ଅଭିଯୋଗ କ୍ରମେ ଥାନାରେ ସ୍ୱାମୀ ସୁକଦେବ ଗିରି, ଶଶୁର ନବୀନ ଚନ୍ଦ୍ର ଗିରି, ଶାଶୂ ବିମଳା ଗିରି, ନଣନ୍ଦ କଳ୍ପନା ଗିରି, ସସ୍ମିତା ପ୍ରଧାନ, କବିତା ବେହେରା ଓ ସୁମନ ବେହେରାଙ୍କ ନାମରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

# ମିଳୁନି ଆବାସ ଗୃହ:ଭଙ୍ଗା ଦଦରା ଘରେ କଟୁଛି ୨ ପରିବାରର ଜୀବନ

ଧାମନଗର, ନ୍ୟୁଜ୍ ବ୍ୟୁରୋ



ଆଉ ଦି ଦିନ ପରେ ସ୍ୱାଧୀନତା ଦିବସ। ସାରା ଭାରତ ଖୁସି ହେଉଥିବାବେଳେ ଦି ଭାଇଙ୍କ ପାଇଁ ଏ ସବୁର କିଛି ମାନେ ରଖୁନି। ସକାଳୁ ଘର ଛାଡ଼ି ଯାଇ ପର ଦୁଆରେ ମୂଲ ଲାଗିଲେ ପରିବାର ଚଳିବ। ପିଲାମାନେ ପାଠ ପଢ଼ିବେ। ରୋଗ ପାଇଁ ଔଷଧ କିଣିବେ। ତା ଭିତରେ ବର୍ଷାର କଷଣ ବି କମ୍ ନୁହଁ। ସମସ୍ତେ କହୁଛନ୍ତି ଇନ୍ଦ୍ର ଦେବତା ପୃଥିବୀର କଥା ବୁଝିପାରନ୍ତି। ଆଉ ଦୁଃଖ ସହିନପାରି ବର୍ଷା କରନ୍ତି। ହେଲେ ପୃଥିବୀ ପୃଷ୍ଠରେ ରହୁଥିବା ଏ ଅଭାଗାଙ୍କ ଘର ଯେ ବର୍ଷା ପାଣିରେ ଉବୁଟୁବୁ ହେଉଛି, ସେ କଥା ବୋଧ ହୁଏ ଇନ୍ଦ୍ର ଦେବତା ଜାଣନ୍ତିନାହିଁ। ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତ ରଘୁନାଥପୁର ଗାଁର ଦି ଭାଇ ରବୀନ୍ଦ୍ର ନାୟକ ଓ ପ୍ରଫୁଲ୍ଲ ନାୟକ। ଦିହିଁଙ୍କ ବୟସ ପାଖପାଖି ୭୦। ଭଙ୍ଗା ଦଦରା ଘର ଯୋଗୁ ଦୁଇଟି ପରିବାର ଭାରି କଟକଟିନରେ ରହୁଛନ୍ତି। ସ୍ତ୍ରୀ, ପିଲାଙ୍କୁ ମିଶାଇ ୪ ଜଣ ପରିବାରରେ ରବୀନ୍ଦ୍ର ଏକା ରୋଜଗାରିଆ। ଦିନକୁ ୩୫୦ ଟଙ୍କା ମଜୁରୀ। ସେମିତି ପ୍ରଫୁଲ୍ଲ ନାୟକଙ୍କର ପରିବାର କହିଲେ ୫ ଜଣ। ମୂଲ ଲାଗନ୍ତି ନହେଲେ ମାଗିଯାଚି ଚଳନ୍ତି। ବର୍ଷା ଦିନେ ବିଲ କାମ ଛାଡ଼ିଦେଲେ ଆଉ କିଛି କାମ ମିଳେନି। ପୁଣି ବାର୍ଦ୍ଧକ୍ୟକୁ ଦୁର୍ବଳ ଶରୀର ଯୋଗୁ ବିଲର ପାଣି କାଦୁଅର କାମ କରିହେଉନି। ଏଥିପାଇଁ ଦି ଭାଇ ବର୍ଷା ଦିନେ ବିଲକୁ ଯାଇପାରୁନାହାନ୍ତି। ଏ ଚତୁରି ମାସରେ କାମ ନଥିବାକୁ ଘରର ଅବସ୍ଥା ଖରାପ। ଗୁହାଳ ଭଳି ଦିଟି ଝାଟିମାଟି ଘରେ ଦି ଭାଇଙ୍କ ପରିବାର ଆଶ୍ରୟ ନେଇଛି। ବର୍ଷା ଅସରାଏ ହେଲେ ଘର ଭିତରେ ପାଣି ପଶୁଛି। ପଇସା ଅଭାବ ଯୋଗୁ ଏଥର ଛପର କରିପାରିଲେନି। ଏଣୁ ପଲିଥିନ୍ ହିଁ ଏକମାତ୍ର ସାହାଭରସା। ମାଙ୍କଡ଼ଙ୍କ ଉପଦ୍ରବରେ ସେଟା ବି ଫୁଟିଗଲାଣି। ସେପଟେ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାକୁ ଦୁଇ ଭାଇ କେତେ ଯେ ଗୁହାରି କରିଛନ୍ତି ତାର ହିସାବ ନାହିଁ। ତାଙ୍କ ଆଖି ଆଗରେ ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କା ଘର, ମୋ କୁଡ଼ିଆ, ନିର୍ମାଣ ଶ୍ରମିକ ଆବାସ, ପ୍ରଧାନମନ୍ତ୍ରୀ ଆବାସ ଆଉ ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରଚଳନ ହୋଇଛି। ହେଲେ କୌଣସି ଯୋଜନା ଯାଙ୍କୁ ଛୁଇଁ ପାରିଲାନି। ସବୁଥର ନିର୍ବାଚନ ପୂର୍ବରୁ ସରପଞ୍ଚ, ସମିତି ସଭ୍ୟ, ବିଧାୟକ ଓ ଅନ୍ୟ କର୍ମୀ ପ୍ରତିଶ୍ରୁତି ଦିଅନ୍ତି ଘରଟିଏ ଦେବାକୁ ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ମିଳି ପାରିଲାନି। ସେପଟେ ରବୀନ୍ଦ୍ରଙ୍କୁ ମହାବାତ୍ୟା ପରେ ପରେ ୨୨୦୦୦ ଟଙ୍କିଆ ଘର ଖଣ୍ଡେ ମିଳିଥିଲା। ସେତେବେଳେ ସେହି ଆଜ୍‌ବେଷ୍ଟସ୍ ଘର ସିନା ନଷ୍ଟ ହୋଇଗଲାଣି। ହେଲେ ତାଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିଲାନି। ସରକାରୀ ଆବାସ ଯୋଜନାରେ ଘର ଯୋଗାଇଦେବା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ସର୍ଭେ ହୋଇ ଦୁଇ ଭାଇଙ୍କ ନାଁ ଯାଇଛି। ଆବାସ ଯୋଜନାରେ ଘର ମଞ୍ଜୁର ହେଲେ ତାଙ୍କୁ ମିଳିବ।



# 'ବାଣୀବିହାର-୮୦'ର ସ୍ୱତନ୍ତ୍ର ସାଧାରଣ ବୈଠକ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବାଣୀବିହାର ୮୦ର ସ୍ୱତନ୍ତ୍ର ସାଧାରଣ ବୈଠକ ସମ୍ପାଦକ ଆଶୁତୋଷ ଦାଶଙ୍କ ପଟିଆ ସ୍ଥିତ ବାସଭବନରେ ସଭାପତି ଡକ୍ଟର ପ୍ରତୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ୧୭ ଜଣ ସଭ୍ୟ ଓ ସଭ୍ୟା ଯୋଗଦାନ କରିଥିଲେ । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ଡିସେମ୍ବର ୧୪ ତାରିଖ ରବିବାର ଅନୁଷ୍ଠାନର ବାର୍ଷିକ ସାଧାରଣ ଅଧିବେଶନ ଓ ବନ୍ଧୁମିଳନ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଜନସେବା କାର୍ଯ୍ୟ ମଧ୍ୟ ନିୟମିତ କରିବାକୁ ମତ ପ୍ରକାଶ ପାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶରତ ଦାଶ, ପରେଶ ମହାନ୍ତି, ବିକ୍ରମ ଦାସ, ଅବନୀକାନ୍ତ ମିଶ୍ର, ଅଲେଖ ନନ୍ଦୀ, ଚିତ୍ତରଞ୍ଜନ ପଣ୍ଡା, ସୁକାନ୍ତ ମହାନ୍ତି, ନିହାରୀକା ମିଶ୍ର, ଧରିତ୍ରୀ ରାୟ, ଘନଶ୍ୟାମ ଓଝା, ସମୀର ମିଶ୍ର, ସଂସାର ବିନ୍ଦୁ ପୃଷ୍ଟି, ଶିଶିର ପରିଡ଼ା ଓ ଦୁର୍ଗାଚରଣ ମଲ୍ଲ ଏହି ବୈଠକରେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ଶୁଭାରମ୍ଭ




ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ଫାଇଲେରିଆ ନିରାକରଣ ଅଭିଯାନ ଓ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଅଞ୍ଜେଲିନା ପ୍ରଧାନ ଓ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଉଷାରାଣୀ ଦାସଙ୍କ ଦ୍ୱାରା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ତର୍ଡା ସ୍ଥିତ ପି.ଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟରୁ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ତ୍ରିବିକ୍ରମ ପାଣ୍ଡିଆ, ଅନ୍ତାର୍ଡା ପି.ଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ, ବିକ୍ରମ କେଶରୀ ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଅଚ୍ୟୁତାନନ୍ଦ ସିଂହ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ, ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାର ଅଧିକାରୀ ଓ କର୍ମଚାରୀ ବୃନ୍ଦ ତଥା ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ଦ୍ୱୟ ଫାଇଲେରିଆ ରୋଗର କାରଣ, ସଂକ୍ରମଣ, ପ୍ରତିଷେଧକ, ନିରାକରଣ ଓ ସାମୂହିକ ଔଷଧ ସେବନ ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବିଶଦ ଭାବରେ ଅବଗତ କରିଥିଲେ। ଅତିଥିମାନେ ସର୍ବପ୍ରଥମେ ନିଜେ ଔଷଧ ସେବନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଔଷଧ ସେବନ କରାଇଥିଲେ ଓ ଏହି ଔଷଧ ସେବନର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥିବା ବିଷୟ ସମସ୍ତଙ୍କୁ ଜଣାଇଥିଲେ। ଏହି ଅବସରରେ ଅତିଥି ମାନେ ପରାମର୍ଶ ଦେଇଥିଲେ ଯେ ନିଜେ ଔଷଧ ସେବନ କରିବା ସଙ୍ଗେ ସଙ୍ଗେ ପରିବାରର ସମସ୍ତଙ୍କୁ ଔଷଧ ସେବନ କରାଇବେ, ଫଳରେ ଫାଇଲେରିଆ ରୋଗର ନିରାକରଣ କରାଯାଇପାରିବ। ଏହି କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଓ ବିନିକା ପଞ୍ଚାୟତ ସମିତିର ଗ୍ରାମାଞ୍ଚଳ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ସହରାଞ୍ଚଳ ଯଥା ସୋନପୁର ପୌର ପରିଷଦ, ତରଭା ଓ ବିନିକା ବିଜ୍ଞାପିତ ଅଞ୍ଚଳ, ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ପଞ୍ଚାୟତ ସମିତି ଅଞ୍ଚଳର ସମସ୍ତ ଗ୍ରାମର ପ୍ରତ୍ୟେକ ପରିବାରର ସମସ୍ତ ଯୋଗ୍ୟ ଜନସାଧାରଣଙ୍କୁ ପ୍ରଶିକ୍ଷିତ ଡ୍ରଗ ପ୍ରଶାସକ ମାନଙ୍କ ଦ୍ୱାରା ଫାଇଲେରିଆ ଔଷଧ ସେବନ କରାଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଅଧିକାରୀ, ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ, ସୁବର୍ଣ୍ଣପୁର, ଜାକବ କିମସନ୍ ପ୍ରଧାନ ପରିଚାଳନା କରିଥିଲେ। ପରେ ପରେ ତରଭା ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ୱାର୍ଡ ସଂଖ୍ୟା ୧୧ ଅନ୍ତର୍ଡା ଠାରେ ତରଭା ବିଜ୍ଞାପିତ ପରିଷଦର ୱାର୍ଡ ସଂଖ୍ୟା ୧୧ର ସଭ୍ୟା ସୁଜାତା ରଥଙ୍କ ଉପସ୍ଥିତିରେ ଅତିଥି ମାନଙ୍କ ଦ୍ୱାରା ଅନ୍ତର୍ଡା ପ୍ରହରୀ ମଣ୍ଡପ ଠାରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଫାଇଲେରିଆ ଔଷଧ ସେବନ କରାଯାଇଥିଲା ।

# ବିଜେଡ଼ିର ରାଇଘର ବନ୍ଦ ଡାକରା ସଫଳ:ମୃତ ନର୍ସିଂ ଛାତ୍ରୀଙ୍କ ପରିବାରକୁ ମିଳିଲା ଆର୍ଥିକ ସହାୟତା

ରାଇଘର, ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ଦିନ ଧରି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରିମୁଣ୍ଡା ଗ୍ରାମର ନର୍ସିଙ୍ଗ ଛାତ୍ରୀ ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ମୃତ୍ୟୁବରଣ କରିଥିଲେ। ଦୀର୍ଘ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ହେଲେ ମଧ୍ୟ ବିଜେଡି କର୍ମୀ ଓ ଛାତ୍ରୀଙ୍କ ପରିବାର ଲୋକେ ମୃତ ଶରୀର ରଖି ପ୍ରତିବାଦ କରିଥିଲେ। ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରାରେ ଗାଡି ମଟର ଅଖ ଚକ ବନ୍ଦ ରହିବା ସହ ଦୋକାନ ବଜାର ବନ୍ଦ ରହିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ଏକ ଲକ୍ଷ ଟଙ୍କା, ବିଧାୟକଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଏକ ଲକ୍ଷ, ଜିଲ୍ଲାପାଳଙ୍କ ଚିଠି ଜରିଆରେ ପାଞ୍ଚ ଲକ୍ଷ, ରେଡ୍‌କ୍ରସ୍ ପକ୍ଷରୁ ୩୦୦୦୦ ଟଙ୍କା, ଆବାସ ଯୋଜନାରେ ଘର ସାନଭାଇକୁ ଆସ୍ଥାୟୀ ଚାକିରୀ ନିମନ୍ତେ ପ୍ରତିଶୃତି ଦେବା ପରେ ଶବ ଦାହ କରାଯାଇଥିଲା ।



# ଆଇନ୍ ସେବା ପ୍ରାଧିକରଣ ମାଧ୍ୟମରେ ସୁନାଗରିକ ହେବାକୁ ପିଲାମାନଙ୍କୁ ପରାମର୍ଶ



ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ୍ ଲିଟରାସି କ୍ଲବ ଗୁଜିଦରଡ଼ା ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ପିଲାମାନଙ୍କୁ ମାନବଚାଲାଣ (ଦାଦନ), ଯୌନ ଶୋଷଣରେ ଶିକାର ହେଉଥିବା ପିଲାମାନଙ୍କ ନିମନ୍ତେ ଥିବା ଆଇନ୍, ନିଶା ସେବନର ଅପକାରିତା ତଥା ନିଶା ମୁକ୍ତ ନିମନ୍ତେ ସଚେତନତା ମୂଳକ ଶୈକ୍ଷଣୀୟ ତଥ୍ୟ, ମଧ୍ୟସ୍ଥତା ମାଧ୍ୟମରେ କିପରି ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରରେ ଉଭୟ ପକ୍ଷଙ୍କୁ ଡକାଯାଇ ସେମାନଙ୍କର ସମସ୍ୟାକୁ ସମାଧାନ କରାଯାଉଛି ତାହା ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ବୁଝାଇଥିଲେ। ନାଲସା ହେଲ୍‌ପ ଲାଇନ୍ ନମ୍ବର ୧୫୧୦୦ର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସଚେତନତା କରାଇବା ପାଇଁ ଅତିଥି ବୃନ୍ଦ ପ୍ରଫେସର ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ, ଚାନ୍ଦବାଲି କଲେଜ, ଭଦ୍ରକ, ତାପସ କୁମାର ମହାନ୍ତି, ସହକାରୀ, ଏଲ୍.ଏ.ଡି.ସି.ଏସ୍, ଭଦ୍ରକ, ପଙ୍କଜ କୁମାର ସାହୁ, ମୁଖ୍ୟ ପରିଚାଳକ, ବିରଞ୍ଚି ନାରାୟଣ ମହାନ୍ତି, ନିୟୁଲାଇଫ ନିଶା ନିବାରଣ ଓ ଅନୁସନ୍ଧାନ କେନ୍ଦ୍ର, ହଳଦିଡିହ, ବାଇପାସ୍, ଭଦ୍ରକ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ, ଗୁଜିଦରଡ଼ା ଉଚ୍ଚ ବିଦ୍ୟାଳୟ, ଭଦ୍ରକ ସ୍କୁଲ୍ ଲିଗାଲ୍ ଲିଟରାସି କ୍ଲବର ଭାରପ୍ରାପ୍ତ ଶିକ୍ଷକ ଅଜମଲ ହୋସେନ ଖାନ, ତଥା ଏହି ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଏବଂ ୧୦୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରି ସଫଳ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଜଣେ ସୁ-ନାଗରିକ ତଥା ସୁ-ଶିକ୍ଷିତ ହେବା ପାଇଁ ବାର୍ତ୍ତା ଦିଆଯାଇଥିଲା।

# ବରିଷ୍ଠ ବିଜେଡ଼ି ନେତା ବଟକୃଷ୍ଣ ପଣ୍ଡାଙ୍କ ପରଲୋକ

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳ ବରିଷ୍ଠ ନେତା ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସମ୍ପାଦକ ବଟକୃଷ୍ଣ ପଣ୍ଡାଙ୍କ ୬୯ ବର୍ଷ ବୟସରେ ବିୟୋଗ ଘଟିଛି । କୌଣସି ଏକ ରୋଗରେ କିଛି ମାସ ପୀଡିତ ଥିଲେ । ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ ରାଜନୈତିକ କ୍ୟାରିୟର ଆରମ୍ଭ କରି ସେ ବିଜେଡ଼ିର ଜଣେ ଟାଣୁଆ ନେତା ଭାବେ ବେଶ୍ ପରିଚିତ ଥିଲେ । ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରତିନିଧି ଭାବେ କାର୍ଯ୍ୟ ତୁଲାଇଥିଲେ । ରାଜପୁର ସେବା ସମବାୟ ସମିତିର ଚାରିଥର ସଭାପତି, ସ୍ୱର୍ଗତ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ଦଶନ୍ଧି ଧରି ସମିତି ସଭ୍ୟ/ସରପଞ୍ଚ ବିଜେଡି ଅକ୍ତିଆରରେ ରଖିଥିଲା । ତାଙ୍କ ବିୟୋଗରେ ବିଜେଡ଼ି ଜଣେ ଟାଣୁଆ ନେତାକୁ ହରାଇଲା ବୋଲି ଗଞ୍ଜାମ ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିୟୋଗ ଖବରପାଇ ବିଜେଡ଼ି ଛତ୍ରପୁର ବ୍ଲକ ସଭାପତି ପ୍ରଭାସି ନାହାକ, ଯୁବ ନେତା ବିମଳ ପଣ୍ଡା, ସରପଞ୍ଚ ରଞ୍ଜନ ପଲାଇ, ସମିତି ସଭ୍ୟ ମଳୟ ଦାସ, ପୂର୍ବତନ ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ମଣ୍ଟୁ ପଣ୍ଡା, ବିଦେଶୀ ବ୍ରହ୍ମା, ଗନ୍ଧି ଗୌଡ଼ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ ।

## ସୁବର୍ଣ୍ଣପୁର ଠାରେ ଓଡ଼ିଶା ଅମଳା ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ରାଜସ୍ୱ ଅମଳା ସଂଘର କାର୍ଯ୍ୟ ବନ୍ଦ ଡାକରାରୁ ଓଡ଼ିଶା ଅମଳା ସଂଘ ଦୂରେଇ ରହିବ




ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଅଣ ଗେଜେଟେଡ କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ ଓଡ଼ିଶା ଅମଳା ସଂଘ ଜିଲ୍ଲା ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ରାଜସ୍ୱ ଅମଳା ସଂଘର କାର୍ଯ୍ୟ ବନ୍ଦ ଡାକରାରେ ଓଡ଼ିଶା ଅମଳା ସଂଘ ଦୂରେଇ ରହି ସ୍ୱାଭାବିକ ଭାବେ ଜିଲ୍ଲା ତଥା ସାରା ରାଜ୍ୟରେ ସରକାରୀ କାର୍ଯ୍ୟ ଜାରି ରଖିବାକୁ ନିଷ୍ପତ୍ତି ଗ୍ରହଣ କରିଛି ଓଡ଼ିଶା ଅମଳା ସଂଘ ଓ ରାଜସ୍ୱ ଅମଳା ସଂଘର କେଉଁ ଦାବି ବା ସ୍ୱାର୍ଥ ପାଇଁ ତାକୁ ଓଡ଼ିଶା ଅମଳା ସଂଘର ସମର୍ଥନ ଦରକାର ତାରି ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଏହି ସମ୍ମିଳନୀରେ ସଂଘର ରାଜ୍ୟ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ ପ୍ରକାଶ କରିଛନ୍ତି । ଓଡ଼ିଶା ଅମଳା ସଂଘ ରାଜ୍ୟର ଏକ ସର୍ବ ପୁରାତନ ଏବଂ ବୃହତ୍ତମ ସଂଘ, ଯାହାର ସଭ୍ୟ ରାଜ୍ୟରେ ସମସ୍ତ ଜିଲ୍ଲାର ରାଜସ୍ୱ ବିଭାଗ ସହ ସବୁ ବିଭାଗରେ କାର୍ଯ୍ୟରତ । ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରାଇବାରେ ଏହି ଜିଲ୍ଲାସ୍ତରୀୟ ଅମଲାଙ୍କ ପ୍ରମୁଖ ଭୂମିକା ଥାଏ । କିନ୍ତୁ ଜିଲ୍ଲା ଅମଳା ରାଜ୍ୟରେ ଅବହେଳିତ ଏବଂ ନିଷ୍ପେସିତ । ଏକମାତ୍ର ଦାବି ୨୦୧୭ ମସିହାରୁ ପ୍ରଚଳିତ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହାରରେ ଲେବୁଲ-୯ ଦରମା ପ୍ରଦାନ, ୨୦୧୯ ମସିହାରେ ଜିଲ୍ଲାସ୍ତରୀୟ ଅମଲାଙ୍କ ପାଇଁ ପ୍ରଣୟନ ହୋଇଥିବା କ୍ୟାଡ଼ର ଆଇନ ଯଥା ଜିଏ, ଓ ପିଜି ବିଭାଗ ରେଜୁଲେସନ୍ ନମ୍ବର ୫୬୨୨ ତା ୨୦-୦୨-୨୦୧୯କୁ ତୁରନ୍ତ ଲାଗୁ ଓ ଏମାନଙ୍କୁ ପଦୋନ୍ନତିରୁ ବଞ୍ଚିତ ନକରିବା ଓ ଜିଲ୍ଲା ସ୍ତରରେ ଏ ନିୟମ ଅନୁଯାୟୀ ପ୍ରତି ଚାରି ବର୍ଷରେ ପରବର୍ତ୍ତୀ ପଦୋନ୍ନତି ଦିଆଯାଇ ପ୍ରମୋସନ୍ କ୍ଷେତ୍ରରେ ଅମଲାଙ୍କ ପାଇଁ ସଂରକ୍ଷିତ କରିବା, କ୍ୟାଡ଼ର ରୁଲ୍‌କୁ ପୁନଃ ଲାଗୁ କରାଯାଇ ଅମଲାଙ୍କୁ ଗୋଟାଏ କ୍ୟାଡ଼ର କରିବା ପ୍ରମୁଖ ଦାବି ନେଇ ରାଜ୍ୟ ସାରା ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ସୂଚନା ଦେଇଥିବା ବିଷୟ ପ୍ରକାଶ କରିଛନ୍ତି ଓ ରାଜସ୍ୱ ଅମଳା ସଂଘର ଏଭଳି ଡିଭାଇଡ ରୁଲ୍‌କୁ ସଂଘ ନାପସନ୍ଦ କରିଥିବା କହିଛନ୍ତି । ଓଡ଼ିଶା ଅମଳା ସଂଘର ଗତ ତା.୦୬.୦୪.୨୦୨୫ କାର୍ଯ୍ୟକାରିଣୀ ପରିଷଦର ନିଷ୍ପତ୍ତି ମୁତାବକ ତା.୧୦.୦୬.୨୦୨୫ ଠାରୁ ରାଜଧାନୀ ଭୁବନେଶ୍ୱରରେ ସଚିବାଳୟ ସମ୍ମୁଖରେ ଧାରଣାରେ ବସିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ସରକାରଙ୍କର ପରାମର୍ଶ କ୍ରମେ ସ୍ଥଗିତ ରଖାଯାଇଛି । ଭବିଷ୍ୟତରେ ପୁନଶ୍ଚ ଏକ ବିରାଟ ଆନ୍ଦୋଳନକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଯେ ଯୁକ୍ତ ସମ୍ମତ ଦାବି ପୂରଣ ପାଇଁ ତୁରନ୍ତ ହସ୍ତକ୍ଷେପ କରି ତୁରନ୍ତ ଓଡ଼ିଶା ଅମଳା ସଂଘର କର୍ମକର୍ତ୍ତାଙ୍କ ସହିତ ଏକ ବୈଠକର ଆୟୋଜନ କରି ଏହାର ଆଶୁ ସମାଧାନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଚିତ୍ତ ରଞ୍ଜନ ତରାସିଆଙ୍କ ସମେତ ଜିଲ୍ଲା ସଭାପତି ଜୟଦ୍ରଥ ଜଗଦଲା, ଯୋଗେନ୍ଦ୍ର ସେଠୀ, ଭଗ୍ୟଧର ପଣ୍ଡା, ବଳରାମ ଖେତି, କମଳ ରାଜହଂସ ସୁଧାଂଶୁ ସ୍ୱାଇଁ, ଉମାଶଙ୍କର ହୋତା, ସୌମ୍ୟା ବରିହା, ସମୀକ୍ଷା ପୁରୋହିତ, ସୁରେନ୍ଦ୍ର ନାୟକ, ସୁଜିତ ଜଗଦଲା, ବଳରାମ କ୍ଷେତୀ, ରାଧାନାଥ ହୋତା, ଆକାଶ ତ୍ରିପାଠୀ, ଗିରିଶ ଦାଶ, ସରୋଜ ମେହେର, ଅଶୋକ ଗଡତିଆ, ଶିବ କୁମ୍ଭାର, ହରି ଗୋବିନ୍ଦ ଆଚାର୍ଯ୍ୟ, ଅଶ୍ୱିନୀ କର୍ମୀ, ଦେବେନ୍ଦ୍ର ଷଡଙ୍ଗୀ ପ୍ରମୁଖ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ସମ୍ ହସ୍ପିଟାଲ୍-୨ରେ ବିରଳ:ଗୁରୁତ୍ୱପୂର୍ଣ୍ଣ ଶ୍ୱାସନଳୀ ଅସ୍ତ୍ରୋପଚାର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ



ଆଧୁନିକ ଚିକିତ୍ସା ଏବଂ ଦଳଗତ କାର୍ଯ୍ୟର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍, କ୍ୟାମ୍ପସ୍-୨ର ଡାକ୍ତରମାନେ ଜଣେ ୪୦ ବର୍ଷୀୟ କର୍କଟ ରୋଗୀଙ୍କ ରୁଦ୍ଧ ଶ୍ୱାସନଳୀକୁ ସଫଳତାର ସହ ଉନ୍ମୁକ୍ତ କରି ଉଦାହରଣ ସୃଷ୍ଟି କରିଛନ୍ତି । ରୋଗୀଙ୍କ ଡାହାଣ ପାର୍ଶ୍ୱ ମୁଖ୍ୟ ବ୍ରୋଙ୍କସ ସମ୍ପୂର୍ଣ୍ଣ ଅବରୋଧ ହେତୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲା । କଟକ ଜିଲ୍ଲା ନିଆଳୀର ବାସିନ୍ଦା ଏହି ରୋଗୀ ୨୦୨୪ ମସିହାରେ ଜିଭ କର୍କଟ ରୋଗ ନିମନ୍ତେ ଅସ୍ତ୍ରୋପଚାର, କେମୋଥେରାପି ଏବଂ ରେଡିଏସନ୍ ଥେରାପି ମଧ୍ୟ ଦିଆଯାଇଥିଲା । ତେବେ ଗତ ଦୁଇ ମାସ ମଧ୍ୟରେ ତାଙ୍କର ଶ୍ୱାସକ୍ରିୟାରେ କ୍ରମଶଃ ଅସୁବିଧା ଉପୁଜିବା ସହ ଅଧିକ ମାତ୍ରାରେ କାଶ ହେବା ଆରମ୍ଭ ହୋଇଥିଲା । ଅଗଷ୍ଟ ୧ ତାରିଖରେ ତାଙ୍କୁ ହସ୍ପିଟାଲ୍‌ର ପଲମୋନାରୀ ମେଡିସିନ୍ ବିଭାଗରେ ଭର୍ତ୍ତି କରାଯିବା ସମୟରେ ତାଙ୍କ ଶରୀରରେ ଅମ୍ଳଜାନର ମାତ୍ରା ବିପଦଜନକ ଭାବରେ କମି ଯାଇ ୮୪ ପ୍ରତିଶତକୁ ଖସି ଆସିଥିଲା । ଛାତିର ଏକ ସିଟି ସ୍କାନ୍ ଦ୍ୱାରା ବାଇଲେଟରାଲ ହିଲାର୍ ଲଙ୍ଗ ମାସେସ୍ ଥିବା ଜଣାପଡ଼ିଥିଲା । ସେହିପରି ଭିଡିଓ ବ୍ରୋଙ୍କୋସ୍କୋପି ରିପୋର୍ଟରେ ଟ୍ୟୁମର ବୃଦ୍ଧି ଦ୍ୱାରା ଡାହାଣ ମୁଖ୍ୟ ବ୍ରୋଙ୍କସ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା । ଯାହା ଡାହାଣ ଫୁସ୍‌ଫୁସ୍ ନିମନ୍ତେ ବାୟୁ ପ୍ରବାହକୁ ବନ୍ଦ କରିଦେଇଥିବା ଜଣାପଡ଼ିଥିଲା । ରୋଗୀଙ୍କ ପରିସ୍ଥିତି ଜଟିଳ ହେବାରୁ ଡାକ୍ତରୀ ଦଳ ସେଣ୍ଟ୍ରାଲ୍ ଏୟାରୱେ ଟ୍ୟୁମର୍ ଡିବଲକିଂ- ଯାହାକି ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା କରିବାକୁ ନିଷ୍ପତି ନେଇଥିଲେ । ଅସ୍ତ୍ରୋପଚାରର ଦୁଇଟି ପର୍ଯ୍ୟାୟରେ ପ୍ରଥମେ ଅଗଷ୍ଟ ୨ ଏବଂ ଦ୍ୱିତୀୟ ଥର ପାଇଁ ଅଗଷ୍ଟ ୭ରେ କରାଯାଇଥିଲା । ସାଧାରଣ ଆନେସ୍ଥେସିଆ ପ୍ରୟୋଗ ତଥା ଅତ୍ୟାଧୁନିକ କ୍ରାୟୋ ପ୍ରୋବ୍ ଏବଂ ଇଲେକ୍ଟ୍ରୋସ୍ନେର ଟେକ୍ନୋଲୋଜି ବ୍ୟବହାର କରି ଅତି ସାବଧାନତାର ସହିତ ଏହି ଉପଚାର କରାଯାଇ ଟ୍ୟୁମରକୁ ବାହାର କରାଯିବା ସହ ଶ୍ୱାସନଳୀକୁ ପୁନଃ ଉନ୍ମୁକ୍ତ କରାଯାଇଥିଲା । ଅସ୍ତ୍ରୋପଚାର ପରେ ରୋଗୀଙ୍କ ଶରୀରରେ ଅମ୍ଳଜାନର ମାତ୍ରା ୯୮ ପ୍ରତିଶତକୁ ବୃଦ୍ଧି ପାଇଥିଲା । 'ଯେତେବେଳେ ଶ୍ୱାସନଳୀ ସମ୍ପୂର୍ଣ୍ଣ ଭାବରେ ଅବରୋଧିତ ହୋଇଯାଏ, ପ୍ରତ୍ୟେକ ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ଏହିପରି ପାର୍ଥକ୍ୟ ସୃଷ୍ଟିକାରୀ ସଫଳ ଚିକିତ୍ସା କରିବା ସମ୍ଭବପର ଅଟେ', ବୋଲି ପଲମୋନାରୀ ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଏବଂ ଏହି କ୍ଷେତ୍ରରେ ମୁଖ୍ୟ ସର୍ଜନ ଡାକ୍ତର ସ୍ୱଦେଶ କୁମାର ମହାନ୍ତି କହିଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅଗଷ୍ଟ ୨୦୨୫ ବୁଧବାର





## ଐତିହାସିକ ଯୋଗିନୀ ପୀଠର ବିକାଶ ପାଇଁ

# ୮୭,୯୩,୨୮,୦୦୦ ଟଙ୍କାର ପ୍ୟାକେଜ୍ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକର ଉପାନ୍ତ ଇଲାକାରେ ଥିବା ଐତିହାସିକ ଯୋଗିନୀ ପୀଠ ରାଣିପୁର ଝରିଆଲକୁ ପରିଦର୍ଶନ କରିଥିଲେ ଉପ ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା । ଏହା ପୂର୍ବରୁ ପରିଡାଙ୍କୁ ସିନ୍ଧେକେଲା ଶିବ ମନ୍ଦିର ଠାରେ ବିଜେପି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କଳସ ଦ୍ୱାରା ସ୍ୱାଗତ କରିଥିଲେ । ଏହି ଅବସରରେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା, ପୂର୍ବତନ ସଭାପତି ଶିବାଜୀ ମହାନ୍ତି, ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁ ବାଲା ବେହେରା, ବଙ୍ଗୋମୁଣ୍ଡା ବ୍ଲକ ସାଂସଦ ପ୍ରତିନିଧି ଅନିଲ ନାଏକ, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଦାମ ସୁନା, ବିଜେପି ମଣ୍ଡଳ ସଭାପତି ନରେନ୍ଦ୍ର ରଣା, ପରମା ସାହୁ, ଜଗନ୍ନାଥ ବେହେରା, ମୁନିରାମ ନାଗ, କହ୍ନେୟା ଜୈନ, ନୌରାଜ ରଣା, ହେମନ୍ତ ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ । ପରେ ଏକ ତ୍ରିରଙ୍ଗା ବାଇକ୍ ରାଲିରେ ଉପ ମୁଖ୍ୟମନ୍ତ୍ରୀ ବିଜେପି କର୍ମୀମାନଙ୍କ ସହ ରାଣୀପୁର ଝରିଆଲ ପହଞ୍ଚି ୬୪ ଯୋଗିନୀ ମନ୍ଦିର ପରିଦର୍ଶନ ସହ ସୋମେଶ୍ୱର ବାବାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ରାଣିପୁର ଝରିଆଲର ଉନ୍ନତି ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଡିପିଆର୍ ଦେଖିଲେ ଉପମୁଖ୍ୟମନ୍ତ୍ରୀ । ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପର ବିଭାଗୀୟ ଅଧିକାରୀ ମାନଙ୍କ ସହ ଉପସ୍ଥିତ ରହି ସମୀକ୍ଷା କରିଥିଲେ । ତାଙ୍କ ସହ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ସହ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପୀଠର ଉନ୍ନତି ପାଇଁ ୮୭ କୋଟି ୯୩ ଲକ୍ଷ ୨୮ ହଜାର ଟଙ୍କା ଘୋଷଣା କରିଥିବା ବେଳେ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଡବଲ୍ ଇଞ୍ଜିନ୍ ବିଜେପି ସରକାରକୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଉନ୍ନତି କରିବା ପାଇଁ ପ୍ୟାକେଜ୍ ଘୋଷଣା କରିବା ସହ ପର୍ଯ୍ୟଟକମାନେ ଏହି ଐତିହାସିକ ଯୋଗିନୀ ପୀଠକୁ ସଫା ସୁତୁରା ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ମନ୍ଦିର କମିଟି ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନିଲ ତ୍ରିପାଠୀ ସହ ସମସ୍ତ ସଦସ୍ୟ, ବଲାଙ୍ଗୀର ପର୍ଯ୍ୟଟନ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ, ଟିଟିଲାଗଡ଼ ଉପଜିଲ୍ଲାପାଳ, ବଙ୍ଗୋମୁଣ୍ଡା ବିଡ଼ିଓଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ୍ ହୋଇଥିଲେ ।



# ବେଆଇନ୍ ଶିକ୍ଷକ ବଦଳି ମାମଲାକୁ ଗୁରୁତ୍ୱର ସହ ନେଲେ ହାଇକୋର୍ଟ




**କଟକ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଭାବେ ଶିକ୍ଷକଙ୍କ ବଦଳି କରାଯାଉଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତର ସହିତ ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ସ୍କୁଲ୍‌ରେ ୨୦୨୫, ଅଗଷ୍ଟ ୧ ତାରିଖ ସୁଦ୍ଧା ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ (ପିଟିଆର୍) ସମ୍ପର୍କିତ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେତେ ଶିକ୍ଷକ ପଦବି ଖାଲି ରହିଛି ଓ ଏହି ପଦପୂରଣ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ତଥ୍ୟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ସୀତାକାନ୍ତ ସାମଲଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି ଯେ ବହୁ ସମୟରେ ସ୍କୁଲ୍‌ରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବା ସ୍କୁଲରୁ ଶିକ୍ଷକଙ୍କୁ ଅନ୍ୟ ସ୍କୁଲ୍‌କୁ ବଦଳି କରାଯାଉଛି। ଏଥିସହିତ ବଦଳି ଗାଇଡ୍‌ଲାଇନ୍ ଅନୁସାରେ ଶିକ୍ଷକଙ୍କ ଗୋଟିଏ ସ୍କୁଲ୍‌ରେ ଅବଧି ପୂରଣ ହେବା ପୂର୍ବରୁ ଅନ୍ୟତ୍ର ବଦଳି କରାଯାଉଛି। ଏଭଳି ସ୍ଥିତିରେ ବହୁ ସ୍କୁଲ୍‌ରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ବଜାୟ ରଖାଯାଇ ପାରୁନାହିଁ। ଏହା ଦ୍ୱାରା ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି। କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷା ନୀତିରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ଧାର୍ଯ୍ୟ କରାଯାଇଛି। ବଢୁଥିବା ଶିଶୁଙ୍କୁ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷା ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛି। ପ୍ରସିଦ୍ଧ ପୁସ୍ତକ 'ଗୋଲଡେନ୍ ଅପର୍ଚ୍ୟୁନିଟି'ରେ ଏହି ପ୍ରସଂଗରେ ଆଲୋଚନା କରାଯାଇଛି। ଶିକ୍ଷା ଅଧିକାର ସମ୍ବିଧାନର ଧାରା ୨୧ର ଅଂଶବିଶେଷ ବୋଲି ସୁପ୍ରିମକୋର୍ଟଙ୍କ ରାୟ ରହିଛି। ଏଭଳି ସ୍ଥିତିରେ ପ୍ରଶାସନରେ ଏଭଳି ଅଭାବକୁ କୋର୍ଟ ଜାଣିଶୁଣି ଅଣଦେଖା କରିପାରିବେନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହିତ ସାରା ରାଜ୍ୟରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ପ୍ରସଂଗରେ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାପୁଜୀ ସରକାରୀ ହାଇସ୍କୁଲ୍‌ରେ କାର୍ଯ୍ୟରତ ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କୀ ବ୍ଲକ ଅଧିନ ବାଉଁଶପୁର ସରକାରୀ ହାଇସ୍କୁଲ୍‌କୁ ବଦଳି ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ପ୍ରଦାନ କରିଛନ୍ତି। ବର୍ତ୍ତମାନ କାର୍ଯ୍ୟରତ ସ୍କୁଲ୍‌ରେ ଆବେଦନକାରୀ କାର୍ଯ୍ୟ ଜାରି ରଖିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରୀ, ବାପୁଜୀ ହାଇସ୍କୁଲ୍ ପ୍ରଧାନ ଶିକ୍ଷକଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାପୁଜୀ ସରକାରୀ ହାଇସ୍କୁଲ୍‌ରୁ ବାଙ୍କୀ ବ୍ଲକର ବାଉଁଶପୁର ସରକାରୀ ହାଇସ୍କୁଲ୍‌କୁ ଆକ୍ରାଶମୂଳକ ଭାବେ ଜୁଲାଇ ୨୪ରେ ବଦଳି କରାଯାଇଥିବା ଦର୍ଶାଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି।

# ଭୋଟ ଚୋରି ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି:କଂଗ୍ରେସ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ଭାରତୀୟ ସମ୍ବିଧାନରେ ଭୋଟ ହେଉଛି ନାଗରିକର ଶକ୍ତି । ଭୋଟ ଦାନ ଅଧିକାର ମାଧ୍ୟମରେ ଜନଗଣ ନିଜର ସରକାର ଚୟନ କରିଥାନ୍ତି । ଭୋଟ ପରିଚାଳନା କରିବା ପାଇଁ ଭାରତରେ ନିର୍ବାଚନ କମିଶନ ଏକ ସର୍ବୋଚ୍ଚ ସାମ୍ବିଧାନିକ ଏବଂ ସ୍ୱୟଂ ଶାସିତ ସଂସ୍ଥା । ମାତ୍ର ବିଗତ କିଛି ବର୍ଷ ଧରି ଭାରତରେ ନିର୍ବାଚନ କମିଶନ ଏବଂ ବିଜେପି ସରକାର ମିଳିତ ଭାବରେ ଯେଉଁଭଳି ଭୋଟ ଚୋରି କରିବାର ପ୍ରମାଣ କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଗତ ଅଗଷ୍ଟ ୭ ତାରିଖ ଦିନ ପ୍ରେସ୍‌ମିଟ୍‌ରେ ଖୁଲାସା କରିଛନ୍ତି ତାହା ଦେଶବାସୀଙ୍କ ମୌଳିକ ଅଧିକାରକୁ ବିପର୍ଣ୍ଣ କରିଛି । ବର୍ତ୍ତମାନ ଭୋଟ ଚୋରି ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ବାରିପଦା ସର୍କିଟ୍ ହାଉସ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ ନେତା ତଥା ବିଧାୟକ ଅଶୋକ ଦାସ କହିଛନ୍ତି । ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିରୋଧୀଦଳ ନେତା ରାହୁଲ ଗାନ୍ଧିଜୀଙ୍କ ଗତ ସାଧାରଣ ନିର୍ବାଚନ ଓ ବିଭିନ୍ନ ରାଜ୍ୟ ନିର୍ବାଚନରେ ହୋଇଥିବା ଭୋଟ ଚୋରିର ଯେଉଁ ପର୍ଦ୍ଦାଫାଶ କରିଛନ୍ତି, ତାହାକୁ ନେଇ ମୟୁରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଭଳି ଡୁପ୍ଲିକେଟ୍ ଭୋଟର, ଫେକ୍ ଇନ୍‌ଭେଲିଡ଼୍ ଠିକଣା, ଇନ୍‌ଭେଲିଡ଼୍ ଫଟୋ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର, ଫର୍ମ -୬ (ନୂଆ ଭୋଟର ପଞ୍ଜିକରଣ) ଇତ୍ୟାଦି ୫ଟି ଉପାୟରେ କର୍ଣ୍ଣାଟକ ରାଜ୍ୟର ମହାଦେବପୁରା ନିର୍ବାଚନ ମଣ୍ଡଳୀରେ ଭୋଟ ଚୋରି କରାଯାଇଛି ତାହା ସ୍କ୍ରିନିଂ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ବରିଷ୍ଠ କଂଗ୍ରେସ ନେତା ଜ୍ୟୋତି ପ୍ରକାଶ ରଥ, ସୁସ୍ମିତା ଘୋଷାଲ, ପ୍ରଦୀପ ମିଶ୍ର, ଶିବାନନ୍ଦ ଦାସ, ମୋତି ପ୍ରକାଶ ଦାସ, ଦୀପକ ଦାସ, ମୀନ କେତନ ବେହେରା, ଅଶୋକ ଅଧିକାରୀ, ଚୈତନ୍ୟ ମାଝୀ, ଅଶୋକ ଗିରି, ସେକ୍ ଇକ୍‌ବାଲ୍, ଫରିଦା ତବସୁମ, ବିଶ୍ୱ ସିଂ, ଠାକୁରା ସୋରେନ, ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୋକାନରୁ ତେଜରାତି ସାମଗ୍ରୀ ଲୁଟି ନେଲେ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଥାନା ଦୋବଲ ବଜାରରେ ଥିବା ଦବିରୁଦ୍ଦିନ ଖାନଙ୍କ ତେଜରାତି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଦବିରୁଦ୍ଦିନ ଦୋକାନ ଖୋଲିବା ପାଇଁ ଆସି ଦେଖିବା ବେଳକୁ ତାଙ୍କ ଦୋକାନର ପଛପଟ ଝରକା ଓ ମଝିରେ ଥିବା କବାଟ ତାଲା ଭଙ୍ଗା ଯାଇଛି। ଦୋକାନରେ ଥିବା ତେଜରାତି ସଉଦା ସହିତ ବାକ୍ସରେ ଥିବା ନଗଦ ୧୦ ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ଡବିରୁଦ୍ଦିନ ଥାନାରେ ଅଭିଯୋଗ କରିବା ପରେ ପୋଲିସ, ବୈଷୟିକ ଦଳ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛନ୍ତି। ପ୍ରକାଶ ଯେ ମାସେ ହେଲା ଧାମନଗର ଥାନା ଅଞ୍ଚଳରେ ମଠ, ମନ୍ଦିର, ଦୋକାନ ଓ ଘରୁ ଚୋରି ବଢ଼ିବାରେ ଲାଗିଛି। ଅସାମାଜିକ କାର୍ଯ୍ୟ କଳାପ ମଧ୍ୟ ବୃଦ୍ଧି ପାଇଛି। ଚୋରା ମଦ ଠାରୁ ଆରମ୍ଭ କରି ଗଞ୍ଜେଇ ଓ ବ୍ରାଉନ୍ ସୁଗାର କାରବାର ବଢିଛି ହେଲେ ପୋଲିସ ପାଟ୍ରୋଲିଂ ନାହିଁ। ଫଳରେ ସାଧାରଣ ଲୋକ ଓ ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖାଦେଇଛି।






# 'ସଂଗ୍ରାମୀ ବଂଶୀଧର ଅନେକ ମହାପୁରୁଷଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସଂଗ୍ରାମୀ ବଂଶୀଧର ମିଶ୍ରଙ୍କ ଜୀବନ ଉପରେ ଅନେକ ମହାପୁରୁଷଙ୍କ ପ୍ରଭାବ ଦେଖିବାକୁ ମିଳେ। ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ଛଦ୍ମବେଶରେ ଚାଲିଯାଇଥିଲେ। ଶ୍ରୀଅରବିନ୍ଦଙ୍କ ଭଳି ସମ୍ପୂର୍ଣ୍ଣ ବାମପନ୍ଥୀ ଚିନ୍ତାଧାରାରୁ ମୁକ୍ତ ହୋଇ ଆଧ୍ୟାତ୍ମିକ ଚିନ୍ତାଧାରାକୁ ଫେରିଆସିଥିଲେ। ଓଡ଼ିଶା ଭଳି ସ୍ଥାନରୁ ଯାଇ ବିଶ୍ୱ ନାବିକ ସଂଘର ସାଧାରଣ ସଚିବ ଓ ବ୍ରିଟିସ୍ ଲେବର୍ ପାର୍ଟିରେ ସଦସ୍ୟ ହୋଇପାରିଥିଲେ। ଏଭଳି ଜଣେ ବିଶିଷ୍ଟ ବ୍ୟକ୍ତି ଭାରତକୁ ଫେରିବା ପରେ ତାଙ୍କୁ ଆମେ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିପାରିନାହୁଁ। ଏଣୁ ରାଜଧାନୀରେ ସ୍ୱର୍ଗତ ମିଶ୍ରଙ୍କୁ ସମ୍ମାନ ଜଣାଇ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ପାର୍କ ଓ ରାସ୍ତାକୁ ନାମକରଣ କରାଯିବାର ଆବଶ୍ୟକତା ରହିଛି। ବୁଦ୍ଧମନ୍ଦିର ସଭାଗୃହରେ ରନ୍‌ଚିରା ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ 'ସଂଗ୍ରାମୀ ବଂଶୀଧର: ଇତିହାସର ହଜିଲା ଖିଅ' ପୁସ୍ତକର ଉନ୍ମୋଚନ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କଥାକାର ଗୌରହରି ଦାସ ମତ ଦେଇଛନ୍ତି। ଉତ୍ସବରେ ସଭାପତିତ୍ୱ କରି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଲେ, ସ୍ୱର୍ଗତ ମିଶ୍ରଙ୍କ ଜୀବନୀ କୌଣସି ରୋମାଞ୍ଚ ଠାରୁ କମ୍ ନୁହେଁ। ତାଙ୍କ ଜୀବନୀକୁ ଆଧାର କରି ଉପନ୍ୟାସ, ନାଟକ ରଚନା ହୋଇପାରିବ ବୋଲି ମତ ରଖିଥିଲେ। ସଂଗ୍ରାମୀମାନଙ୍କ ଜୀବନୀ ଉତ୍ତରପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ବୋଲି ବିଶିଷ୍ଟ ସ୍ତମ୍ଭକାର ପ୍ରହ୍ଲାଦ ସିଂହ କହିଥିଲେ। ଗାଳ୍ପିକ ଦେବପ୍ରସାଦ ଦାଶ ଓ ଅଧାପକ ଜ୍ଞାନୀ ଦେବାଶିଷ ମିଶ୍ର ସ୍ୱର୍ଗତ ବଂଶୀଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୁସ୍ତକର ଲେଖିକା ପ୍ରଫେସର୍ ସଂଘମିତ୍ରା ମିଶ୍ର ଲେଖକୀୟ ଅଭିବ୍ୟକ୍ତି ବର୍ଣ୍ଣନା କରିଥିଲେ। ରନ୍‌ଚିରାର ସମ୍ପାଦିକା ସ୍ନେହଲତା ପୃଷ୍ଟି ମଞ୍ଚ ସଂଯୋଜନା କରିଥିଲା ବେଳେ ଅପରାଜିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ପୁସ୍ତକ ଉନ୍ମୋଚନ ସମୟରେ ପ୍ରକାଶକ କରୁଣାକର ପୃଷ୍ଟିଙ୍କ ସମେତ ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ।

# ସମୂହ ଛୁଟିରେ ଗଲେ ରାଜସ୍ୱ ଅମଲା

**କେନ୍ଦୁଝର, ନ୍ୟୁଜ୍**

ବିଭିନ୍ନ ଦାବି ନେଇ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନେ ୧୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ ବ୍ଲକ୍, ତହସିଲ, ଆସିଡିଏସ୍, ଆଇଟିଡିଏ ପ୍ରଭୃତି କାର୍ଯ୍ୟାଳୟର ରାଜସ୍ୱ ଅମଲାମାନେ ସମୁହଭାବେ ନିଜ ନିଜ କାର୍ଯ୍ୟାଳୟର ଅଧିକାରୀଙ୍କୁ ନିଜର ଛୁଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଅମଲାମାନେ, କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ, ଆନନ୍ଦପୁର ଉପଜିଲ୍ଲାପାଳ ଓ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ଅମଲାମାନେ ଏକତ୍ରୀତ ହୋଇ ସେମାନଙ୍କର ମୁଖ୍ୟ ଦାବି ଲେଭେଲ୍ ୯ ଓ ପଦବୀ ପୁନର୍ଗଠନ ନିମନ୍ତେ ଦାବି ଜଣାଇଛନ୍ତି।



# ଛୁଟି ଦିନ ପାଇଁ ଭୁଲିଗଲେ ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ଜୟନ୍ତୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ପଦ୍ମଶ୍ରୀ ଭି.ଭି. ଗିରିଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଥାଏ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଲା ନିଜ ଜନ୍ମମାଟି ତଥା ବ୍ରହ୍ମପୁରରେ ଥିବା ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଏହି ଅବସରରେ ଜୟନ୍ତୀ ପାଳିତ ହୋଇନାହିଁ । ଚଳିତ ବର୍ଷ ରବିବାର ଅର୍ଥାତ୍ ଛୁଟି ଦିନରେ ଭି.ଭି. ଗିରିଙ୍କ ଜୟନ୍ତି ପଡ଼ିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାହା ପାଳନ କରିନଥିବା ଦେଖିବାକୁ ମିଳିଛି । କେବଳ ବିଦ୍ୟାଳୟ କର୍ତ୍ତୃପକ୍ଷ ନୁହଁନ୍ତି ବରଂ ପ୍ରଶାସନ ମଧ୍ୟ ଭୁଲିଯାଇଛି ପୂର୍ବତନ ରାଷ୍ଟ୍ରପତିଙ୍କୁ । ସମଗ୍ର ଦେଶରେ ପୂର୍ବତନ ରାଷ୍ଟ୍ରପତି ପଦ୍ମଶ୍ରୀ ଭି.ଭି. ଗିରିଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ତାଙ୍କ ନିଜ ଜନ୍ମମାଟିରେ ହିଁ ତାଙ୍କୁ ଅବହେଳା କରାଯିବା ଚିନ୍ତା ଓ ପରିତାପର ବିଷୟ ହୋଇଛି । ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରଯାଇଛି । ସ୍ୱର୍ଗତ ଭି.ଭି. ଗିରିଙ୍କ ବାସଭବନରେ ନିର୍ମାଣ ହୋଇଥିବା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଭି.ଭି.ଗିରିଙ୍କ ଜୟନ୍ତୀ ଠାରୁ ସରକାରୀ ଛୁଟି ବଡ଼ ହୋଇଛି । ସ୍ୱର୍ଗତ ରାଷ୍ଟ୍ରନେତା ଭି.ଭି.ଗିରି ନିଜର ବହୁମୂଲ୍ୟ ୧୦୦ ଏକର ଜମିକୁ ବିଦ୍ୟାଳୟ ପାଇଁ ଉତ୍ସର୍ଗ କରିଥିବା ବେଳେ ଉକ୍ତ ବିଦ୍ୟାଳୟ ପରିସରରେ ବହୁ ଦାବି ସତ୍ତ୍ୱେ ଭି.ଭି. ଗିରିଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇପାରିଲାନାହିଁ । ସେହିପରି ଦେଶ ପାଇଁ ସ୍ୱାଧୀନତା ଆଣିଥିବା ପ୍ରତ୍ୟେକ ମହାପୁରୁଷଙ୍କ ଭାରତର ଅମୃତ ସନ୍ତାନ ବୋଲି ରାଜ୍ୟ ସରକାର ଦ୍ୱାହି ଦେଉଥିବା ବେଳେ ସେମାନଙ୍କ କଠିନ ପରିଶ୍ରମ, ନିଷ୍ଠା, ଆନ୍ତରିକତା, ସଦିଚ୍ଛା, ସାହସ, ତ୍ୟାଗ ଓ ବଳିଦାନକୁ ଏଭଳି ଭୁଲିଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି । ଏଭଳି ଘଟଣା ପରେ ବ୍ରହ୍ମପୁରରେ ଜନ୍ମିତ ମହାପୁରୁଷ ସ୍ୱର୍ଗତ ଭି.ଭି. ଗିରି ଯେମିତି ବର୍ତ୍ତମାନ ନିଜ ମାଟିରେ ଅଲୋଡ଼ା ହୋଇପଡ଼ିଥିବା ଭଳି ମନେ ହେଉଛି । ତେବେ ରବିବାର ଛୁଟିଦିନରେ ସ୍ୱର୍ଗତ ନେତାଙ୍କ ଜୟନ୍ତୀ ପଡ଼ିବାରୁ ଉତ୍ସବ ପାଳନ କରିବାରେ ସମସ୍ୟା ସୃଷ୍ଟି ହୋଇଥିବା ସ୍ୱୀକାର କରିଛନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା । କେବଳ ଭି.ଭି. ଗିରିଙ୍କ ନାମରେ ନାମିତ ବିଦ୍ୟାଳୟରେ ଜୟନ୍ତୀ ପାଳନ କ୍ଷେତ୍ରରେ ନୁହେଁ ବରଂ ତାଙ୍କର ବାସଭବନ ଥିବା ରାସ୍ତାକୁ ଯଦିଓ ସର୍ବସାଧାରଣ ଗିରି ରୋଡ୍ ଓ ସହରର ଅନ୍ୟତମ ପ୍ରମୁଖ ବଜାରକୁ ଗିରି ମାର୍କେଟ୍ ଭାବେ କୁହାଯାଉଛି ତେବେ କୌଣସି ସ୍ଥାନରେ ସ୍ୱର୍ଗତ ନେତା ତଥା ପୂର୍ବତନ ରାଷ୍ଟ୍ରପତିଙ୍କର ନାମଫଳକଟିଏ କିମ୍ବା ପ୍ରତିମୂର୍ତ୍ତିଟିଏ ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା କରାଯାଇନାହିଁ । ଯାହାକୁ ନେଇ ପୂଜ୍ୟପୂଜା ସମିତିର ସଭାପତି ଅବନୀ ଗୟା ଓ ଓଡ଼ିଆ ଭାଷା ଆନ୍ଦୋଳନର ସଭାପତି ଡ଼ା. ସାଗର ରଞ୍ଜନ ତ୍ରିପାଠୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।



# ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘର ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଅମଲା ସଂଘଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ଜିଲ୍ଲା ଅମଲା ସଂଘ ତରଫରୁ ୧୦ ଦଫା ଦାବି ନେଇ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣା ଦିଆଯାଇଛି । ଜିଲ୍ଲା ସଭାପତି ସୁକାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଏହି ଧାରଣାରେ ଜିଲ୍ଲାର ସମସ୍ତ ରାଜସ୍ୱ କର୍ମଚାରୀ ସାମିଲ୍ ହୋଇ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବସି ରହିଥିଲେ । ଦୀର୍ଘବର୍ଷ ହେଲା ଏମାନଙ୍କର ଦାବି ଗୁଡିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉନଥିବାରୁ ବାଧ୍ୟ ହୋଇ ଅମଲା ସଂଘ ତରଫରୁ ଧାରଣା ଦିଆଯାଇଛି। ୧୦ ଦଫା ଦାବି ଗୁଡିକ ମଧ୍ୟରୁ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାଇ ଲେବୁଲ୍-୯କୁ ବୃଦ୍ଧି କରାଯିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟ-। ୬୯୮, ତା-୦୬.୦୧.୨୦୧୪, ପତ୍ର ସଂଖ୍ୟା-୭୦୮, ତା-୦୬.୦୧.୨୦୨୪, ପତ୍ର ସଂଖ୍ୟା-୮୮୯୮, ତା-୧୩.୦୩.୨୦୨୪ ଅନୁଯାଇ ସମଗ୍ର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନଃଗଠନ କରାଯାଉ । ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦବୀକୁ ଏକତ୍ରୀକରଣ କରାଯାଇ କେବଳ ଏଏସ୍‌ଓ ରଖାଯାଉ ଏବଂ କନିଷ୍ଠ ରାଜସ୍ୱ ସହାୟକଙ୍କୁ ୪ ବର୍ଷ ରେସିଡେନ୍ସି ପିରିୟଡ ରଖାଯାଇ ଏଏସ୍‌ଓ ପଦବୀକୁ ପଦୋନ୍ନତି ଦିଆଯାଉ । ତହସିଲ କାର୍ଯ୍ୟାଳୟ ମାନଙ୍କରେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ମାମଲାକୁ ତ୍ୱରାନିତ୍ୱ କରାଯିବା ପାଇଁ ସେଠାରେ କାର୍ଯ୍ୟରତ ରାଜସ୍ୱ ସହାୟ ମାନଙ୍କୁ ଏଲ୍‌ଆର୍‌ଏମ୍‌ଏସ୍ ୟୁଜର୍ ଆଇଡି ପ୍ରଦାନ କରାଯାଉ ପ୍ରଭୃତି ୧୦ ଦଫା ଦାବି ଗୁଡିକ ରହିଛି । ଏହି ଧାରଣାରେ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରଦିପ କୁମାର ଦାଶ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା ଧାରଣାରେ ବସିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୩।୮।୨୦୨୫, ଶ୍ରାବଣ ଦି୨୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୬।୧୯** **ଚନ୍ଦ୍ରୋଦୟ- ରାଘ ୯।୦୪।୧୦**

**ଚତୁର୍ଥୀ-** ପ୍ରାଘ ୬।୩୭ ପର୍ଯ୍ୟନ୍ତ। ପଞ୍ଚମୀ ନିଘ ୪।୨୪ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ଦିଘ ୧୦।୩୨ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୬।୩୭ ପରେ ବେଲ ନିଘ ୪।୨୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଘ ୭।୧୨ ମଧ୍ୟେ । ଦିଘ ୧।୫୯ ଗତେ ଘ ୫।୨୨ ମଧ୍ୟେ । **ପର୍ବୋତ୍ସବ-** ରକ୍ଷା ପଞ୍ଚମୀ, ଶ୍ରୀମନ୍ଦିରେ ରେଖାପଞ୍ଚମୀ, ବୁଧେଇ ଓଷା ଆରମ୍ଭ।


**ମେଷ:** ମାନସିକ ଅଶାନ୍ତି ଦେଖାଦେଇପାରେ। ବିରୋଧୀଙ୍କ ଠାରୁ ଦୂରେଇ ରୁହନ୍ତୁ। କର୍ମକ୍ଷେତ୍ରରେ ଗତିରୋଧର ସମ୍ମୁଖୀନ ହେବେ। ପାରିବାରିକ ବିଶୃଙ୍ଖଳା ଦେଖାଦେବ। ଖର୍ଚ୍ଚର ପରିମାଣ ବଢ଼ିବ ।


**ବୃଷ:** ଆଜି ଆପଣଙ୍କର ଆୟ ଯୋଗ ରହୁଛି। ପାରିବାରିକ ଜୀବନ ସୁଖମୟ ହେବ। ବହୁ ଦିନର ଆଶା ଓ ଅଭିଳାଷ ପୂର୍ଣ୍ଣ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ମହିଳାମାନେ ସୁଖୀ ହେବେ।


**ମିଥୁନ:** କର୍ମକ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇବ । ଦେହ ଓ ମନ ଭଲ ରହିବ। ହଠାତ୍ କୌଣସି ଏକ ଖବର ମନକୁ ଆନନ୍ଦ ଦେଇପାରେ। ରୋଜଗାର ସ୍ଥିର ରହିବ। ପରିବାରରେ ସୁଖ ମିଳିବାର ସୂଚନା।


**କର୍କଟ:** ସେବା ପୂଜାରେ ସୁଯୋଗ ସୃଷ୍ଟି ହେବ। ଦେବ ଦର୍ଶନର ଯୋଗ ମଧ୍ୟ ରହିଛି। ପାରିବାରିକ ଜୀବନ ଶାନ୍ତିମୟ ହେବ। ଦୂରକୁ ଯାତ୍ରା କରିପାରନ୍ତି। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ। ରୋଜଗାର ଭଲ ହେବ।


**ସିଂହ:** ପାରିବାରିକ ସୁଖ ଶାନ୍ତି ଲାଭ ହେବ। ଯାନବାହାନ ସାବଧାନରେ ଚଲାନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ। ରୋଜଗାରରେ ଉନ୍ନତି ଘଟିବ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।


**କନ୍ୟା:** ବନ୍ଧୁ ମିଳନ ଘଟିବ। ଆର୍ଥିକ ସ୍ଥିତି ମଜବୁତ୍ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ କାର୍ଯ୍ୟ ପାଇଁ ଯାତ୍ରା କରିପାରନ୍ତି। ଦେହ ଭଲ ରହିବ ।


**ତୁଳା:** ମନରେ ଅହଂକାର ଜାତ ହେବ। କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବ। ସାମାଜିକ ସ୍ତରରେ ପତିଆରା ବଢ଼ିବ। ଆୟ ଆଗ ଭଳି ରହିବ। ଘରେ ଆନନ୍ଦ ଦେଖାଦେବ ।


**ବିଛା:** କର୍ମକ୍ଷେତ୍ରରେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ବିବାଦର ସମାଧାନ ହେବ। ଆୟ ଓ ବ୍ୟୟ ସମାନ ରହିବ ।


**ଧନୁ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ। ମାନସିକ ଅଶାନ୍ତି ଦେଖାଦେବ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ଘରେ କଳହ ଦେଖାଦେବ ।


**ମକର:** ଅଧିକ ପରିଶ୍ରମ କରି କ୍ଲାନ୍ତି ଅନୁଭବ କରିବେ। ବନ୍ଧୁ ସହଯୋଗ ଲାଭ ହେବ। ଦୂରଯାତ୍ରା ସଫଳ ହେବ। ରୋଜଗାର ଭଲ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଗୃହେ ଆନନ୍ଦ ଦେଖାଦେବ ।


**କୁମ୍ଭ:** ଆଜି ଆପଣଙ୍କର ସମସ୍ତ ଆଶା ସୁଫଳ ହେବ। ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟର ପରିମାଣ ସ୍ଥିର ରହିବ ।


**ମୀନ:** ଆଜି ଆପଣଙ୍କ ପାଇଁ ଦିନଟି ଆନନ୍ଦ ଦାୟକ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ପାରିବାରିକ ଜୀବନ ସୁଖମୟ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଉତ୍ତମ ଭୋଜନ ମିଳିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୪।୮।୨୦୨୫, ଶ୍ରାବଣ ଦି୩୦ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୬।୩୭** **ଚନ୍ଦ୍ରୋଦୟ- ରାଘ ୯।୪୪।୦୭**

**ଷଷ୍ଠୀ-** ରାଘ ୨।୦୭ ପର୍ଯ୍ୟନ୍ତ। **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ଦିଘ ୯।୦୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। ଦିଘ ୯।୦୫ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର। ଦିଘ ୯।୦୫ ଗତେ ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୨।୦୭ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଘ ୭।୧୨ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୭ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଗର୍ଭୋଦକ ବନ୍ଦାପନା ଓ ଜେଉଠ ଭୋଗ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜଳବାୟୁ ପରିବର୍ତ୍ତନ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି

ଜଳବାୟୁ ପରିବର୍ତ୍ତନର ସିଧାସଳଖ କୁପ୍ରଭାବ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି। ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ, ବାତ୍ୟା, ବନ୍ୟା, ମରୁଡ଼ି ଓ ସମୁଦ୍ର ପତ୍ତନ ବୃଦ୍ଧି ଭଳି ଜଳବାୟୁ ସମ୍ବନ୍ଧୀୟ ଚାପ ସାମ୍ପ୍ରତିକ ଦଶନ୍ଧିର ଶିକ୍ଷାଗତ ଫଳାଫଳକୁ ଘୋର ପ୍ରଭାବିତ କରିବ ବୋଲି ଜଣାପଡ଼ିଛି। ଏହି ବିପଦକୁ ଏକ ନୂତନ ବୈଶ୍ୱିକ ରିପୋର୍ଟରେ ଦର୍ଶାଯାଇଛି। ୟୁନିସେଫ୍‌ର ଆକଳନ ଅନୁଯାୟୀ, କେବଳ ୨୦୨୪ରେ ଜଳବାୟୁ ବିପଦ ଯୋଗୁଁ ଅନ୍ୟୂନ ୨୪୨ ନିୟୁତ ପିଲାଙ୍କ ସ୍କୁଲ୍ ଶିକ୍ଷା ବାଧାପ୍ରାପ୍ତ ହୋଇଥିଲା, ଯେଉଁଥିରେ ଗ୍ରୀଷ୍ମ ପ୍ରବାହ ଥିଲା ସବୁଠାରୁ ବଡ଼ କାରଣ। ଚଳିତ ବର୍ଷ କାଶ୍ମୀରରେ ମଧ୍ୟ ଏହା ଦେଖିବାକୁ ମିଳିଛି। ଏହି ବିପଦ କେବଳ ଶିକ୍ଷା ପ୍ରାପ୍ତିରେ ବାଧା ସୃଷ୍ଟି କରେ ନାହିଁ ବରଂ ଅସମାନତାକୁ ବୃଦ୍ଧି କରେ ଏବଂ ଶିଶୁମାନଙ୍କୁ ଶ୍ରମିକ ହେବାକୁ କିମ୍ବା ଭିକ୍ଷା ବୃତ୍ତି ଆପଣାଇବାକୁ ବାଧ୍ୟ କରେ।

ଅତ୍ୟଧିକ ଦୀର୍ଘ ସମୟ ଧରି ଗ୍ରୀଷ୍ମ ପ୍ରବାହ, ମରୁଡ଼ି, ବାତ୍ୟା, ବନ୍ୟା ଆଦି ଲାଗି ରହିବା କାରଣରୁ ଶିଶୁମାନେ ପାଣିପାଗ ସମ୍ବନ୍ଧୀୟ ସଙ୍କଟ ଜନିତ ବିପଦରେ ଅଧିକ ପ୍ରଭାବିତ ହୁଅନ୍ତି। ଶ୍ରେଣୀଗୃହରେ ସେମାନଙ୍କ ଉପସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାରୁ ପାଠ ପଢ଼ିବାରେ ଧ୍ୟାନ ଦେଇପାରନ୍ତି ନାହିଁ। ଚରମ ପାଣିପାଗ ଜନିତ କାରଣରୁ ବାତ୍ୟା ଓ ବନ୍ୟା ରାସ୍ତାଘାଟ ଓ ବିଦ୍ୟାଳୟ ଭଳି ଭିତ୍ତିଭୂମିକୁ ଦୋହଲାଇ ଦିଏ। ଏହାଦ୍ୱାରା ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ବହୁବିଧ ସମସ୍ୟା ଉପୁଜେ। ଏହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ। ୨୦୨୪ ମସିହାରେ ପାଣିପାଗ ଜନିତ ଘଟଣା ଯୋଗୁଁ ପ୍ରତି ୭ ଜଣରେ ୨ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି। ଭାରତ ଭଳି ଦେଶରେ ଅଧିକାଂଶ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ପିଲା ପ୍ରତି ବର୍ଷ ଜଳବାୟୁ ପରିବର୍ତ୍ତନ କାରଣରୁ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ କରିବାର ଲାଭ ପାଇପାରୁନାହାନ୍ତି। ବିଦ୍ୟାଳୟ ବନ୍ଦ ସହିତ ଗମନାଗମନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେତୁ ଲକ୍ଷାଧିକ ପିଲାଙ୍କର ପାଠପଢ଼ାରେ ଅନିୟମିତତା ଏବଂ ଅଧାରୁ ପାଠ ଛାଡ଼ିବା ଆଶଙ୍କା ବୃଦ୍ଧି ପାଉଛି। ୨୦୧୯ରେ ଭୟଙ୍କର ପାଣିପାଗ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ୧୦ଟି ଦେଶ ମଧ୍ୟରୁ ୮ଟି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶ ଥିଲା।

# ଭାରତରେ ପାଶ୍ଚାତ୍ୟ ଚିକିତ୍ସା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବର୍ତ୍ତମାନର ପାଶ୍ଚାତ୍ୟ ଚିକିତ୍ସା ପଦ୍ଧତିର ପ୍ରସାରଣ ହେବା ପୂର୍ବରୁ ଦେଶରେ ମୁଖ୍ୟତଃ ଦେଶୀୟ ଚିକିତ୍ସା ପଦ୍ଧତି ଚାଲୁରହିଥିଲା। ଦେଶର ବୈଦ୍ୟମାନେ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିରେ ରୋଗୀମାନଙ୍କର ଚିକିତ୍ସା କରୁଥିଲେ। ଚରକ ଓ ସୁଶ୍ରୁତ ପ୍ରଭୃତି ପ୍ରସିଦ୍ଧ ଭାରତୀୟ ଚିକିତ୍ସକମାନେ ସେତେବେଳେ ଏହି ଚିକିତ୍ସାର ଜନକ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହିଭଳି ଚିକିତ୍ସା ପଦ୍ଧତି ବହୁକାଳରୁ ଦେଶରେ ପ୍ରଚଳିତ ହୋଇଆସୁଥିଲା। ମୁସଲମାନମାନେ ଦେଶରେ ଶାସନ କରିବା ପରେ ସେମାନଙ୍କର ୟୁନାନି ଚିକିତ୍ସା ପଦ୍ଧତି ପ୍ରଚଳିତ ହେଲା। ଏହି ୟୁନାନି ଚିକିତ୍ସା ମଧ୍ୟ ଆୟୁର୍ବେଦ ଭଳି ଗଛର ଚେର, ମୂଳ ଓ ପତ୍ରରୁ ପ୍ରସ୍ତୁତ ହେଉଥିଲା। ତେବେ ୧୮୦୦ ଖ୍ରୀ.ଅ.ର ପ୍ରଥମରୁ ପାଶ୍ଚାତ୍ୟ ଚିକିତ୍ସା ଭାରତରେ ପ୍ରବେଶ କଲା। ମାତ୍ର ତାହା ପ୍ରଥମେ ଏତେ ଲୋକପ୍ରିୟ ନଥିଲା। କ୍ରମଶଃ ଏହି ଚିକିତ୍ସାରେ ରୋଗ ଶୀଘ୍ର ଭଲ ହୋଇଯାଉଥିବାରୁ ଲୋକମାନଙ୍କର ଏହାପ୍ରତି ଆଗ୍ରହ ଦେଖି ଏହି ଚିକିତ୍ସା ପଦ୍ଧତିର ପ୍ରଶିକ୍ଷଣ ମଧ୍ୟ ଦିଆଗଲା। ଏହି ପ୍ରଶିକ୍ଷଣ ୧୭୦୩ ଖ୍ରୀ.ଅ.ରେ ପ୍ରଥମେ ଗୋଆର ରୟାଲ୍ ହସ୍ପିଟାଲରେ ଆରମ୍ଭ ହୋଇଥିଲା। ଖ୍ରୀ.ଅ. ୧୫୧୦ରେ ଆଲବୁକେର ପ୍ରଥମେ ଏହି ଚିକିତ୍ସାଳୟକୁ ସ୍ଥାପନ କରିଥିଲେ। ୧୮୦୦ ଖ୍ରୀ.ଅ.ର ମଧ୍ୟ ଭାଗରେ ଚିକିତ୍ସାଳୟ ଚଳାଉଥିବା ଇଂରେଜ ଡାକ୍ତରମାନେ ଅଳ୍ପ କେତେଜଣ ଭାରତୀୟ ଯୁବକମାନଙ୍କୁ ନେଇ ସେମାନଙ୍କ ପଦ୍ଧତିରେ ରୋଗର ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ପର୍କରେ ଶିକ୍ଷା ଦେଉଥିଲେ। ଏପରି ଶିକ୍ଷା ପାଇଥିବା ଭାରତୀୟମାନଙ୍କୁ ପ୍ରଥମେ ବର୍ତ୍ତମାନର କମ୍ପାଉଣ୍ଡର ବା ଫର୍ମାସିଷ୍ଟ ଭଳି କାମକରିବାକୁ ପଡୁଥିଲା। ସେତେବେଳର ପ୍ରଚଳିତ ବିଭିନ୍ନ ପରୀକ୍ଷା ଦେଇ ପାସ୍ କରିବା ପରେ ସେମାନଙ୍କୁ ପ୍ରଥମେ ନେଟିଭ ଡାକ୍ତର ଭାବରେ ସ୍ୱୀକୃତି ମିଳୁଥିଲା। ସୈନ୍ୟବାହିନୀର ଏପରି ଡାକ୍ତରୀ ଚିକିତ୍ସା ନିମନ୍ତେ ପାଶ୍ଚାତ୍ୟ ଦେଶର ଯୁବକମାନଙ୍କୁ ତାଲିମ୍ ଦେବା ନିମନ୍ତେ ପ୍ରଥମେ ୧୮୧୨ ମସିହା ଜୁନ୍ ମାସ ୧୫ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରାଗଲା ଓ ପ୍ରଥମେ ଭାରତୀୟ ଯୁବକମାନଙ୍କୁ ଏଥିରେ ନିଆଯାଉନଥିଲା। ସେପରି ତାଲିମ୍ ପାଇବା ପାଇଁ ୧୮୨୬ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା ଓ ୧୮୨୬ ମସିହାରେ ସୈନ୍ୟବାହିନୀର ଡାକ୍ତର ଭାବେ କାର୍ଯ୍ୟ କରିବା ପାଇଁ ପ୍ରଥମେ ୨୦ଜଣ ଭାରତୀୟଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତି କରାଯାଇଥିଲା। ଡାକ୍ତରୀ ପୁସ୍ତକଗୁଡ଼ିକୁ ଭାରତୀୟ ଭାଷାରେ ଅନୁବାଦ କରିବା ସହ ତାଲିମ ଦେବା ପାଇଁ ତାହାର ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେହି ପ୍ରଶିକ୍ଷଣ ପାଉଥିବା ଭାରତୀୟମାନଙ୍କୁ ପ୍ରଥମେ ମାସକୁ ୮ଟଙ୍କା ବୃତ୍ତି ଯୋଗାଇ ଦିଆଯାଉଥିଲା। ଶିକ୍ଷା ସମାପ୍ତ ପରେ ଚାକିରିରେ ଯୋଗଦାନ କରିବା ପରେ ସେମାନେ ମାସକୁ ୨୦ଟଙ୍କା ବେତନ ପାଇଲେ। ଏହି ଚିକିତ୍ସା ବିଜ୍ଞାନର ଶବ୍ଦାବଳୀକୁ ରୋମାନ୍, ପାର୍ସୀ ଓ ଦେବନାଗରୀ ଲିପିରେ ଛପାଗଲା।

ପ୍ରଥମେ କଲିକତାର ସଂସ୍କୃତ କଲେଜରେ ଏହି ଚିକିତ୍ସା ବିଦ୍ୟାକୁ ସଂସ୍କୃତ ଭାଷାରେ ପରୀକ୍ଷାମୂଳକ ଭାବରେ ଭାଷାନ୍ତର କରି ପଢ଼ାଗଲା। ପରେ ସେଠାର ମୁସଲମାନମାନଙ୍କଦ୍ୱାରା ପରିଚାଳିତ ମାଦ୍ରାସାରେ ଉର୍ଦ୍ଦୁ ଭାଷାରେ ସେହି ପାଶ୍ଚାତ୍ୟର ଚିକିତ୍ସା ପଦ୍ଧତିକୁ ପଢ଼ାଗଲା। କ୍ରମଶଃ ଏହି ଶିକ୍ଷାର ତାଲିମ୍ କାର୍ଯ୍ୟକାଳ ଯାହା ଥିଲା ତାହାକୁ ବଢ଼ାଇ ଦିଆଗଲା। ଏପରି ଚିକିତ୍ସା ଶିକ୍ଷା ଦିଆଯାଉଥିବା ଶିକ୍ଷାନୁଷ୍ଠାନମାନଙ୍କର ତଳ ସ୍ତରରେ ଫାର୍ମାସୀ, ମାଟ୍ରେରିଆ ମେଡ଼ିକା, ଫିଜିଓଲୋଜୀ, ଆନାଟୋମୀ ଏବଂ ଉଚ୍ଚଶ୍ରେଣୀଗୁଡ଼ିକରେ ମେଡ଼ିସିନ୍ ଓ ସର୍ଜରୀ ବିଦ୍ୟାର ଶିକ୍ଷା ଦିଆଯାଉଥିଲା। ଏହି ଶିକ୍ଷା ସମାପ୍ତି ପରେ ବାହାରୁଥିବା ଛାତ୍ରଛାତ୍ରୀମାନଙ୍କୁ ଇଷ୍ଟଇଣ୍ଡିଆ କମ୍ପାନୀ ପରିଚାଳିତ ବିଭିନ୍ନ ଚିକିତ୍ସାଳୟରେ ନିଯୁକ୍ତି ଦିଆଯାଉଥିଲା। ଏହି ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନ ସହିତ ଚରକ, ସୁଶ୍ରୁତ ଓ ବାଗ୍‌ଭଟ୍ଟଙ୍କ ଚିକିତ୍ସା ପଦ୍ଧତିକୁ ମଧ୍ୟ ପଢ଼ା ଯାଉଥିଲା। ସେହିପରି ମାଦ୍ରାସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଭିସେନା, ସାରାହ ଆସବ ପ୍ରଭୃତି ଆରବ ଭୂଖଣ୍ଡର ଚିକିତ୍ସାବିତ୍‌ମାନଙ୍କର ଚିକିତ୍ସା ପ୍ରଣାଳୀକୁ ମଧ୍ୟ ଶିକ୍ଷା ଦିଆଯାଉଥିଲା। ପାଶ୍ଚାତ୍ୟ ଶିକ୍ଷା ସହିତ ଏପରି ଦେଶୀୟ ଚିକିତ୍ସା ପଦ୍ଧତି ପଢ଼ିବା ସେତେବେଳେ ବାଧ୍ୟତାମୂଳକ ଥିଲା। କୋଲକତାର ସଂସ୍କୃତ କଲେଜରେ ହିଁ ଏପରି ଶିକ୍ଷା ଦିଆଯାଉଥିଲା। ସେଠାରେ ମଧ୍ୟ ଏକ ଛୋଟ ଡାକ୍ତରଖାନା ୧୮୩୧ ମସିହାରେ ପ୍ରତିଷ୍ଠା କରାହୋଇଥିଲା। ୧୮୩୩ ମସିହାର ଏକ ଆକଳନ ଅନୁଯାୟୀ ସେହି ଛୋଟ ଡାକ୍ତରଖାନାରେ ୨୦୦ଜଣ ଆଉଟ୍‌ଡୋର୍ ଓ ୩୦ଜଣ ୱାର୍ଡ଼ରେ ଚିକିତ୍ସିତ ହୋଇଥିବା ରୋଗୀ ଥିଲେ। ଏହି ସମୟରେ ସ୍ଥାନୀୟ ଭାଷାରେ ଚିକିତ୍ସା ବିଜ୍ଞାନ ଶିକ୍ଷା ଦିଆଯିବା ନିମନ୍ତେ ପ୍ରଶ୍ନ ଉଠିଲା। ୧୮୩୦ ମସିହାରେ ଡଃ ବ୍ରେଟନଙ୍କ ଉତ୍ତରାଧିକାରୀ ଡଃ ଜନ୍ ଟେଲର୍ ସ୍ଥାନୀୟ ଭାଷାରେ ଚିକିତ୍ସା ବିଦ୍ୟା ଶିକ୍ଷା ଦିଆଯିବା ସପକ୍ଷରେ ଥିବାବେଳେ ଅନ୍ୟ ଇଂରେଜ ଅଫିସର୍‌ମାନେ ଇଂରାଜୀ ଭାଷାରେ ଶିକ୍ଷା ଦିଆଯିବାର ଯୁକ୍ତି ବାଢ଼ିଥିଲେ। ସ୍ଥାନୀୟ ନେଟିଭ ମେଡ଼ିକାଲ ସଂସ୍ଥାଗୁଡ଼ିକର ଉନ୍ନତି ଓ ବିସ୍ତାର ନିମନ୍ତେ ଅନୁଧ୍ୟାନ କରିବା ପାଇଁ ଏକ କମିଟି ନିଯୁକ୍ତ ହୋଇଥିଲା। ଏଥିରେ ଜନ୍ ଗ୍ରାଣ୍ଟ, ଜେ.ସି.ସି. ସୁଦରଲ୍ୟାଣ୍ଡ, ଡଃ ସେନ୍ସ, ଡଃ ବ୍ରାମ୍ଭି ଓ ଜଣେ ଭାରତୀୟ ବାବୁ ରାମକମଲ ସେନ୍‌ଙ୍କୁ ନେଇ ଏକ କମିଟି ଗଢ଼ା ହୋଇଥିଲା। ଖ୍ରୀ.ଅ. ୧୮୩୪ରେ ଏହି କମିଟି ତାଙ୍କ ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟରେ ସ୍ଥାନୀୟ ଭାଷାରେ ଡାକ୍ତରୀ ଶିକ୍ଷାର ଉପାଦେୟତା ସ୍ୱୀକାର ସହିତ ତାହାର ଦୁର୍ବଳତା ମଧ୍ୟ ଉଲ୍ଲେଖ କରାଯାଇଥିଲା। ଇଂରେଜ ଭାଷାରେ ଏହି ଶିକ୍ଷାଦାନ ପଦ୍ଧତିକୁ ସେମାନେ ସମର୍ଥନ କରିଥିଲେ। ମାତ୍ର ଏଥିନିମନ୍ତେ ହିନ୍ଦୁସ୍ଥାନ ଓ ବଙ୍ଗଳା ଭାଷା ଜ୍ଞାନ ଅପରିହାର୍ଯ୍ୟ ବୋଲି ସେମାନେ ସେହି ସୁପାରିଶ୍‌ରେ ଲେଖିଥିଲେ। କମିଟିର ସୁପାରିଶ୍ ୧୮୩୫ ମସିହାରେ ସେତେବେଳର ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ବେଣ୍ଟିକଙ୍କ ଦ୍ୱାରା ମଞ୍ଜୁରି ପାଇପାରିଥିଲା। ଏହାପରେ ସଂସ୍କୃତ କଲେଜ ଓ ମାଦ୍ରାସାରେ ହେଉଥିବା ଚିକିତ୍ସା ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଗଲା। ଭାରତୀୟ ଛାତ୍ରମାନଙ୍କୁ ଚିକିତ୍ସା ପ୍ରଶିକ୍ଷଣ ନିମନ୍ତେ ଏକ ନୂଆ ମେଡ଼ିକାଲ କଲେଜ ପ୍ରତିଷ୍ଠା କୋଲକତାର ହିନ୍ଦୁ କଲେଜର ପଛପଟେ ଆରମ୍ଭ ହୋଇଥିଲା। ଆଗରୁ ଥିବା ନେଟିଭ ମେଡ଼ିକାଲ ପ୍ରତିଷ୍ଠାନର ସମସ୍ତ ବହି ଓ ଯନ୍ତ୍ରପାତି ଉକ୍ତ କଲେଜକୁ ହସ୍ତାନ୍ତରିତ କରିଦିଆଗଲା। ଏହି କଲେଜରେ ଡଃ ମାଉଣ୍ଟ ଲର୍ଡ଼ ଯୋଶେଫ୍ ବ୍ରାମ୍ଭି ସୁପରିଟେଣ୍ଡେଣ୍ଟ୍ ଓ ଡଃ ହେନେରୀ ହାରି ଗୁଡେଭ୍ ତାଙ୍କର ସହଯୋଗୀ ଭାବରେ ନିଯୁକ୍ତି ପାଇଥିଲେ। ପଣ୍ଡିତ ମଧୁସୂଦନ ଗୁପ୍ତ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ଏହି ନୂଆ କଲେଜରେ ନିଯୁକ୍ତି ଦିଆଗଲା। ୨୦.୦୨.୧୮୩୫ରେ ଏହି କଲେଜର ଶୁଭାରମ୍ଭ ହେଲା। ମାତ୍ର ସେତେବେଳେ କଲେଜର ଲାଇବ୍ରେରୀ, ସଂଗ୍ରାହଳୟ ବା ନିଜର ଡାକ୍ତରଖାନା ନଥିଲା। ସେତେବେଳେ ଲଣ୍ଡନରୁ ଆନାଟୋମୀ ମଡ଼େଲ୍‌ମାନ ବହୁ ମୂଲ୍ୟରେ କିଣାଯାଇ ଏହି ଅନୁଷ୍ଠାନକୁ ଆସିଲା। ପାଶ୍ଚାତ୍ୟ ଶିକ୍ଷା ପ୍ରଶିକ୍ଷଣରେ ସବୁଠାରୁ ବଡ଼ ସମସ୍ୟା ଥିଲା ଆନାଟୋମୀ ଶିକ୍ଷା ଓ ସେଥିପାଇଁ ଶବ ବ୍ୟବଚ୍ଛେଦ। ସେହି ସମୟରେ ଶବ ବ୍ୟବଚ୍ଛେଦ ପାଇଁ ଭାରତୀୟମାନେ ରାଜି ହେଉନଥିଲେ। ଏପରିକି ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ସମାଜ ଏହାକୁ ଗ୍ରହଣ କରିନଥିଲା। ଏହିପରି ସାମାଜିକ ଅନ୍ଧବିଶ୍ୱାସକୁ ମୁକାବିଲା କରିବା ନିମନ୍ତେ ପ୍ରଥମେ ଚିତ୍ର ସାହାଯ୍ୟରେ ଦେହ ସଂପର୍କୀୟ ତଥ୍ୟକୁ ପିଲାମାନଙ୍କୁ ଶିକ୍ଷା ଦିଆଗଲା। ଏହାପରେ ମେଣ୍ଢାର ମସ୍ତିଷ୍କ, ଛେଳିର ଯକୃତ ସହ କାଠ ବା ଟିଣ ମଡ଼େଲ୍‌କୁ ଉପଯୋଗ କରାଗଲା। ୨୮.୧୦.୧୯୩୬ ମସିହାରେ ଏହି ମେଡ଼ିକାଲ କଲେଜରେ ପୂର୍ବତନ ବୈଦ୍ୟ ଶିକ୍ଷକ ମଧୁସୂଦନ ଗୁପ୍ତଙ୍କ ନେତୃତ୍ୱରେ ଉମାଚରଣ ସେଠ୍, ରାଜକୃଷ୍ଣ ଦେ, ଦ୍ୱାରକା ନାଥ ଗୁପ୍ତ ଓ ନବୀନ ଚନ୍ଦ୍ର ସେନ୍ ଏକ ଶବ ବ୍ୟବଚ୍ଛେଦ କରିଥିଲେ। ଡକ୍ଟର ଗୁଡ଼େଭଙ୍କ ନେତୃତ୍ୱରେ ଏହା ହୋଇଥିଲା। ଏହାପରେ ୧୯୩୮ ମସିହା ବେଳକୁ ଶବ ଚିକିତ୍ସା ବିଜ୍ଞାନର ଏକ ଅଙ୍ଗ ହୋଇପଡ଼ିଲା। ଏହି ପ୍ରଥମ ଶବ ବ୍ୟବଚ୍ଛେଦରେ ଲୋକମାନଙ୍କର ଅନ୍ଧବିଶ୍ୱାସ ଭାଙ୍ଗିଗଲା ଓ ଏହାର ନେତୃତ୍ୱ ନେଇଥିବା ମଧୁସୂଦନ ଗୁପ୍ତଙ୍କର ଭୂରିଭୂରି ପ୍ରଶଂସା ପାଶ୍ଚାତ୍ୟ ଚିକିତ୍ସକମାନେ କରିଥିଲେ। ତତ୍କାଳୀନ ସୁପ୍ରିମ କାଉନ୍‌ସେଲର୍ ସଦସ୍ୟ ଡ୍ରିଙ୍କ୍ ୱାଟର କୋଲକତାର ବେଥୁନ୍ କଲେଜକୁ ମଧୁସୂଦନଙ୍କର ଏକ ତୈଳଚିତ୍ର ଉପହାର ଦେଇଥିଲେ। ଯାହାକୁ ଆଙ୍କିଥିଲେ ସୁଶ୍ରୀ ବେଲେନ୍‌ସ। ଏହିପରି ଭାବରେ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତରେ ପାଶ୍ଚାତ୍ୟ ଚିକିତ୍ସା ପଦ୍ଧତିର ମୂଳଦୁଆ ପକାଇ ତାହାର ପ୍ରସାର ମଧ୍ୟ କରିଥିଲେ। ସେତେବେଳେ ଏପରି ପାଶ୍ଚାତ୍ୟ ଚିକିତ୍ସା ପଦ୍ଧତି ରୋଗୀର ଦୃଢ଼ ଆରୋଗ୍ୟ ନିମନ୍ତେ ସାହାଯ୍ୟ କରୁଥିଲା। ଫଳରେ ଲୋକମାନେ କ୍ରମଶଃ ଏହି ଚିକିତ୍ସା ପ୍ରତି ବିଶେଷ ଆଗ୍ରହ ଦେଖାଇଥିଲେ। ଦେଶୀୟ ଚିକିତ୍ସା ପଦ୍ଧତିରେ ପରିଚାଳିତ ବୈଦ୍ୟଶାଳାଗୁଡ଼ିକ ନିଜର ଚିକିତ୍ସା ପଦ୍ଧତିକୁ ଜାରି ରଖିଥିଲେ ମଧ୍ୟ ପାଶ୍ଚାତ୍ୟ ଚିକିତ୍ସା ସହିତ ଆଦୌ ଟକ୍କର ଦେଇପାରୁନଥିଲା।

# ଭାରତୀୟ ମହାକାଶ ଅଭିଯାନର ସଫଳତା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ଚଳିତ ବର୍ଷ ୨୦୨୫ରେ ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା କେବଳ ଏକ ଯାତ୍ରା ନୁହଁ କି ଏକ ଗନ୍ତବ୍ୟସ୍ଥଳ ମଧ୍ୟ ନୁହେଁ, ବରଂ କୌତୁହଳ, ସାହସ ଏବଂ ସାମୂହିକ ପ୍ରଗତିର ଉଦଘୋଷ ଥିଲା। ଭାରତର ମହାକାଶ କ୍ଷେତ୍ରର ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ମାଇଲଖୁଣ୍ଟ ଏବଂ ଏହା ପ୍ରମାଣିତ ଯେ ମାନବ ଭାବନା ଗୁରୁତ୍ୱାକର୍ଷଣକୁ ଚ୍ୟାଲେଞ୍ଜ କରିପାରିବ। ଚନ୍ଦ୍ରାୟଣ - ୧ ଚନ୍ଦ୍ରରେ ଜଳ ଆବିଷ୍କାର କରିବାରେ ସାହାଯ୍ୟ କରିଥିଲା, ଚନ୍ଦ୍ରାୟଣ - ୨ ଚନ୍ଦ୍ର ପୃଷ୍ଠର ସର୍ବୋଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ପ୍ରଦାନ କରିଥିଲା ଏବଂ ଚନ୍ଦ୍ରାୟଣ - ୩ ଚନ୍ଦ୍ରର ଦକ୍ଷିଣ ମେରୁ ସମ୍ପର୍କରେ ସୂଚନାକୁ ଆହୁରି ଆଗକୁ ବଢାଇଥିଲା। ଭାରତ ରେକର୍ଡ ସମୟରେ କ୍ରାୟୋଜେନିକ୍ ଇଞ୍ଜିନ୍ ବିକଶିତ କରିଥିଲା, ଗୋଟିଏ ମିଶନରେ ୧୦୦ ଉପଗ୍ରହ ପ୍ରକ୍ଷେପଣ କରିଥିଲା ଏବଂ ଭାରତୀୟ ପ୍ରକ୍ଷେପଣ ଯାନ ବ୍ୟବହାର କରି ୩୪ଟି ରାଷ୍ଟ୍ର ପାଇଁ ୪୦୦ ରୁ ଅଧିକ ଉପଗ୍ରହ ସଫଳତାର ସହିତ ସ୍ଥାପିତ କରିଥିଲା। ଭାରତର ସଦ୍ୟତମ ସଫଳତାରେ, ଚଳିତ ବର୍ଷ ମହାକାଶରେ ଦୁଇଟି ଉପଗ୍ରହ ମହାକାଶ ଅନୁସନ୍ଧାନରେ ଏକ ପ୍ରମୁଖ ପଦକ୍ଷେପ। ଭାରତର ମହାକାଶ ଯାତ୍ରା ଅନ୍ୟମାନଙ୍କ ସହିତ ପ୍ରତିଯୋଗିତା କରିବା ଉପରେ ଆଧାରିତ ନୁହେଁ, ବରଂ ଏକାଠି ଅଧିକ ଉଚ୍ଚତାରେ ପହଞ୍ଚିବା ବିଷୟ ଉପରେ ଆଧାରିତ। ଭାରତର ଅଧ୍ୟକ୍ଷତା ସମୟରେ ଆରମ୍ଭ ହୋଇଥିବା ଜି୨୦ ସାଟେଲାଇଟ୍ ମିଶନ ଦକ୍ଷିଣ ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ। ଆସନ୍ତୁ ଜାଣିବା ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ବିଷୟରେ ଓ ତାର ବିଭିନ୍ନ ମହାକାଶ ଗବେଷଣା ବିଷୟରେ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବା ଇସ୍ରୋ ହେଉଛି ଭାରତ ସରକାରଙ୍କ ପ୍ରମୁଖ ମହାକାଶ ପ୍ରାଧିକରଣ। ଏହା ପୃଥିବୀର ଛଅଟି ବଡ଼ ସରକାରୀ ମହାକାଶ ପ୍ରାଧିକରଣ ମଧ୍ୟରୁ ଅନ୍ୟତମ ଯଥା: ଆମେରିକାର ନାସା (NASA), ଋଷିଆର (RKA), ଇଉରୋପର ଇସା (ESA), ଚୀନର ସିନସଏ (CNSA) ଓ ଜାପାନର (JAXA)। ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା - ମହାକାଶ ତଥା ଗ୍ରହଜଗତ ସମ୍ବନ୍ଧରେ ତାତ୍ତ୍ୱିକ ଗବେଷଣା, ଅତ୍ୟାଧୁନିକ ମହାକାଶୀୟ ପ୍ରଯୁକ୍ତି ବିଦ୍ୟାର ଉନ୍ନତିକରଣ ଓ ଦେଶର ଉନ୍ନତିରେ ମହାକାଶର ପ୍ରୟୋଗ। ମଙ୍ଗଳଯାନ-୧, ମଙ୍ଗଳ ଗ୍ରହ ଅଭିମୁଖେ ଭାରତର ପ୍ରଥମ ଅଭିଯାନ। ୨୦୧୩ ମସିହା ନଭେମ୍ବର ୫ ତାରିଖ ଅପରାହ୍ନ ୨ଟା ୩୮ ମିନିଟରେ ଶ୍ରୀହରିକୋଟାର ସତୀଶ ଧବନ ମହାକାଶ କେନ୍ଦ୍ରରୁ ପିଏସଏଲଭି-ସି ୨୫ଦ୍ୱାରା ଏହି ଯାନର ପ୍ରକ୍ଷେପଣ କରାଯାଇଥିଲା। ପୃଥିବୀ କକ୍ଷପଥରେ ପାଖାପାଖି ଏକ ମାସ ସମୟ ଅତିବାହିତ କଲାପରେ ୩୦ ନଭେମ୍ବର ୨୦୧୩ରେ ଏହି ଯାନ ମଙ୍ଗଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଦୀର୍ଘ ୨୯୮ ଦିନର ଯାତ୍ରା ପରେ ୨୪ ସେପ୍ଟେମ୍ବର ୨୦୧୪ରେ ସଫଳତାର ସହ ମଙ୍ଗଳ ଗ୍ରହର କକ୍ଷପଥରେ ଅନୁପ୍ରବେଶ କରି ମଙ୍ଗଳଯାନ ଆନ୍ତର୍ଗ୍ରହ ମହାକାଶ ଯାତ୍ରା ଇତିହାସରେ ପ୍ରଥମ ପ୍ରଚେଷ୍ଟାରେ ସଫଳ ହୋଇଥିବା ପ୍ରଥମ ଅଭିଯାନର ଖ୍ୟାତି ଲାଭ କଲା। ମଙ୍ଗଳ ଗ୍ରହକୁ ଭାରତର ମହାକାଶ ଅଭିଯାନ ବିଷୟରେ ପ୍ରଥମେ ୨୩ ନଭେମ୍ବର ୨୦୦୮ରେ ତତ୍କାଳୀନ ଇସ୍ରୋ ଅଧ୍ୟକ୍ଷ ଜି. ମାଧବନ ନାୟାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ୨୦୦୮ରେ ଚନ୍ଦ୍ରଯାନ-୧ର ସଫଳ ଉତକ୍ଷେପଣ ପରେ ଇସ୍ରୋଦ୍ୱାରା ମଙ୍ଗଳଯାନ ସମ୍ବନ୍ଧରେ ବିଭିନ୍ନ ଅନୁଧ୍ୟାନ କରାଗଲା ଓ ପରେ ୩ ଅଗଷ୍ଟ ୨୦୧୨ରେ ଏହି ପ୍ରକଳ୍ପଟି ଭାରତ ସରକାରଙ୍କଦ୍ୱାରା ଗୃହୀତ ହୋଇଥିଲା। ୫ ଅଗଷ୍ଟ ୨୦୧୩ରେ ସି-୨୫ ନାମରେ ନାମିତ କରାଯାଇଥିବା ପିଏସଏଲଭି ଉତକ୍ଷେପଣ ଯାନର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ, ବାଙ୍ଗାଲୋରରେ ଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଉପଗ୍ରହ କେନ୍ଦ୍ରରେ ୫ଟି ବୈଜ୍ଞାନିକ ଉପକରଣ ଗୁଡିକୁ ମହାକାଶଯାନରେ ସଂଯୋଗ କରାଯାଇ ୨ ଅକ୍ଟୋବର ୨୦୧୩ରେ ଶ୍ରୀହରିକୋଟାକୁ ପଠାଗଲା। ପ୍ରଶାନ୍ତ ମହାସାଗରରେ ଖରାପ ପାଣିପାଗ ଯୋଗୁଁ ୨୮ ଅକ୍ଟୋବର ୨୦୧୩ ପରିବର୍ତ୍ତେ ୫ ନଭେମ୍ବର ୨୦୧୩ରେ ମଙ୍ଗଳଯାନର ଉତକ୍ଷେପଣ କରାଯାଇଥିଲା। ୫ ନଭେମ୍ବର ୨୦୧୩: ଅପରାହ୍ନ ୨ଟା ୩୮ ମିନିଟରେ ଶ୍ରୀହରିକୋଟାର ସତୀଶ ଧବନ ମହାକାଶ କେନ୍ଦ୍ରରୁ ପିଏସଏଲଭି-ସି ୨୫ଦ୍ୱାରା ମଙ୍ଗଳଯାନର ପ୍ରକ୍ଷେପଣ କରାଯାଇଥିଲା। ଅପରାହ୍ନ ୩ଟା ୨୦ ବେଳକୁ ପିଏସଏଲଭି-ସି ୨୫ର ୪ର୍ଥ ପର୍ଯ୍ୟାୟର ପୃଥକୀକରଣ ପରେ ଯାନଟି ପୃଥିବୀ କକ୍ଷପଥରେ ସଫଳତାର ସହ ଅବସ୍ଥାପିତ ହୋଇ ନିଜର କାମ ଆରମ୍ଭ କରିଥିଲା। ୫ ନଭେମ୍ବରରୁ ୧ ଡିସେମ୍ବର ୨୦୧୩: ଏହି ୨୫ ଦିନରେ ମଙ୍ଗଳଯାନ ପୃଥିବୀ ଚାରିପଟେ ଘୁରୁଥିବା ସମୟରେ ଏହାର ପରିକ୍ରମଣ କକ୍ଷପଥକୁ ୫ଥର ବଦଳାଯାଇ ଉର୍ଦ୍ଧ୍ୱକୁ ନିଆଯାଇଥିଲା। ୧ ଡିସେମ୍ବର ୨୦୧୩: ମଧ୍ୟରାତ୍ରି ୦୦:୪୯ ସମୟରେ ମଙ୍ଗଳଯାନକୁ ପୃଥିବୀ କକ୍ଷପଥରୁ ବାହାର କରି ମଙ୍ଗଳ ଅଭିମୁଖୀ ଯାତ୍ରାପଥରେ (ମାର୍ସ ଟ୍ରାନ୍ସଫର ଟ୍ରାଜେକ୍ଟରି) ପ୍ରବେଶ କରାଗଲା, ଏହି ପ୍ରକ୍ରିୟାକୁ ଟ୍ରାନ୍ସ-ମାର୍ସ ଇଂଜେକ୍ସନ କୁହାଯାଏ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଆନ୍ତର୍ଗ୍ରହ ମହାକାଶ ଯାତ୍ରାର ଯୋଜନା ଓ ପରିଚାଳନା ପାଇଁ ସ୍ୱଦେଶୀ ବୈଷୟିକ ଜ୍ଞାନ-କୌଶଳର ବିକାଶ। ମିଥେନ ଓ ଅଙ୍ଗାରକାମ୍ଳ ସମେତ ମଙ୍ଗଳ ଗ୍ରହର ବାୟୁମଣ୍ଡଳର ଅନୁଧ୍ୟାନ।

ଭାରତର ପ୍ରଥମ କୃତ୍ରିମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଇସ୍ରୋଦ୍ୱାରା ପ୍ରସ୍ତୁତ ହୋଇଥିଲା ଓ ନିଜସ୍ୱ ଉତକ୍ଷେପଣଯାନ ଅଭାବରୁ ରୁଷିଆ ନିର୍ମିତ କୋସମୋସ-୩ଗ ଯାନଦ୍ୱାରା ୧୯ ଏପ୍ରିଲ, ୧୯୭୫ ମସିହାରେ କପୁସ୍ତିନ ୟାର (kapustin yar)ରୁ ଉତକ୍ଷେପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ମହାକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବା ସହିତ ଇସ୍ରୋ ନିଜସ୍ୱ ଉତକ୍ଷେପଣଯାନ ନିର୍ମାଣ କାରିବାରେ ସମର୍ଥହେଲା। ବର୍ତ୍ତମାନ ଇସ୍ରୋଦ୍ୱାରା ନିର୍ମିତ ଏସଏଲଭି (SLV), ଏଏସଏଲଭି (ASLV), ପିଏଲଭି (PSLV) ଏବଂ ଜିଏଏଲଭି(GSLV) ଶ୍ରେଣୀର ଅନେକ ଉତକ୍ଷେପଣଯାନଦ୍ୱାରା ଶତାଧିକ କୃତ୍ରିମ ଉପଗ୍ରହ ମହାକାଶକୁ ସଫଳତାର ସହ ପ୍ରେରଣ କରାଯାଇପାରିଛି। ଏହାସହ ଏକାସଙ୍ଗେ ୧୦୪ଟି କୃତ୍ରିମ ଉପଗ୍ରହକୁ ବିଭିନ୍ନ କକ୍ଷରେ ପ୍ରତିସ୍ଥାପନ କରି ବିଶ୍ୱରେକର୍ଡ ଲାଭକାରିବାର ଗୌରବହାସଲ କରିଛି। ୫ ଜୁନ୍, ୨୦୧୭ରେ ଇସ୍ରୋ ୪ଟନ୍ ଓଜନ ବିଶିଷ୍ଟ GSAT-୧୯ କୃତ୍ରିମ ଉପଗ୍ରହକୁ ଜିଏସଏଲଭି-ଏମକେ୩ (GSLV-Mk III)ଦ୍ୱାରା କକ୍ଷରେ ସ୍ଥାପନ କରିପାରିଲା। ଅକ୍ଟୋବର ୨୨, ୨୦୦୮ରେ ଇସ୍ରୋ ଚନ୍ଦ୍ରକୁ ଏକ ମାନବହୀନ ମହାକାଶଯାନ ପ୍ରେରଣ କରିଥିଲା। ଏହା ନଭେମ୍ବର ୮, ୨୦୦୮ରେ ଚନ୍ଦ୍ର କକ୍ଷରେ ଅବସ୍ଥାବିତ ହୋଇଥିଲା। ତତ୍ପରେ ନଭେମ୍ବର ୫, ୨୦୧୩ରେ ଭାରତର ପ୍ରଥମ ଅର୍ନ୍ତଗ୍ରହ ଅଭିଯାନ ମଙ୍ଗଳଯାନ ଆରମ୍ଭ କରିଥିଲା। ସେପ୍ଟେମ୍ବର ୧୪, ୨୦୧୪ରେ ମଙ୍ଗଳଯାନକୁ ମଙ୍ଗଳ କକ୍ଷରେ ଅବସ୍ଥାବିତ କରିପାରିଲା। ଅତଏବ ଏହିକ୍ଷେତ୍ରରେ ଭାରତ (ଇସ୍ରୋ) ଚୀନ ଓ ଜାପାନକୁ ପଛରେ ପକାଇ ଏସିଆରେ ପ୍ରଥମ ଏବଂ ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କାରିପାରିଥିଲା। ବିଗତ କିଛି ବର୍ଷରେ ଇସ୍ରୋ ୧୯୦ଟି ବିଦେଶୀ କୃତ୍ରିମ ଉପଗ୍ରହ ସଫଳତାର ସହ ପ୍ରକ୍ଷେପଣ କରି ବୈଦେଶିକ ମୁଦ୍ରା ବୃଦ୍ଧି କରିବାରେ ସମର୍ଥ ହୋଇଛି ଏବଂ ଆଗାମୀ ଦିନରେ ଏହା ଅଧିକ ହେବ ବୋଲି ଆଶା କରାଯାଉଛି। ଏହାକୁ ଦେଖାଶୁଣା କରିବା ପାଇଁ ଆଣ୍ଟ୍ରିକ୍ସ କର୍ପୋରେଶନ (Antrix Corporation) ନାମକ ଏକ ବ୍ୟବସାୟିକ ବିଭାଗର ଗଠନ କରାଯାଇଛି। ଇସ୍ରୋ ଭବିଷ୍ୟତ ପାଇଁ ଅନେକ କାର୍ଯ୍ୟକ୍ରମର ଯୋଜନା କରୁଅଛି। ତନ୍ମଧ୍ୟରୁ ୟୁଏଲଭି (ULV), ପୁନଃ-ବ୍ୟବହାର ଯୋଗ୍ୟ (RLV), ମହାକାଶଚାରୀ ପ୍ରେରଣ, ମହାକାଶ ଷ୍ଟେସନ ନିର୍ମାଣ ଆଦି ଉଲ୍ଲେଖନୀୟ। ଇସ୍ରୋର ଗଠନ ମହାକାଶ ତଥା ଗ୍ରହଜଗତ ସମ୍ବନ୍ଧରେ ତାତ୍ତ୍ୱିକ ଗବେଷଣା, ଅତ୍ୟାଧୁନିକ ମହାକାଶୀୟ ପ୍ରଯୁକ୍ତି ବିଦ୍ୟାର ଉନ୍ନତିକରଣ ଓ ଦେଶର ଉନ୍ନତିରେ ମହାକାଶର ପ୍ରୟୋଗ ଉଦ୍ଦେଶ୍ୟରେ କରାଯାଇଥିଲା। ଏହି ସଂସ୍ଥାନର ମୁଖ୍ୟ ମିଶନ ଗୁଡ଼ିକ ହେଲା - ମହାକାଶରେ ପହଁଚିବା ପାଇଁ ବାହାନ ତଥା ସେ ସମ୍ବଧିତ ପ୍ରଯୁକ୍ତିବିଦ୍ୟାର ପରିକଳ୍ପନା ଓ ବିକାଶ। ପୃଥିବୀର ପର୍ଯ୍ୟବେକ୍ଷଣ, ଯୋଗାଯୋଗ, ପଥ ପ୍ରଦର୍ଶନ, ଜଳବାୟୁ ବିଜ୍ଞାନ ଏବଂ ମହାକାଶ ବିଜ୍ଞାନ ପାଇଁ କୃତ୍ରିମ ଉପଗ୍ରହ ତଥା ସମ୍ବଧିତ ପ୍ରଯୁକ୍ତିବିଦ୍ୟାର ପରିକଳ୍ପନା ଓ ବିକାଶ। ମହାକାଶରୁ ଚିତ୍ର ଉତ୍ତୋଳନ କରି ପ୍ରାକୃତିକ ସମ୍ବଳର ସୁପରିଚାଳନା ଏବଂ ଜଳବାୟୁ ତଥା ପରିବେଶର ପର୍ଯ୍ୟବେକ୍ଷଣ କରିବା। ୧୯୮୪ ମସିହା ଏପ୍ରିଲ ମାସରେ ସୋଭିଏତ ୟୁନିୟନ ସହାୟତାରେ ରାକେଶ ଶର୍ମା ପ୍ରଥମ ଭରତୀୟ ମହାକାଶଚାରୀ ଭାବେ ମହାକାଶଯାନରେ ୮ ଦିନ ବିଚରଣ କରିଥିଲେ। ନଭେମ୍ବର ୦୭, ୨୦୦୬ ମସିହାରେ ମାନବଯୁକ୍ତ ମହାକାଶ ଅଭିଯାନ ପାଇଁ ଇସ୍ରୋ ବୈଜ୍ଞାନିକମାନେ ବେଙ୍ଗାଲୁରୁଠାରେ ପ୍ରଥମ ବୈଠକ କରିଥିଲେ। ଏହି ଅଭିଯାନରେ ମାନବବାହୀ ଯାନ ନିର୍ମାଣ ଏକ ଜଟିଳ ତଥା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଜୁଲାଇ ୦୫, ୨୦୧୮ରେ ଇସ୍ରୋ କ୍ରିଉ ଏସ୍‌କେପ୍ ସିଷ୍ଟମ୍ (Crew Escape System)ର ସଫଳ ପରୀକ୍ଷଣ କରିଥିଲା। ଭାରତୀୟ ମାନବଯୁକ୍ତ ମହାକାଶ ଅଭିଯାନ କାର୍ଯ୍ୟକ୍ରମର ନାମ 'ଗଗନାୟନ ମିଶନ' ରଖାଯାଇଥିଲା। ନାସା ଏବଂ ଋଷ୍ ଦ୍ୱରା ପ୍ରେରିତ ମହାକାଶଚାରୀ ମାନଙ୍କୁ ଯଥାକ୍ରମେ ଆଷ୍ଟ୍ରୋନଟ ଓ କସ୍ମୋନଟ୍ କୁହାଯାଉଥିବବେଳେ, ଇସ୍ରୋ ଏହାର ମହାକାଶଚାରୀ ଦଳର ନାମ ଫଭ୍ୟୋମନଟଫ (vyomanaut) ରଖାଯାଇଛି। ଭ୍ୟୋମନଟ ସଂସ୍କୃତ ଶବ୍ଦରୁ ଉଦ୍ଧୃତ ଭ୍ୟୋମ ଯାହାର ଅର୍ଥ ହେଉଛି ଅନ୍ତରୀକ୍ଷ। ୨୦୩୦ ମଧ୍ୟରେ ମହାକାଶରେ ଭାରତର ନିଜସ୍ୱ ସ୍ପେସ୍ ଷ୍ଟେସନ୍ (ମହାକାଶ କେନ୍ଦ୍ର) ନିର୍ମାଣ କରିବାର ଲକ୍ଷ ରଖିଛି। ଏହି ସ୍ପେସ ଷ୍ଟେସନ ପ୍ରତିଷ୍ଠା ପରେ ଭାରତର ଅନ୍ତରୀକ୍ଷ ଯାତ୍ରୀ ୧୫-୨୦ ଦିନ ମହାକାଶରେ ବିତେଇ ପାରିବେ। ଏବେ ସୁଦ୍ଧା କେବଳ ଆମେରିକା, ରୁଷ୍ ଏବଂ ଚୀନ ହିଁ ସ୍ପେସ୍ ଷ୍ଟେସନ ନିର୍ମାଣ କରିଛନ୍ତି। ଅନ୍ୟ ରାଷ୍ଟ୍ରମାନେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନର ବ୍ୟବହାର କରୁଛନ୍ତି। ସ୍ପେସ୍ ଷ୍ଟେସନ ପ୍ରକଳ୍ପ ଗଗନଯାନ ମିସନ୍‌ର ପରିବର୍ଦ୍ଧିତ କାର୍ଯ୍ୟକ୍ରମ ହେବ।

ଏବେ ଭାରତ ନୂତନ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ି ଚାଲିଛି, ନିରନ୍ତର ବୈଜ୍ଞାନିକ ଅନୁସନ୍ଧାନର ସୀମାକୁ ଆଗକୁ ବଢାଇ ଚାଲିଛି। 'ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ମିଶନ, 'ଗଗନାୟାନ', ମହାକାଶ ପ୍ରଯୁକ୍ତିବିଦ୍ୟାରେ ଦେଶର ବର୍ଦ୍ଧିତ ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ୨୦୩୫ ସୁଦ୍ଧା, ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ଐତିହାସିକ ଗବେଷଣା ଏବଂ ଆନ୍ତର୍ଜାତୀୟ ସହଯୋଗକୁ ନିଶ୍ଚିତ ସହଜ କରିବ। ୨୦୪୦ ସୁଦ୍ଧା ଜଣେ ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ପାଦଚିହ୍ନ ଛାଡିବେ ଏବଂ ମଙ୍ଗଳ ଏବଂ ଶୁକ୍ର ଗ୍ରହ ଭାରତର ଭବିଷ୍ୟତର ମହାକାଶ ମହତ୍ତ୍ୱାକାଂକ୍ଷାରେ ପ୍ରମୁଖ ଲକ୍ଷ୍ୟସ୍ଥଳ ହୋଇ ପାରିବ ବୋଲି ଆଶା କରାଯାଉଛି। ଭାରତର ମହାକାଶ ଦୃଷ୍ଟିକୋଣ ପ୍ରାଚୀନ ଦର୍ଶନ 'ବସୁଧୈବ କୁଟୁମ୍ବକମ୍' ଉପରେ ଆଧାରିତ। ଭାରତର ମହାକାଶ ଯାତ୍ରା କେବଳ ନିଜସ୍ୱ ଅଭିବୃଦ୍ଧି ନୁହେଁ ବରଂ ବିଶ୍ୱ ଜ୍ଞାନକୁ ସମୃଦ୍ଧ କରିବା, ସହଭାଗୀ ଆହ୍ୱାନ ଗୁଡ଼ିକୁ ସମାଧାନ କରିବା ଏବଂ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବାରେ ବିଶ୍ୱାସ କରେ। ଆଜିର ବିଜ୍ଞାନ ଓ ଭାରତରେ ମହାକାଶ ଗବେଷଣା କେନ୍ଦ୍ର ଏକ ଉତ୍ତମ ଭବିଷ୍ୟତ ଗଠନ କରିବା ପାଇଁ ମହାକାଶ ଅନୁସନ୍ଧାନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

# କଳା ଓ କଳାକାର



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ - ୭୨୦୫୧୦୦୮୩୯

କେଉଁ ପ୍ରସ୍ତର ଯୁଗରୁ କଳାକାର ଓ ତାର କଳା କୁ ସିକୃତି ମିଳିଛି। ପଥର ଗୁମ୍ଫା ଭିତରେ ଖୋଦେଇ ହୋଇଥିବା ଚିତ୍ର ସବୁ ସେ ସମୟର ଜୀବନ ଯାପନ ଓ ଘଟଣାକୁ ସତେ ଯେମିତି ନିରବରେ ବଖାଣୁଛନ୍ତି। ମନେ ହୁଏ ପଥର ଉପରେ ଲେଖା ହୋଇଛି ଆମର ଇତିହାସ। ମାନବ ସଭ୍ୟତାର ବିକାଶ। ସଙ୍ଗୀତ, ସାହିତ୍ୟ, ଶିଳ୍ପକଳା ଚିତ୍ର ଅଙ୍କନ ସବୁ ଗୁଡିକ ମଣିଷର ସୃଜନଶିଳ ପ୍ରତିଭାର ପ୍ରକାଶ। ମନେ ହୁଏ ଏ ସମସ୍ତ କଳା ଦେବ ପ୍ରଦତ୍ତ। ଏହି କଳାର ଧନୀଥିବା ଅନେକ କଳାକାର ବିଶ୍ୱ ସ୍ଥରରେ ସମ୍ମାନୀତ ହୋଇଛନ୍ତି। ଓଡ଼ିଶାର ବାଲୁକାଶିଳ୍ପି ସୁଦର୍ଶନ ପଟ୍ଟନାୟକଙ୍କୁ କିଏ ନ ଜାଣିଛି। ନୃତ୍ୟ ଶିଳ୍ପୀ ସଂଯୁକ୍ତା ପାଣିଗ୍ରାହି, କେଳୁଚରଣ ମହାପାତ୍ର,କଣ୍ଠ ଶିଳ୍ପୀ ଅକ୍ଷୟ ମହାନ୍ତି, ହ୍ୟୁମାନ ସାଗର, ଇରା ମହାନ୍ତି, ଭାରତ ରତ୍ନ ପୁରସ୍କାର ବିଜେତା ଲତା ମଙ୍ଗେସ୍କର ମହାନ ଅଭିନେତା ଅମିତାଭ ବଚନ, ଶ୍ରୀଦେବୀ ଇତ୍ୟାଦି ସମସ୍ତ କଳାକାରଙ୍କୁ ସେଲିବ୍ରେଟି କୁହାଯାଏ। ସେମାନଙ୍କୁ କୌଣସି ପ୍ରକାର ଆର୍ଥିକ ସଙ୍କଟ ଦେଇ ଗତି କରିବାକୁ ପଡୁନଥିବ କିନ୍ତୁ ଅନେକ କଳାକାର ନିଜର ପ୍ରତିଭା ଦେଖାଇ ଦେଶ ବିଦେଶରେ ସମ୍ମାନ ପାଇବା ପାଇଁ ଅକ୍ଷମ ହୋଇଥାନ୍ତି। ବଣ ମଲ୍ଲି ପରି ବଣରେ ଫୁଟି ମଉଳି ଯାଆନ୍ତି। ଗାଁ ବା ସହର ଭିତରେ ସେମାନଙ୍କ ପ୍ରତିଭା ପ୍ରକାଶ ପାଏ ଏବଂ ଅର୍ଥ ଅଭାବରେ ଧିରେ ଧିରେ ମଉଳି ଯାଏ। କଳା ଓ କଳାକାର ପ୍ରତ୍ୟେକ ସମାଜ ପାଇଁ ନମସ୍ୟ। ସଧାରଣ ମଣିଷଟିଏ ନିଜର କର୍ମମୟ ଜୀବନରୁ ମୁକ୍ତି ପାଇବା ପାଇଁ ସଙ୍ଗୀତ ଶୁଣିଥାଏ, ଚିତ୍ର କଳା ଦେଖିଥାଏ, ଯାତ୍ରା ବା ସିନେମା ଦେଖିବା ପାଇଁ ଯାଇ ଥାଏ। କଳାକାରଙ୍କ କଳା ଆମର ଦୈନନ୍ଦିନ ଜୀବନରେ ଅନୁଭୂତି କରିଥିବା ଦୁଃଖ ଓ ଶୋକରୁ ମୁକ୍ତି ଦେଇଥାଏ। ଆମ ଜୀବନରେ ଏହି ଆନନ୍ଦ ଭରି ଥିବା କଳାକାର ଯେ କିପରି ଜୀବନ କଟାଇଥାଏ ଆମ୍ଭେ ତାହା କେବେ ଜାଣିବା ପାଇଁ ଚାହିଁ ନଥାଉ। ଆମକୁ କିଛି ସମୟ ପାଇଁ ଆନନ୍ଦ ଦେଇ ପାରିଥିବା କଳାକାର କଣ ନିଜେ ଆନନ୍ଦରେ ଜୀବନ କଟାଇ ପାରିଥାଏ? ତାହା ନିଶ୍ଚୟ ବିଚାର କରିବା କଥା। ନିଜ ସାଧନାରେ ମଗ୍ନ ହେବାପାଇଁ ପାରିବାରିକ ସମସ୍ୟାରୁ ମୁକ୍ତ ହେବାକୁ ପଡ଼ିବ। ଆମ ଦେଶରେ ଅନେକ କଳାକାର ନିଜ ଘରର ଦାରିଦ୍ର୍ୟକୁ ନିଜ ଭିତରେ ଥିବା କଳାକୁ ପ୍ରଦର୍ଶନ କରି ମଧ୍ୟ ଦୂରେଇ ପାରନ୍ତି ନାହିଁ। ଆର୍ଥିକ ସଙ୍କଟ ଅନେକ କଳାକାରଙ୍କୁ କଳା ଠାରୁ ଦୂରେଇ ଦେଇଥାଏ। ସେମାନେ ଚାହିଁଲେ ବି କଳାର ସାଧନା କରି ପାରନ୍ତି ନାହିଁ। କଳାକାରଙ୍କ ଦୂରବସ୍ଥାକୁ ଅଧ୍ୟୟନ କଲାବେଳେ ମନେପଡେ ରାଧା ମୋହନ ଗଡ଼ନାୟକଙ୍କ କବିତା 'ଜାଗ ବର୍ମା ଜାଗ କଳାକାର'।

କବି ଗଡ଼ନାୟକ ନିଜର କଳାକାର ବଂଧୁଙ୍କ ଉଦ୍ଦେଶ୍ୟରେ ଏହି କବିତାଟି ରଚନା କରିଥିଲେ। କବିଙ୍କ ବଂଧୁ ଜଣେ ଦରିଦ୍ର ଘରର ପୁଅ। ଘରର ଆର୍ଥିକ ଦୂରାବସ୍ଥା କୁ ଦୂର କରିବା ପାଇଁ ପ୍ରଶାସନର ସାହାଯ୍ୟ ଚାହିଁଛିନ୍ତି କିନ୍ତୁ ପ୍ରଶାସନ ତାଙ୍କର ଶ୍ରେଷ୍ଠ କଳାକୃତି ପାଇଁ ଯେତେବେଳ କଳାକାରଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛି ସେତେବେଳେ କବିଙ୍କର କଳାକାର ବନ୍ଧୁ ଏହି ଦୁନିଆରୁ ବିଦାୟ ନେଇ ଯାଇଛନ୍ତି। ସରକାରଙ୍କ ଠାରୁ ସାହାଯ୍ୟ ପାଇଁ ହାତ ବଢ଼ାଇଥିବା କଳାକାର ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। କଳାକାରଙ୍କ ପାଇଁ ସରକାରଙ୍କ ତରଫରୁ ଯଦି ସାହାଯ୍ୟର ହାତ ଆଗକୁ ବଢିବ ତାହେଲେ ଅନେକ କଳାକାର ନିଜ ସାଧନା ପଥରେ ଆହୁରି ଆଗେଇ ପାରିବେ। ଆମ ଦେଶର ସରକାର ଅନେକ ପ୍ରକାର ସ୍କିମ୍ ଦ୍ୱାରା କୃଷକ, ବୟସ୍କ ଲୋକଙ୍କୁ ମହିଳାଙ୍କୁ, ବିଦ୍ୟାର୍ଥୀଙ୍କ ସାହାଯ୍ୟ କରୁଛନ୍ତି। ତାହେଲେ କଳାକାର କାହିଁକି ସରକାରଙ୍କ ଦୃଷ୍ଟିରେ ପଡୁ ନାହାନ୍ତି। କଳାକାରଙ୍କ ପାଖରେ ଥିବା ସୃଜନଶୀଳ ପ୍ରତିଭା ନିଶ୍ଚିତ ଭାବରେ ଦେବ ପ୍ରଦତ୍ତ ତେଣୁ ଯୁଗେ ଯୁଗେ ତାର ଆଦର ରହିବା କଥା। ଓଡ଼ିଶାରେ ଅନେକ ଲୋକ ନୃତ୍ୟ ଓ ସଙ୍ଗୀତ ଦେଖିବାକୁ ଓ ଶୁଣିବାକୁ ମିଳିଥାଏ। ଦାସକାଠିଆ ଓ ପାଲା ଓଡ଼ିଶାର ନିଜସ୍ୱ ପ୍ରତିଭା। ଏଇ ସମସ୍ତ କଳାକୁ ବଞ୍ଚାଇବାକୁ ପଡ଼ିବ। ଏବଂ କଳାକୁ ବଞ୍ଚାଇବାକୁ ହେଲେ ସମସ୍ତ କଳାକାରଙ୍କ ପାଇଁ ସରକାର ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ପ୍ରତ୍ୟେକ ମାସରେ ଯୋଗାଇ ଦିଅନ୍ତୁ ଏବଂ ସମାଜରେ କଳାର ପ୍ରଚାର ଓ ପ୍ରସାରର ବ୍ୟବସ୍ଥା କରନ୍ତୁ। ତାହେଲେ ଜଣେ କଳାକାର ନିଶ୍ଚିନ୍ତ ହୋଇ କଳାର ସର୍ଜନାରେ ବୁଡିରହି କାର୍ଯ୍ୟ କରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସବୁ ଶୁଭ କାର୍ଯ୍ୟରେ ପ୍ରଥମେ ପାଆନ୍ତି ପୂଜା ବିଘ୍ନର ବିନାଶକ ଶ୍ରୀଗଣେଶ



"ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭ, ନିର୍ବିଘ୍ନ କୁରୁମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା "

ଆଗକୁ ଆସୁଛି ଗଣେଶ ପୂଜା ଯାହାକୁ ନେଇ ସବୁଠି ପ୍ରସ୍ତୁତି ବଡ଼ ଧୁମଧାମରେ ଚାଲିଛି । ଆମେ ସମସ୍ତେ ପ୍ରଭୁ ଗଣେଶଙ୍କ ପୂଜା ଅତି ଉତ୍ସାହର ସହ କରିଥା'ନ୍ତି । ହେଲେ ପ୍ରଭୁ ଗଣେଶଙ୍କ ଏକ ବଡ଼ ମାହାତ୍ମ୍ୟ ବିଷୟରେ ଆପଣଙ୍କୁ ଜଣା ଅଛି କି ? ତେବେ ଆପଣମାନେ କେବେ ନା କେବେ ଲକ୍ଷ୍ୟ କରିଥିବେ ଆପଣଙ୍କ ଘରେ କିମ୍ବା ପୂଜା ମଣ୍ଡପରେ ପ୍ରତ୍ୟେକ ପୂଜା ଆରମ୍ଭ ପୂର୍ବରୁ ପୁରୋହିତ ପ୍ରଥମେ ଗଣେଶଙ୍କ ବନ୍ଦନା ପାଠ କରି ପୂଜା କାର୍ଯ୍ୟ ଆରମ୍ଭ କରିଥାନ୍ତି । ହେଲେ କାହିଁକି ଅନ୍ୟ ଦେବାଦେବୀଙ୍କୁ ଛାଡି ପ୍ରଥମେ ପ୍ରଭୁ ଗଣେଶଙ୍କୁ ପୂଜା କରାଯାଏ ? ତେବେ ଗଣେଶଙ୍କ ଅଗ୍ରପୂଜ୍ୟର କାରଣ କ'ଣ... "ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭ , ନିର୍ବିଘ୍ନ କୁରୁମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା " ଏହିଭଳି କିଛି ଗଣେଶ ବନ୍ଦନା ବିଭିନ୍ନ ଶୁଭ କାର୍ଯ୍ୟ ଆଗରୁ ପାଠ କରାଯାଏ । ପୁରୋହିତ ସମସ୍ତ ପୂଜା ପ୍ରାରମ୍ଭରୁ ହିଁ ଏହି ଗଣେଶ ବନ୍ଦନାକୁ ପାଠ କରନ୍ତି ଓ ପରେ ଅନ୍ୟ ଦେବାଦେବୀଙ୍କୁ ପୂଜା କରନ୍ତି । ଏହାର କାରଣ ହେଉଛି ଭଗବାନ ଗଣେଶଙ୍କୁ ହିନ୍ଦୁ ଧର୍ମରେ ବିଘ୍ନବିନାଶକ ଭାବରେ ମନାଯାଏ । କୁହାଯାଏ, କୌଣସି ବିଘ୍ନ ଆସୁଥିଲେ ପ୍ରଭୁ ଗଣେଶଙ୍କୁ ତାଙ୍କର ବନ୍ଦନା ପାଠ କରି ସ୍ମରଣ କଲେ ଆସୁଥିବା ବିଘ୍ନର ବିନାଶ ହୋଇଥାଏ । ଏଣୁ ଗଣେଶଙ୍କୁ ବିଘ୍ନ ବିନାଶକ ନାମରେ ମଧ୍ୟ ଡକାଯାଏ । ସାଧାରଣତଃ ପୂଜାରେ କାଳେ କେଉଁଠି ତ୍ରୁଟି ରହିଯାଇଥିବ ଓ ଏହା ପୂଜାକୁ ଅନର୍ଥ କରିଦେବ, ଏହି ଦୃଷ୍ଟିରୁ ପ୍ରଥମେ ଗଣେଶଙ୍କ ଶରଣ ପଶି ପୂଜା କରାଯାଏ । ଯଦି ପୂଜାରେ କେଉଁଠି ତ୍ରୁଟି ରହିଯାଇଥିବ ତାହେଲେ ଭଗବାନ ଗଣେଶ ସେହି ବିଘ୍ନର ବିନାଶ କରିଥାନ୍ତି । ଏହାପରେ ପୁରୋହିତ ଅନ୍ୟ ଦେବାଦେବୀଙ୍କ ବନ୍ଦନା ପାଠ କରି ପୂଜା କାର୍ଯ୍ୟ କରିଥାନ୍ତି । ଏହି କାରଣରୁ ଗଣେଶଙ୍କ ବନ୍ଦନା ପ୍ରଥମେ ପାଠ କରାଯାଇଥାଏ । ଘର, ଅଫିସ କିମ୍ବା ଶିକ୍ଷାନୁଷ୍ଠାନର ପ୍ରବେଶ ଦ୍ୱାର ମୁହଁରେ ଗଣେଶଙ୍କୁ ରଖି ପୂଜା କରାଯାଏ ଯାହା ଫଳରେ ଆଗକୁ ଆସୁଥିବା ବିପଦକୁ ପ୍ରଥମେ ଭଗବାନ ଗଣେଶ ଏଡାଇ ଦେଇଥାନ୍ତି ।

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ପ୍ରଭୁ ଶ୍ରୀଗଣେଶଙ୍କ ଜନ୍ମ । ଯାହାକୁ ଗଣେଶ ଚତୁର୍ଥୀ କୁହାଯାଇଥାଏ । ଏହି ଦିନ ଖୁବ୍ ଧୁମଧାମରେ ବିଘ୍ନେଶ୍ୱରଙ୍କର ସ୍ଥାପନା କରାଯାଇଥାଏ । ତେବେ ଘରେ ଗଣପତିଙ୍କ ସ୍ଥାପନା ପୂର୍ବରୁ କିଛି କଥା ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ । ଯାହା ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବା ସହ ଭଗବାନ ଗଣେଶଙ୍କ ଅପାର କୃପା ମିଳିଥାଏ । ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଗଣେଶ ସ୍ଥାପନା ଏବଂ ପୂଜା କରିବାର କିଛି ନିୟମ ରହିଥାଏ । ତେବେ ଏହି ନିୟମ ପାଳନ କରିବା ଦ୍ୱାରା ଆପଣଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଶାସ୍ତ୍ର ଅନୁସାରେ ଘରେ ପ୍ରଭୁ ଗଣପତିଙ୍କ ସ୍ଥାପନା ସମୟରେ ତାଙ୍କ ପ୍ରତିମାର ଆକୃତି, ରଙ୍ଗ, ଆକାର ଏବଂ ଦିଗ ବିଷୟରେ ଧ୍ୟାନ ଦେବା ଆବଶ୍ୟକ । ଏପରି କରିବା ଦ୍ୱାରା ଜୀବନରେ ସୁଖ, ଶାନ୍ତି, ଧନ ଏବଂ ବୈଭବ ପ୍ରାପ୍ତି ହୋଇଥାଏ । ଧନ ପ୍ରାପ୍ତି ପାଇଁ ଘରେ ଏହି ରଙ୍ଗର ମୂର୍ତ୍ତି ସ୍ଥାପନା କରନ୍ତୁ: ପୁରାଣ ଶାସ୍ତ୍ର ଅନୁସାରେ ଭଗବାନ ଗଣେଶଙ୍କୁ ପ୍ରଥମ ପୂଜ୍ୟ କୁହାଯାଇଥାଏ । ପ୍ରତ୍ୟେକ ଶୁଭ କାର୍ଯ୍ୟରେ ପ୍ରଥମେ ପ୍ରଭୁ ଗଣେଶଙ୍କ ସ୍ଥାପନା କରାଯାଇଥାଏ । ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ପ୍ରଭୁ ଗଣପତିଙ୍କର ଗୋଲାପି ରଙ୍ଗର ମୂର୍ତ୍ତି ସ୍ଥାପନା କରନ୍ତୁ । ଏପରି କରିବା ଦ୍ୱାରା ଧନ ପ୍ରାପ୍ତି ହୋଇଥାଏ ଏବଂ ବୈଭବ ବଢିଥାଏ । ଘରେ ଶାନ୍ତି ଏବଂ ପବିତ୍ରତା ଏହି ରଙ୍ଗର ମୂର୍ତ୍ତି ସ୍ଥାପନା କରନ୍ତୁ: ଆପଣ ଘରେ ସୁଖ ଶାନ୍ତି ଏବଂ ସମୃଦ୍ଧି ଚାହୁଁଥିଲେ ବପ୍ପାଙ୍କର ଧଳା ରଙ୍ଗର ମୂର୍ତ୍ତି ସ୍ଥାପନା କରନ୍ତୁ । ବାସ୍ତୁ ଅନୁସାରେ ଧଳା ରଙ୍ଗର ଗଣପତି ବହୁତ ପବିତ୍ର ଏବଂ ଶାନ୍ତିର ପ୍ରତିକ ହୋଇଥାନ୍ତି । ତେଣୁ ଘରେ ଏହି ରଙ୍ଗର ମୂର୍ତ୍ତି ସ୍ଥାପନା କରନ୍ତୁ । ଗଣପତିଙ୍କ ପୂଜା କରିବା ଦ୍ୱାରା ଜୀବନରେ ଲାଗି ରହିଥିବା ସଙ୍କଟ ଦୂର ହୋଇଥାଏ । ଯଦି ଆପଣଙ୍କର କୌଣସି କାମ ଦୀର୍ଘ ଦିନ ଧରି ଅଟକି ରହିଛି କିମ୍ବା ଜୀବନରେ ଅନେକ ଦିନ ହେବ ସମସ୍ୟା ଲାଗି ରହିଛି ତେବେ ଆପଣ ଘରେ ପ୍ରଭୁ ଗଣେଶଙ୍କର ସିନ୍ଦୁରୀ ରଙ୍ଗର ମୂର୍ତ୍ତି ସ୍ଥାପନା କରନ୍ତୁ । ତେବେ ଘରେ ପ୍ରତ୍ୟେକ ଦିନ ଏହି ରଙ୍ଗ ଗଣେଶ ମୂର୍ତ୍ତି ପୂଜା କରିବା ଦ୍ୱାରା ଆପଣଙ୍କର ସମସ୍ତ ସମସ୍ୟା ଦୂର ହେବ ।

# ପୁରୁଷ ଓ ମହିଳାଙ୍କ ଆୟୁଷ ମଧ୍ୟରେ ଏକ ବ୍ୟବଧାନ ରହିଆସିଛି



ଭେଷଜ ବିଜ୍ଞାନର ବିକାଶ ସାଙ୍ଗକୁ ସାମଗ୍ରିକ ଭାବେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟି ଆମମାନଙ୍କର ମୃତ୍ୟୁହାର କମିବା ସହ ହାରାହାରି ବୟସ ଯଥେଷ୍ଟ ବୃଦ୍ଧି ପାଇଛି । ଏକ ପରିସଂଖ୍ୟାନ ଅନୁଯାୟୀ, ୧୯୫୦ ମସିହା ବେଳକୁ ବିଶ୍ୱ ସ୍ତରରେ ମନୁଷ୍ୟର ହାରାହାରି ଜୀବନଧାରଣ କ୍ଷମତା ୪୬ରୁ ୪୮ ବର୍ଷ ରହିଥିବା ବେଳେ ୨୦୨୦ ମସିହା ବେଳକୁ ତାହା ସାଢ଼େ ୭୨ ବର୍ଷରୁ ୭୩ ବର୍ଷ ଯାଏ ହୋଇପାରିଛି । ତେବେ ପୁରୁଷ ଓ ମହିଳାଙ୍କ ଆୟୁଷ ମଧ୍ୟରେ ଏକ ବ୍ୟବଧାନ ରହିଆସିଛି । ଏହି ବ୍ୟବଧାନ ଏବେ କମିବାରେ ଲାଗିଛି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାଯାଇଛି । ସ୍ପେନ୍‌ର ଆଲକାଲା ବିଶ୍ୱବିଦ୍ୟାଳୟର ଅର୍ଥନୀତି ଓ ବାଣିଜ୍ୟ ପରିଚାଳନା ବିଭାଗର ଗବେଷକମାନଙ୍କ ଦ୍ୱାରା ସଂପନ୍ନ ହୋଇଥିବା ଗବେଷଣାରେ ଉତ୍ତର ଆମେରିକା, ୟୁରୋପ, ଜାପାନ, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ଆଦି ୧୯୦ଟି ଦେଶର ଲୋକମାନଙ୍କ ହାରାହାରି ବୟସକୁ ବିଚାରକୁ ନେଇ ଏକ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରାଯାଇଛି । ୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା । ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି । ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି ।

୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା । ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି । ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି । ସେହିପରି ୨୦୩୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ଆୟୁଷ ୮୬.୫୪ ବର୍ଷ ଓ ପୁରୁଷମାନଙ୍କର ୮୩.୧୩ ବର୍ଷ ହେବ ବୋଲି ଆକଳନ କରାଯାଉଛି । ମହିଳାମାନଙ୍କର ହାରାହାରି ବୟସ ଅଧିକ ରହିଥିଲେ ହେଁ ପୁରୁଷଙ୍କ ତୁଳନାରେ ସେମାନଙ୍କର ମୃତ୍ୟୁହାର ଅଧିକ ରହୁଥିବାରୁ ବୟସ ବ୍ୟବଧାନ ଏପରି କମି ଆସୁଥିବା ଜଣାଯାଇଛି ।

# ଏହି କ୍ଷେତ୍ରରେ ଅତ୍ୟଧିକ ପିତା ଖାଇବା ମନା



ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ । ଏଭଳି ଏକ ପରିବା ହେଉଛି କଲରା । କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ । କଲରା ଖାଇବାର ମଜା ଯିଏ ଜାଣିଛନ୍ତି ସେମାନଙ୍କର ଏହି ପରିବା ପ୍ରିୟ ପରିବା ଭିତରେ ଗଣା ହୋଇଯାଏ । ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ ।

କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ । ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ ।

କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି । ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ । ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ ।

କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ । ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ ।

ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ୍ୟ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ ।

ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ । ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ । ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ । ଅସ୍ତ୍ରୋପଚାର ପରେ ମଧ୍ୟ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି । ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି ।

# ୱାଇ କ୍ରୋମୋଜୋମ୍ ଲୋପ ଯୋଗୁଁ ପୁଅ ଆଉ ଜନ୍ମ ହେବେନି

ମହିଳାଙ୍କ ଗର୍ଭରେ ବଢୁଥିବା ଗର୍ଭସ୍ଥ ଶିଶୁର ଲିଙ୍ଗ କ'ଣ ହେବ । ଅର୍ଥାତ୍ ଶିଶୁ ପୁଅ ଅବା ଝିଅ ହେବ, ତାହା ପିତାମାତାଙ୍କ କ୍ରୋମୋଜୋମ ଉପରେ ନିର୍ଭର କରିଥାଏ । ବାସ୍ତବରେ, ମହିଳାଙ୍କ ଶରୀରରେ ଦୁଇଟି ଏକ୍ସ କ୍ରୋମୋଜୋମ୍ ଏବଂ ପୁରୁଷ ଶରୀରରେ ଗୋଟିଏ ଏକ୍ସ ଏବଂ ଗୋଟିଏ ୱାଇ କ୍ରୋମୋଜୋମ୍ ଅଛି । ଯେତେବେଳେ ପୁରୁଷ ଏବଂ ସ୍ତ୍ରୀର ଏକ୍ସଏକ୍ସ କ୍ରୋମୋଜୋମ୍ ମିଳିତ ହୁଏ, ଗର୍ଭସ୍ଥ ଶିଶୁ ଏକ ଝିଅ ହୋଇଥାଏ । ସେହିପରି ଯେତେବେଳେ ଏକ୍ସୱାଇ କ୍ରୋମୋଜୋମ୍ ମିଳିତ ହୋଇଥାଏ ଏହା ଏକ ପୁଅ ଜନ୍ମ ହୁଏ । ଏହାର ଅର୍ଥ ହେଉଛି ପୁଅ ଜନ୍ମ ହେବା ପାଇଁ ୱାଇ କ୍ରୋମୋଜୋମ୍ ରହିବା ଆବଶ୍ୟକ । ଯଦି ପୁରୁଷମାନଙ୍କର ୱାଇ କ୍ରୋମୋଜୋମ୍ ନଷ୍ଟ ହୋଇଯାଏ, ତେବେ ପୁଅମାନେ ଜନ୍ମ ହେବେ ନାହିଁ, କେବଳ ଝିଅମାନେ ଜନ୍ମ ହେବେ ଏବଂ ତା'ପରେ ମଣିଷ ସଭ୍ୟତା ଲୋପ ପାଇବ । ଏକ ନୂତନ ଅନୁସନ୍ଧାନରେ ମଧ୍ୟ ସମାନ ବିପଦ ନେଇ ଆଶଙ୍କା ପ୍ରକାଶ ପାଇଛି । ଯେଉଁଥିରେ କୁହାଯାଇଛି ଯେ ୱାଇ କ୍ରୋମୋଜୋମ୍ ହ୍ରାସ ପାଉଛି । ସାଇନ୍ସ ଆଲର୍ଟ ରିପୋର୍ଟ ଅନୁଯାୟୀ, ଅନୁସନ୍ଧାନରେ କୁହାଯାଇଛି ଯେ ମାନବର ୱାଇ କ୍ରୋମୋଜୋମ୍ ହ୍ରାସ ପାଉଛି ଏବଂ ଭବିଷ୍ୟତରେ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ହୋଇପାରେ । ତଥାପି, ଏହାକୁ ଶେଷ ହେବାକୁ ଲକ୍ଷ ଲକ୍ଷ ବର୍ଷ ଲାଗିବ । ଯଦି ମଣିଷ ୱାଇ କ୍ରୋମୋଜୋମ୍‌ର ବିକଳ୍ପ ଭାବରେ ଏକ ନୂତନ ଜିନ୍ ବିକଶିତ କରିବାକୁ ସକ୍ଷମ ନ ହୁଏ ଏବଂ ୱାଇ କ୍ରୋମୋଜୋମ୍‌ର ଏଭଳି ଅବନତି ଜାରି ରୁହେ, ତେବେ ପୃଥିବୀରେ ମାନବ ଜୀବନ ଲୋପ ହୋଇପାରେ । ୨୦୨୨ ମସିହାରେ ପ୍ରୋସିଡିଙ୍ଗସ୍ ଅଫ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶିତ ଏକ ଅନୁସନ୍ଧାନ ପେପର ଦ୍ୱାରା ଏକ ନୂତନ ଜିନ୍ ବିକଶିତ ହେବାର ଆଶା ବଢ଼ିଛି । ଏହା ବର୍ଣ୍ଣନା କରେ ଯେ ସ୍ପାଇନ୍ ମୂଷା କିପରି ଏକ ନୂତନ ପୁରୁଷ ନିର୍ଦ୍ଧାରଣକାରୀ ଜିନ୍ ବିକଶିତ କରିଛି । ଏହା ଏକ ବିକଳ୍ପ ସମ୍ଭାବନା । ଯାହା ସୂଚାଇବା ସହ କହୁଛି ମଣିଷ ଏକ ନୂତନ ଲିଙ୍ଗ ନିର୍ଦ୍ଧାରଣକାରୀ ଜିନ୍ ବିକଶିତ କରିପାରିବ । ତଥାପି, ଏହା ଅତ୍ୟନ୍ତ ସହଜ ନୁହେଁ । ଏହାର ବିକାଶରେ ମଧ୍ୟ ଅନେକ ବିପଦ ରହିଛି । ଏହାର ଅର୍ଥ ବର୍ତ୍ତମାନ ଏହାକୁ ଏକ ବିକଳ୍ପ ଭାବରେ ବିଚାର କରିବା କଷ୍ଟକର ହେବ । ମହିଳା ଏବଂ ପୁରୁଷଙ୍କର ଗୋଟିଏ ଏକ୍ସ ଏବଂ ଗୋଟିଏ ୱାଇ କ୍ରୋମୋଜୋମ୍ ଥାଏ । ଏକ୍ସ ରେ ପ୍ରାୟ ୯୦୦ ଜିନ୍ ଥିବାବେଳେ ୱାଇରେ ପ୍ରାୟ ୫୫ଟି ଜିନ୍ ଏବଂ ଅନେକ ଅଣ-କୋଡିଂ ଡିଏନଏ ଅଛି । ୱାଇ କ୍ରୋମୋଜୋମ୍ ଏକ ପିଚ୍ ପ୍ୟାକ୍ କରେ କାରଣ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଜିନ୍ ଥାଏ ଯାହା ଭ୍ରୁଣରେ ପୁରୁଷ ବିକାଶ ଆରମ୍ଭ କରିଥାଏ । ଏହି ମାଷ୍ଟର ଜିନ୍ ଗର୍ଭଧାରଣର ୧୨ ସପ୍ତାହ ପରେ ଅନ୍ୟ ଜିନ୍‌ରେ ପରିଣତ ହୋଇଥାଏ । ଏହା ଭ୍ରୁଣରେ ପୁରୁଷ ହରମୋନ୍ ଉତ୍ପାଦନ କରେ ଯାହା ନିଶ୍ଚିତ କରେ ଯେ ଶିଶୁଟି ପୁଅ ଭାବରେ ବିକଶିତ ହେବ । ଅନୁସନ୍ଧାନରୁ ଜଣାପଡିଛି ଯେ ଦୁଇଟି କ୍ରୋମୋଜୋମ୍ ମଧ୍ୟରେ ପାର୍ଥକ୍ୟ ବଢୁଛି । ବିଗତ ୧୬୬ ନିୟୁତ ବର୍ଷ ମଧ୍ୟରେ ୱାଇ କ୍ରୋମୋଜୋମ୍ ୯୦୦-୫୫ ସକ୍ରିୟ ଜିନ୍ ହରାଇଛି । ଏହା ସୂଚିତ କରୁଛି ପ୍ରତି ମିଲିୟନ୍ ବର୍ଷରେ ପାଞ୍ଚଟି ଜିନ୍ ନଷ୍ଟ ହେଉଛି । ଏହି ହାରରେ ୫୫ ଟି ଜିନ୍ ୧୧ ନିୟୁତ ବର୍ଷରେ ନଷ୍ଟ ହୋଇଯିବ । ୱାଇ କ୍ରୋମୋଜୋମର ହ୍ରାସ ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇଛି ।

# ଅଧିକ ଦିନ ବଞ୍ଚନ୍ତି ଆକର୍ଷଣୀୟ ଲୋକ



କିଏ ବା ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବାକୁ ନ ଚାହେଁ । ନିଜକୁ ଅଧିକ ଆକର୍ଷଣୀୟ କରିବାକୁ ଲୋକେ ଡାଏଟିଂ, ଏକ୍ସରସାଇଜ କରିବା ସହ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି । ସବୁବେଳେ ନିଜ ଶରୀର ଓ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାକୁ ଚେଷ୍ଟା କରନ୍ତି । ତେବେ ଏହି ଆକର୍ଷଣୀୟ ଦିଶୁଥିବା ଲୋକମାନେ କେବଳ ସୁନ୍ଦରତାର ଅଧିକାରୀ ନୁହଁନ୍ତି, ଅଧିକ ଜୀବନକାଳ ମଧ୍ୟ ଉପଭୋଗ କରନ୍ତି । ଏ କଥା ଆମେ କହୁନୁ, ବରଂ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ଅଧିକ ସୁନ୍ଦର, ସେମାନେ ଅନ୍ୟମାନଙ୍କ ଅପେକ୍ଷା ଦୀର୍ଘ ଦିନ ବଞ୍ଚି ରୁହନ୍ତି । ଏହା ପଛର କାରଣ ନେଇ ବିଶେଷଜ୍ଞଙ୍କ କହିବା କଥା, ନିୟମିତ ବ୍ୟାୟାମ କରିବା, ସ୍ୱାସ୍ଥ୍ୟକର ଓ ସନ୍ତୁଳିତ ଖାଦ୍ୟ ଖାଇବା, ଧୂମ୍ରପାନ ନ କରିବା ଭଳି ଅଭ୍ୟାସ ମଣିଷ ଜୀବନକୁ ଲମ୍ବା କରିଥାଏ । ଆଉ ଏଥିପ୍ରତି ଧ୍ୟାନ ଦେଇ ନିଜକୁ ସବୁବେଳେ ଫିଟ୍ ରଖୁଥିବା ଲୋକେ ଅଧିକ ଦିନ ଜୀବିତ ରହିଥାନ୍ତି । ୧୯୫୦ ଦଶକର ଗୋଟିଏ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ ଏକ ଅଧ୍ୟୟନ କରାଯାଇଥିଲା । ସ୍କୁଲର ଇୟରବୁକରୁ ପିଲାମାନଙ୍କ ଫଟୋ ଓ ସେମାନଙ୍କ ପାରିବାରିକ ପୃଷ୍ଠଭୂମି, ଶାରିରୀକ ସ୍ୱାସ୍ଥ୍ୟ ଓ ଆୟ ବିବରଣୀକୁ ଏକତ୍ରିତ କରାଯାଇଥିଲା । ଏହାପରେ ନ୍ୟାସନାଲ ଡେଥ୍ ଇଣ୍ଡେକ୍ସ ପ୍ଲସରୁ ସମସ୍ତଙ୍କ ମୃତ୍ୟୁ ସୂଚନା ସଂଗ୍ରହ କରାଯାଇଥିଲା । ଏଥିରୁ ଜଣାପଡିଲା ଯେ, ଯେଉଁ ଲୋକମାନେ ମୋଟା ଥିଲେ ସେମାନେ ଆକର୍ଷକ ଦିଶୁଥିବା ଲୋକଙ୍କ ତୁଳନାରେ କମ୍ ଦିନ ବଞ୍ଚିଥିଲେ । ଆପଣ ଯେଉଁଭଳି ଜୀବନଶୈଳୀ ଓ ଶାରିରୀକ ଗତିବିଧି ଆପଣାଇବେ ତାହାର ପ୍ରଭାବ ଆପଣଙ୍କ ଜୀବନକାଳ ଉପରେ ବି ପଡିବ । ଅର୍ଥାତ୍ ଯଦି ଆପଣ ଠିକ୍ ଭାବେ ନିଜ ଖାଦ୍ୟପେୟ, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥିବେ ତାହେଲେ ବିଭିନ୍ନ ଶାରିରୀକ ସମସ୍ୟାରୁ ଦୂରେଇ ରହିପାରିବେ ଓ ଦୀର୍ଘ ଦିନ ପର୍ଯ୍ୟନ୍ତ ନିରାମୟ ଜୀବନ ଅତିବାହିତ କରିପାରିବେ । ଯେଉଁ ଲୋକମାନେ କେବଳ ତ୍ୱଚାର ରୂପ ରଙ୍ଗରୁ ସୁନ୍ଦର, ସେମାନଙ୍କୁ ବିଶେଷ ଲାଭ ମିଳିବ ନାହିଁ । ଏହାର ଅର୍ଥ ହେଲା, ଏଠାରେ ତ୍ୱଚାର ରଙ୍ଗ କିମ୍ବା ଶାରିରୀକ ଗଠନ ଆପଣଙ୍କ ଜୀବନକାଳ ନିର୍ଦ୍ଧାରଣ କରୁଥିବା କୁହାଯାଇନି । ଅଧ୍ୟୟନରେ ଜଣାପଡିଥିଲା ଯେ, କମ୍ ଜୀବନକାଳ ବିଶିଷ୍ଟ ଲୋକଙ୍କ ଉପରେ ସାମାଜିକ ଭେଦଭାବ ଓ ଆର୍ଥିକ ଚାପର ଅଧିକ ପ୍ରଭାବ ପଡିଥିଲା । ଦେଖିବାକୁ ଆକର୍ଷଣୀୟ ହୋଇନଥିବା ଲୋକଙ୍କୁ ନିଜର ଜୀବନସାଥୀ ଖୋଜିବାରେ ବିଳମ୍ବ ହୋଇପାରେ । ଆଉ କିଛି ସେମିତି ନିଃସଙ୍ଗ ରହିଯାଆନ୍ତି । ଏସବୁ ଜଟିଳ ସମସ୍ୟା ସୃଷ୍ଟି କରିଥାଏ । ବିବାହ, ଆର୍ଥିକ ସମ୍ବଳ, ଶିକ୍ଷା ଲୋକଙ୍କ ଜୀବନକାଳକୁ ପ୍ରଭାବିତ କରେ ।

# ବ୍ରଣ କମାଇବ ବ୍ରଣ ସୃଷ୍ଟିକାରୀ ବୀଜାଣୁ

ମୁହଁରେ ବ୍ରଣ ଉଠି ତ୍ୱଚାକୁ କଦର୍ଯ୍ୟ କରିବା ସହ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ । ତେବେ କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ ବୈଜ୍ଞାନିକମାନେ ଏବେ ତାହାର ଉପଚାର ପାଇଁ ଏକ ଅଭିନବ କୌଶଳ ବିକଶିତ କରିଛନ୍ତି । ଆମ ଚର୍ମରେ ରହିଥିବା ବିଭିନ୍ନ ପ୍ରକାର ବୀଜାଣୁମାନଙ୍କ ଭିତରେ 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ହେଉଛି ଅନ୍ୟତମ । ଏହା ଆମ ଚର୍ମକୁ ବାହ୍ୟ ସୁରକ୍ଷା ଯୋଗାଇଥାଏ । ତେଣୁ ଆମ ଚର୍ମ ପାଇଁ ଏହା ଏକ ଅପରିହାର୍ଯ୍ୟ ବୀଜାଣୁ । ଏହା ଚର୍ମର ଲୋମକୂପ ବାଟେ ଚର୍ମର ଅଭ୍ୟନ୍ତରକୁ ପଶି 'ସିବମ୍' ନାମକ ଏକ ପ୍ରକାର ତୈଳୀୟ ପଦାର୍ଥ ଝରାଇଥାଏ । ଏହା ଚର୍ମ ଉପରେ ଆଖପାଖ ମୃତକୋଷମାନଙ୍କୁ ଅଠା ପରି ଏକାଠି କରି ଚର୍ମରେ ରହିଥିବା ରନ୍ଧ୍ରଗୁଡ଼ିକୁ ଅବରୋଧ କରିଦେଇଥାଏ, ଯାହା ଚର୍ମ ଉପରେ ବ୍ରଣ ସୃଷ୍ଟିର କାରଣ ସାଜିଥାଏ ।

ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି ।

ବହୁ ପରିମାଣର ସିବମ୍ ଓ ମୃତ କୋଷ ମିଶି ବ୍ରଣର ଆକାର ବଢ଼ାଇଥାନ୍ତି । ତେବେ ବ୍ରଣକୁ ଭଲ କରିବା ଲାଗି ଆମେ ସାଧାରଣତଃ ଆଣ୍ଟିବ୍ୟାକ୍ଟେରିଆ କ୍ରିମ୍ ବ୍ୟବହାର କରିଥାଉ । ମାତ୍ର ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି । ସେମାନେ ଉକ୍ତ ବୀଜାଣୁର ଗୁଣସୂତ୍ରରେ ସାମାନ୍ୟ ପରିବର୍ତ୍ତନ ଆଣି ଏକ ନୂତନ ପ୍ରଜାତିର 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ଉଦ୍ଭବ କରାଇଛନ୍ତି । ଏହି ନୂତନ ବୀଜାଣୁ ସିବନ କ୍ଷରଣକୁ ହ୍ରାସ କରାଇ ବ୍ରଣ ସୃଷ୍ଟିକୁ କମାଇପାରିବ । ତେବେ ଏହି ନୂଆ ପ୍ରଜାତିର ବୀଜାଣୁର ପରୀକ୍ଷା ନିରୀକ୍ଷା ମୂଷା ଚର୍ମ ଉପରେ ସଫଳ ହୋଇଥିବା ବେଳେ ମନୁଷ୍ୟ ଚର୍ମରେ ତାହାର ଅନୁକୂଳ ପ୍ରଭାବ ପାଇଁ ଗବେଷଣା ଜାରି ରହିଛି ।



# ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି । ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ । ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ । ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ । **ସେଓ ରସ:** ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଠାରୁ ଦୂରେଇ ରହି ହେବ ବୋଲି ଏକ କଥା ରହିଛି । ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ । ଏଥିରେ ସନ୍ଦେହ ନାହିଁ । ଏହାଛଡ଼ା ଆପଣ ଏଥିରେ ଖିର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି । **ମୌସୁମି ରସ:** ମୌସୁମି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ । ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସୁମି ଜୁସ୍ ପିଇଥାନ୍ତି । ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ । **ଡାଳିମ୍ବ ରସ:** ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ । ଦୈନିକ ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ । **ସପୁରୀ ରସ:** ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ । ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ ।



# ଶରୀର ପାଇଁ ଅତ୍ୟନ୍ତ ବିପଜ୍ଜନକ ବାସି ଖାଦ୍ୟ



ଆପଣ ରାତିରେ ଦିନର ବଳକା ଭାତ ଏବଂ ରାତିରେ ରାତିର ବଳକା ଭାତ ମଧ୍ୟ ଖାଉଛନ୍ତି କି ଯଦି ହଁ, ତେବେ ସାବଧାନ ରୁହନ୍ତୁ, କାରଣ ଏହା ଏକାସାଙ୍ଗରେ ଅନେକ ରୋଗକୁ ନିମନ୍ତ୍ରଣ କରିବା ପରି ଏବଂ ହାର୍ଟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । ତେଣୁ ଏହି ଖାଇବା ଅଭ୍ୟାସକୁ ତୁରନ୍ତ ତ୍ୟାଗ କରିବା ଉଚିତ ।

ବାସି ଖାଇବା ଦ୍ୱାରା ପେଟ ଏବଂ ହଜମ ସମସ୍ୟା ହୋଇପାରେ । ବାସ୍ତବରେ, ଜୀବାଣୁ ବାସି ଭାତରେ ବହୁତ ବୃଦ୍ଧି କରନ୍ତି, ଯାହା ପେଟ ସଂକ୍ରମଣର କାରଣ ହୋଇପାରେ । ଏହା ବ୍ୟତୀତ ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଭଳି ସମସ୍ୟା ମଧ୍ୟ ହୋଇପାରେ । ଏହା ହୃଦଘାତର କାରଣ ହୋଇଥାଏ । ଇଣ୍ଡିପେଣ୍ଡେନ୍ସର ରିପୋର୍ଟ ଅନୁଯାୟୀ, ଏହାକୁ ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତ ସମସ୍ୟା ବା ଫୁଡ ପଏଜନିଂ ହୋଇପାରେ । ରିପୋର୍ଟରେ କୁହାଯାଇଛି ଯେ କଞ୍ଚା ଚାଉଳରେ ସ୍ପୋରସ ମିଳିଥାଏ, ଯାହା ରାନ୍ଧିବା ସମୟରେ ମଧ୍ୟ ରହିଥାଏ, କିନ୍ତୁ ଚାଉଳ ଗରମ ହେଲେ ଏହି ଜୀବାଣୁ ଶରୀରକୁ କ୍ଷତି ପହଞ୍ଚାଇବାରେ ଅସମର୍ଥ ହୁଅନ୍ତି । ଯେତେବେଳେ ଚାଉଳକୁ କୋଠରୀ ତାପମାତ୍ରାରେ ଅନେକ ଘଣ୍ଟା ରଖାଯାଏ, ସ୍ପୋରସ ଜୀବାଣୁରେ ପରିଣତ ହୁଏ ଏବଂ ଯେତେବେଳେ ଏହି ଜୀବାଣୁ ଶରୀରରେ ପହଞ୍ଚନ୍ତି, ସେତେବେଳେ ଏହା ଜଣଙ୍କୁ ଅସୁସ୍ଥ କରିପାରେ ।

ଯେତେବେଳେ ଚାଉଳକୁ ଦୀର୍ଘ ସମୟ ଧରି ରଖାଯାଏ, ଏହା ଦୂଷିତ ହୋଇଯାଏ, ଯାହାକୁ ଭଜା ଚାଉଳ ସିଣ୍ଡ୍ରୋମ କୁହାଯାଏ । ଏହା ପେଟଠାରୁ ଆରମ୍ଭ କରି ଅନେକ ରୋଗର କାରଣ ହୋଇଯାଏ । ଏହା ବ୍ୟତୀତ, ବାସିଭାତ ମଧ୍ୟ ହୃଦୟ ସମ୍ବନ୍ଧୀୟ ରୋଗ କରିଥାଏ । ମଞ୍ଚେଷ୍ଟର ଏବଂ ସାଲଫୋର୍ଡ ୟୁନିଭରସିଟି ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ମାଟିରେ ଚାଉଳ ଚାଷ କରାଯାଏ, ସେଥିରେ ଆର୍ସେନିକ ଅଧିକ ଥାଏ । ଯେହେତୁ ଚାଉଳ ଚାଷ ପାଇଁ ପ୍ରଚୁର ଜଳ ଆବଶ୍ୟକ । କ୍ଷେତରେ ଥିବା ଧାନ ଫସଲ ସଂପୂର୍ଣ୍ଣ ପାଣିରେ ବୁଡ଼ି ରହିଥାଏ । ଯେଉଁଥିପାଇଁ ଆର୍ସେନିକର ପରିମାଣ ବଢିଥାଏ । ଯେତେବେଳେ ଆର୍ସେନିକ ଅନ୍ୟ ବିଷାକ୍ତ ପଦାର୍ଥ ସହିତ ମିଶ୍ରିତ ହୁଏ ଏହା ହୃଦଘାତର କାରଣ ହୋଇଥାଏ । ତେଣୁ ବାସି ଭାତ ଖାଇ ଏହି ସମସ୍ୟା ଆହୁରି ବଢିଯାଏ ।

# ଲୋକସଭାରେ ପାରିତ ହେଲା ଖେଳ ପ୍ରଶାସନ ବିଧେୟକ



**ନୂଆଦିଲ୍ଲୀ**

ବହୁପ୍ରତୀକ୍ଷିତ ରାଷ୍ଟ୍ରୀୟ ଖେଳ ପ୍ରଶାସନ (ନ୍ୟାସନାଲ୍ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ) ବିଧେୟକ ସୋମବାର ଲୋକସଭାରେ ପାରିତ ହୋଇଛି। କେନ୍ଦ୍ର ଖେଳ ମନ୍ତ୍ରୀ ମନସୁଖ ମଣ୍ଡଭିୟ ଏହାକୁ ସ୍ୱାଧୀନତା ପରେ ଭାରତୀୟ ଖେଳର ସବୁଠୁ ବଡ଼ ସଂସ୍କାର ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟ ଜୁଲାଇ ୨୩ରେ ଏହି ବିଧେୟକକୁ ଲୋକସଭାରେ ଉପସ୍ଥାପନ କରିଥିଲେ। ଏହି ବିଧେୟକରେ ଉତ୍ତରଦାୟୀ ପାଇଁ ଏକ କଠୋର ବ୍ୟବସ୍ଥା କରିବା ପାଇଁ ଏକ ରାଷ୍ଟ୍ରୀୟ ଖେଳ ବୋର୍ଡ (ଏନ୍‌ଏସବି) ଗଠନର ପ୍ରାବଧାନ ରହିଛି। ସମସ୍ତ ରାଷ୍ଟ୍ରୀୟ ଖେଳ ମହାସଂଘ (ଏନ୍‌ଏସ୍‌ଏଫ)କୁ କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ପାଇବାକୁ ହେଲେ ଏନଏସବିଠାରୁ ମାନ୍ୟତା ହାସଲ କରିବାକୁ ପଡ଼ିବ।

କେନ୍ଦ୍ର ଖେଳ ମନ୍ତ୍ରୀ କହିଛନ୍ତି, ଏହା ସ୍ୱାଧୀନତା ପରେ ଖେଳ କ୍ଷେତ୍ରରେ ଅଣାଯାଇଥିବା ସବୁଠୁ ବଡ଼ ସଂସ୍କାର ଅଟେ। ଏହି ବିଧେୟକ ଖେଳ ସଂଘରେ ଉତ୍ତରଦାୟୀ, ନ୍ୟାୟ ଓ ଉତ୍ତମ ପ୍ରଶାସନ ସୁନିଶ୍ଚିତ କରିବ। ଭାରତର ଖେଳ ଜଗତରେ ଏହାର ବଡ଼ ଗୁରୁତ୍ୱ ରହିବ। ତେବେ ଏହା ଦୁର୍ଭାଗ୍ୟର କଥା ଯେ ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଓ ସଂସ୍କାରରେ ବିରୋଧୀଙ୍କ ଭାଗିଦାରୀ ନାହିଁ। ଏହି ବିଲ୍ ଅନୁଯାୟୀ, 'ଜାତୀୟ ସ୍ୱାର୍ଥରେ ନିର୍ଦ୍ଦେଶ ଜାରି କରିବା ଏବଂ ପ୍ରତିବନ୍ଧକ ଲଗାଇବାର କ୍ଷମତା' ସମ୍ବନ୍ଧୀୟ ଧାରା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପାଖରେ ସ୍ୱତନ୍ତ୍ର ପରିସ୍ଥିତିରେ ଭାରତୀୟ ଦଳ ଏବଂ ବ୍ୟକ୍ତିଗତ ଖେଳାଳିଙ୍କ ଅନ୍ତର୍ଜାତୀୟ ଅଂଶଗ୍ରହଣ ଉପରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇବାର କ୍ଷମତା ରହିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଧେୟକରେ ରାଷ୍ଟ୍ରୀୟ ଖେଳ ନ୍ୟାୟାଧିକରଣର ପ୍ରସ୍ତାବ ରହିଛି। ଏହା ଅନୁସାରେ, ଏକ ଦେୱାନୀ କୋର୍ଟ ପାଖରେ ଶକ୍ତି ରହିବ, ଯିଏ ମହାସଂଘ ଓ ଖେଳାଳିଙ୍କ ଚୟନଠାରୁ ଆରମ୍ଭ କରି ବିବାଦର ସମାଧାନ କରିବ। ଥରେ ରାୟ ଆସିବା ପରେ, ନିଷ୍ପତ୍ତିକୁ କେବଳ ସର୍ବୋଚ୍ଚ ନ୍ୟାୟାଳୟରେ ହିଁ ଚ୍ୟାଲେଞ୍ଜ କରାଯାଇପାରିବ।

# ଶୁବମନ ଗିଲ ପାଇଲେ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର

**ନୂଆଦିଲ୍ଲୀ**

ଭାରତୀୟ ଟେଷ୍ଟ ଟିମ୍‌ର ଅଧିନାୟକ ଶୁବମନ ଗିଲଙ୍କୁ ମିଳିଛି ଆଇସିସି ବଡ଼ ପୁରସ୍କାର। ତାଙ୍କୁ ଆଇସିସି ପକ୍ଷରୁ ଜୁଲାଇ ମାସର ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ ପାଇଁ ଗିଲ୍ ଏପରି ପୁରସ୍କାରର ଅଧିକାରୀ ହୋଇଛନ୍ତି।




ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡ଼ରେ ଗିଲଙ୍କ ବ୍ୟତୀତ ଇଂଲଣ୍ଡର ଅଧିନାୟକ ବେନ ଷ୍ଟୋକ୍ସ ଓ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ୱିଆନ ମୁଲଡର ରହିଥିଲେ। କିନ୍ତୁ ଉଭୟଙ୍କୁ ପଛରେ ପକାଇ ଗିଲ ଜୁଲାଇ ମାସର ଶ୍ରେଷ୍ଠ ପୁରସ୍କାର ଜିତିଛନ୍ତି।

୪ର୍ଥ ଥର ପାଇଁ ଗିଲ ଆଇସିସିର ମାସିକିଆ ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ବ୍ୟତୀତ ବିଶ୍ୱର ଆଉ କୌଣସି ପୁରୁଷ କ୍ରିକେଟର ଏପରି ଗୌରବ ହାସଲ କରିନାହାନ୍ତି।

ଏହାପୂର୍ବରୁ ୨୦୨୩ ଜାନୁଆରୀ, ୨୦୨୩ ସେପ୍ଟେମ୍ବର ଓ ୨୦୨୫ ଫେବୃଆରୀରେ ଗିଲଙ୍କୁ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା। ଗିଲ ଇଂଲଣ୍ଡ ବିପକ୍ଷ ସିରିଜରେ ୭୫୪ ରନ କରିଥିଲେ। ତାଙ୍କ ବ୍ୟାଟିଂ ଆଭରେଜ ୭୫.୪ ରହିଥିଲା। ସେ ୪ଟି ଶତକ ମଧ୍ୟ ମାରିଥିଲେ। ଏଥିପାଇଁ ତାଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ମିଳିଥିଲା।

**ମହିଳା ବର୍ଗରେ ବାଜି ମାରିନେଲେ ସୋଫିଆ ଡଙ୍କଲୀ :** ମହିଳା ବର୍ଗରେ ଆଇସିସି ଜୁଲାଇ ମାସର ଶ୍ରେଷ୍ଠ ପୁରସ୍କାର ଇଂଲଣ୍ଡ ବ୍ୟାଟର ସୋଫିଆ ଡଙ୍କଲୀଙ୍କୁ ଦେଇଛି। ଏହି ରେସ୍‌ରେ ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ ଓ ଆୟର୍ଲ୍ୟାଣ୍ଡର ଗାବୀ ଲୁଇସ ରହିଥିଲେ। ଉଭୟଙ୍କୁ ପଛରେ ପକାଇ ଡଙ୍କଲୀ ବାଜି ମାରି ନେଇଛନ୍ତି। ଭାରତ ବିପକ୍ଷ ୫ ଟି-୨୦ ଓ ୩ ଦିନିକିଆ ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏଥିପାଇଁ ତାଙ୍କୁ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# କାର୍ମେଲ ସ୍କୁଲର ଆଞ୍ଚଳିକ ଦ୍ୱିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

କାର୍ମେଲ ସ୍କୁଲ, ଜଲଦା ପ୍ରାୟୋଜିତ ସିଆଇଏସସିଇ ଦ୍ୱାରା ପରିଚାଳିତ ଦ୍ୱିଦିବସୀୟ ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଛି। ସ୍କୁଲର ଅଧ୍ୟକ୍ଷା ସିଷ୍ଟର ଜୟସିଲିଆ ଏସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ସହ ମଶାଲର ଅଗ୍ନି ସଂଯୋଗ କରି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ରାଓ ଏହି ଅବସରରେ ପ୍ରତିଯୋଗୀଙ୍କୁ କହିଲେ ଯେ ଖେଳ ମାଧ୍ୟମରେ ଐକ୍ୟବଦ୍ଧତା, ଭାଇଚାରା ସୃଷ୍ଟି ସହ ଶାରୀରିକ ଓ ମାନସିକ ଶକ୍ତି ବୃଦ୍ଧି ଘଟିଥାଏ। ହାରିବା ଜିତିବା ବଡ଼କଥା ନୁହେଁ, ହାରିଲେ ତା'ର କାରଣ ଖୋଜି ଆଗକୁ ବଢ଼ିବା ହେଉଛି ଖେଳାଳିଙ୍କ ଲକ୍ଷ୍ୟ ହେବା ଦରକାର। ଏଥିପାଇଁ ସେ ନିକଟରେ ଶେଷ ହୋଇଥିବା ଭାରତ ଇଂଲଣ୍ଡ କ୍ରିକେଟ ମ୍ୟାଚ୍‌ର ଉଦାହରଣ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ସିଷ୍ଟର ଜୟସିଲିଆ ଏସି ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍କୁଲର କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୫ଟି ଜୋନ୍ ଝାରସୁଗୁଡ଼ା, ବାଲେଶ୍ୱର, ବଲାଙ୍ଗୀର, ରାୟଗଡ଼ା ଓ ରାଉରକେଲାର ପ୍ରାୟ ୩୮୫ ଜଣ ପ୍ରତିଯୋଗୀ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୩୦୦୦ ମିଟର ଦୌଡ଼ ପ୍ରତିଯୋଗିତା, ୩ କିମି ଓ ୫ କିମି ଚାଲିବା ପ୍ରତିଯୋଗିତା, ୪୦୦ ମି ରିଲେ ରେସ, ଲଙ୍ଗଜମ୍ପ, ହାଇଜମ୍ପ, ଟ୍ରିପଲ୍ ଜମ୍ପ, ସଟପୁଟ୍, ଡିସକସ୍,ଜାଭେଲିନ୍, ୪୦୦×୪ ଗୁଣା ରିଲେ ରେସରେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲର ଉପାଧ୍ୟକ୍ଷା ସିଷ୍ଟର ଆପୋଲୋନିକା ଏସି, ଫାଦର ସମୀର ତିର୍କି, ଫାଦର ବିନିତ, ବ୍ରଦର ବିମଲ ଟପ୍ପୋ, ସିଷ୍ଟର ପ୍ରିସିଲା, ସିଷ୍ଟର ବିନୟ ପ୍ରମୁଖ ଉପସ୍ଥିତ ଥିଲାବେଳେ ଜିତେନ୍ଦ୍ର ଦାସ, ଶୁଭଶ୍ରୀ ମହାନ୍ତି, ରେଣୁବାଳା ନାୟକ, ଶକୁନ୍ତଳା ଉପାଧ୍ୟାୟ, କୋଚ୍ ଶିବ ମିଶ୍ର, ଜନ୍ମେଜୟ ମହନ୍ତ ଓ ଅନ୍ୟମାନେ ଏହି କ୍ରୀଡା ପ୍ରତିଯୋଗିତା କୁ ପରିଚାଳନା କରିଥିଲେ। ସେଲିନା ପୁଷ୍ପା ଲାକ୍ରା ଓ ଖୁସବୁ କର ମଞ୍ଚ ପରିଚାଳନା କରିଥିଲେ।




# ବିବାହ ପ୍ରସ୍ତାବ ଦେଇ ପ୍ରେମିକାଙ୍କୁ ୪୨ କୋଟି ଟଙ୍କାର ହୀରା ମୁଦି ଦେଲେ କ୍ରିଷ୍ଟିଆନୋ ରୋନାଲ୍ଡୋ



**ନୂଆଦିଲ୍ଲୀ**

ପର୍ତ୍ତୁଗୀଜ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ ଦୀର୍ଘଦିନର ଗାର୍ଲଫ୍ରେଣ୍ଡ ଜର୍ଜିନା ରଡ୍ରିଗେଜଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି। ଜର୍ଜିନା ସୋସିଆଲ ମିଡିଆରେ ଏକ ବିଶାଳ ହୀରା ମୁଦି ପ୍ରଦର୍ଶନ କରି ଏହି ଖବର ନିଶ୍ଚିତ କରିଛନ୍ତି, ଯାହା ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛି। ମୁଦିଟି ପ୍ରାୟ ୫ ସେଣ୍ଟିମିଟର ଲମ୍ବା, ଯେଉଁଥିରେ ଏକ ବଡ଼ ଓଭାଲ ଆକୃତିର ହୀରା ସହ ଦୁଇଟି ଛୋଟ ହୀରା ରହିଛି। ଜୁଏଲାରୀ ବିଶେଷଜ୍ଞ କହିଛନ୍ତି ଯେ ମୁଖ୍ୟ ହୀରାଟି ୨୫-୩୦ କ୍ୟାରେଟ ମଧ୍ୟରେ ହୋଇପାରେ, ଅନ୍ୟ ବିଶେଷଜ୍ଞମାନେ ଏହାକୁ ଅତି କମ୍‌ରେ ୧୫ କ୍ୟାରେଟ ବୋଲି କହିଛନ୍ତି। ଫ୍ରାଙ୍କ ଡାର୍ଲିଂର ପ୍ରତିଷ୍ଠାତା କେଗାନ ଫିଶରଙ୍କ ମତେ, ପାର୍ଶ୍ୱରେ ଥିବା ଦୁଇଟି ହୀରା ପ୍ରାୟ ୧ କ୍ୟାରେଟ ପ୍ରତ୍ୟେକ। ଏହି ହୀରାର ଗୁଣବତ୍ତା ଓ ଆକାର ଏହାକୁ ଅତ୍ୟନ୍ତ ପ୍ରିମିୟମ ବୋଲି ସୂଚାଏ। ବିଶେଷଜ୍ଞମାନେ ମୁଦିର ମୂଲ୍ୟ ୨-୫ ମିଲିୟନ ଡଲାର (ପ୍ରାୟ ୧୬.୮ କୋଟିରୁ ୪୨ କୋଟି ଟଙ୍କା) ମଧ୍ୟରେ ବୋଲି ଆକଳନ କରିଛନ୍ତି। ଲୋରେଲ ଡାଏମଣ୍ଡସର ଲରା ଟେଲର ଏହାର ନ୍ୟୁନତମ ମୂଲ୍ୟ ୨ ମିଲିୟନ ଡଲାର ବୋଲି କହିଛନ୍ତି, ଆଉ ରେୟାର କାରାଟର ସିଇଓ ଅଜୟ ଆନନ୍ଦ ଏହାକୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଆକଳନ କରିଛନ୍ତି। ରୋନାଲ୍ଡୋ ଓ ଜର୍ଜିନା ୨୦୧୬ ମସିହାରୁ ଡେଟିଂ କରୁଛନ୍ତି, ଯେତେବେଳେ ଜର୍ଜିନା ମାଡ୍ରିଡର ଏକ ଗୁଚି ଷ୍ଟୋରରେ କାମ କରୁଥିଲେ। ୨୦୧୭ରେ ଜୁରିଖରେ ବେଷ୍ଟ ଫିଫା ଫୁଟବଲ ଆୱାର୍ଡସରେ ସେମାନେ ଏକାଠି ଆସି ସମ୍ପର୍କକୁ ସାର୍ବଜନୀନ କରିଥିଲେ। ଏହି ଦମ୍ପତିଙ୍କର ତିନି ସନ୍ତାନ ଅଛନ୍ତି- ଆଲାନା ମାର୍ଟିନା (ଜନ୍ମ: ୧୨ ନଭେମ୍ବର ୨୦୧୭), ବେଲା ଏସମେରାଲଡା (ଜନ୍ମ: ୧୮ ଏପ୍ରିଲ ୨୦୨୨), ଓ ଏଞ୍ଜେଲ (ଜନ୍ମ: ୧୮ ଏପ୍ରିଲ ୨୦୨୨), କିନ୍ତୁ ଦୁର୍ଭାଗ୍ୟବଶତଃ ଏଞ୍ଜେଲ ଜନ୍ମ ପରେ ଶୀଘ୍ର ମୃତ୍ୟୁବରଣ କରିଥିଲେ। ରୋନାଲ୍ଡୋଙ୍କର ପୂର୍ବ ସମ୍ପର୍କ ଓ ସରୋଗେସି ମାଧ୍ୟମରେ ଆହୁରି ତିନି ସନ୍ତାନ ଅଛନ୍ତି।

# ଆଇପିଏଲ ୨୦୨୬ ନିଲାମୀ ନେଇ ଅଶ୍ୱିନଙ୍କ ଭବିଷ୍ୟବାଣୀ

**ମୁମ୍ବାଇ**

ଆଇପିଏଲ ୨୦୨୫ ସିଜନରେ ଚେନ୍ନାଇ ସୁପର କିଙ୍ଗସ (ସିଏସକେ) ଓ କୋଲକାତା ନାଇଟ ରାଇଡର୍ସ (କେକେଆର) ଭଳି ଦଳ ଯଥାକ୍ରମେ ଦଶମ ଓ ଅଷ୍ଟମ ସ୍ଥାନରେ ରହିଥିବାରୁ ଆଇପିଏଲ ୨୦୨୬ ପାଇଁ ବଡ଼ ଡିଲ୍‌ର ସୁଯୋଗ ପାଇଛନ୍ତି। ସିଏସକେ ତାରକା ତଥା ପୂର୍ବତନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଆଶ୍ୱିନ, ଯିଏ ନିଜେ ଟ୍ରେଡ୍ ଗୁଜବର କେନ୍ଦ୍ରରେ ଅଛନ୍ତି, ଆଇପିଏଲ ୨୦୨୬ ମିନି ନିଲାମରେ ସବୁଠାରୁ ମହଙ୍ଗା ଖେଳାଳିଙ୍କ ସମ୍ଭାବନା ଉପରେ ଭବିଷ୍ୟବାଣୀ କରିଛନ୍ତି।

ଆଶ୍ୱିନ ତାଙ୍କ ହିନ୍ଦୀ ୟୁଟ୍ୟୁବ ଚ୍ୟାନେଲ 'ଆଶ କି ବାତ'ରେ କହିଛନ୍ତି, "ଏହି ମିନି ନିଲାମରେ ଭାରତୀୟ ଖେଳାଳି ପାଇବା କଷ୍ଟକର ହେବ। ବୋଧହୁଏ କେବଳ ନୂଆ ଖେଳାଳି ଆସିବେ। ମହଙ୍ଗା ଖେଳାଳି ବିଦେଶୀ ହେବେ।" ସେ ଆହୁରି କହିଛନ୍ତି, "ଏକ ଫ୍ରାଞ୍ଚାଇଜି ବଡ଼ ଭାରତୀୟ ଖେଳାଳିଙ୍କୁ ଛାଡ଼ିବା ମୂର୍ଖାମୀ ହେବ। ଅନେକ ଅଷ୍ଟ୍ରେଲୀୟ ଖେଳାଳି ନିଲାମରେ ଆସିବେ।"




ଅଶ୍ୱିନ ଦୁଇଜଣ ଅଷ୍ଟ୍ରେଲୀୟ ତାରକାଙ୍କୁ ଚିହ୍ନଟ କରିଛନ୍ତି ଯିଏ ମିନି ନିଲାମରେ ବଡ଼ ମୂଲ୍ୟ ପାଇପାରନ୍ତି। ସେ କହିଛନ୍ତି, "ମିଚେଲ ଓୱେନ, ଯିଏ ପଞ୍ଜାବ କିଙ୍ଗସ ପାଇଁ ତିନୋଟି ମ୍ୟାଚରେ ବଦଳି ଖେଳାଳି ଥିଲେ ଓ କାମେରନ ଗ୍ରୀନ ନିଲାମରେ ଆସୁଛନ୍ତି। ବିଦେଶୀ ଅଲରାଉଣ୍ଡର ହିସାବରେ ସେମାନେ ବଡ଼ ମୂଲ୍ୟରେ ବିକ୍ରି ହେବେ।"

ସେ ଆହୁରି କହିଛନ୍ତି, "ମିନି ନିଲାମ ସମସ୍ତ ଦଳ ପାଇଁ ୨୫-୩୦ କୋଟି ଟଙ୍କାର ଖେଳ ହେବ।" ଆଶ୍ୱିନ ଲକ୍ଷ୍ନୌ ସୁପର ଜାୟାଣ୍ଟସ (ଏଲଏସଜି)ର ପେସର ମୟଙ୍କ ଯାଦବଙ୍କୁ ମଧ୍ୟ ଉଚ୍ଚ-ମୂଲ୍ୟ ଭାରତୀୟ ଖେଳାଳି ଭାବେ ନିଲାମରେ ଆସିପାରନ୍ତି ବୋଲି ଇଙ୍ଗିତ ଦେଇଛନ୍ତି। ମୟଙ୍କଙ୍କୁ ଏଲଏସଜି ୧୧ କୋଟି ଟଙ୍କାରେ ରିଟେନ କରିଥିଲା, କିନ୍ତୁ ନିରନ୍ତର ଆଘାତ ଯୋଗୁଁ ତାଙ୍କ ଖେଳ ସମୟ ସୀମିତ ହୋଇଛି।

ନଭେମ୍ବର କିମ୍ବା ଡିସେମ୍ବର ୨୦୨୫ରେ ହେବାକୁ ଥିବା ଆଇପିଏଲ ୨୦୨୬ ମିନି ନିଲାମ ପୂର୍ବରୁ ଟ୍ରେଡ୍ ୱିଣ୍ଡୋ ସରଗରମ ହେଉଛି। ସଞ୍ଜୁ ସାମସନ ଓ କେଏଲ ରାହୁଲଙ୍କ ଭଳି ବଡ଼ ନାମକୁ ସିଏସକେ ଓ କେକେଆର ଭଳି ଦଳ ଚାହୁଁଛନ୍ତି, ଯେଉଁମାନେ ଖରାପ ସିଜନ ପରେ ପୁନରାଗମନ ଲକ୍ଷ୍ୟ ରଖିଛନ୍ତି।

ଅନ୍ୟପକ୍ଷରେ, ଆଶ୍ୱିନ ନିଜେ ଟ୍ରେଡ୍ ୱିଣ୍ଡୋ ଡିଲରେ ସାମିଲ ହୋଇପାରନ୍ତି। ସିଏସକେ ତାଙ୍କୁ ୯.୭୫ କୋଟି ଟଙ୍କାରେ କିଣିଥିଲା, କିନ୍ତୁ ସେ ୯ ମ୍ୟାଚରେ ମାତ୍ର ୭ ଉଇକେଟ ନେଇ ନିରାଶ କରିଥିଲେ। ସାମସନ ମଧ୍ୟ ରାଜସ୍ଥାନ ରୟାଲସ (ଆରଆର) ମ୍ୟାନେଜମେଣ୍ଟ ସହ ଗୁରୁତର ମତଭେଦ ଯୋଗୁଁ ଟ୍ରେଡ୍ ବା ନିଲାମରେ ଆସିବାକୁ ଅନୁରୋଧ କରିଛନ୍ତି ବୋଲି କ୍ରିକ୍‌ବଜ୍ ରିପୋର୍ଟ କରିଛି।

# ଶୀଘ୍ର ଦିନିକିଆ ଫର୍ମାଟରୁ ସନ୍ନ୍ୟାସ ନେବେ ବିରାଟ-ରୋହିତ !

**ନୂଆଦିଲ୍ଲୀ**

ହ୍ୱାଇଟ୍ ବଲ୍ କ୍ରିକେଟରେ ଆଉ ଦେଖିବାକୁ ମିଳିବନି ରୋ-କୋଙ୍କ ଯୋଡ଼ି। ଅଷ୍ଟ୍ରେଲିଆ ଟୁର୍ ହୋଇପାରେ ଶେଷ ଦିନିକିଆ। ବିରାଟ୍ କୋହଲି ଏବଂ ରୋହିତ ଶର୍ମା ପ୍ରଥମେ ଟି-ଟ୍ୱେଣ୍ଟିରୁ ଆଲବିଦା କହିବା ପରେ ଟେଷ୍ଟ୍ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଏକମାତ୍ର ଫର୍ମାଟ୍ ଭାବେ କେବଳ ୱାନଡେ' ଇଣ୍ଟରନ୍ୟାସନାଲ ଖେଳୁଛନ୍ତି ଉଭୟେ।

ମାତ୍ର ବୟସାଧିକ କାରଣରୁ ଦିନିକିଆ କ୍ରିକେଟ୍ ଖେଳିବା ତାଙ୍କ ପାଇଁ ଧୀରେ ଧୀରେ କ୍ଷୀଣ ହେବାରେ ଲାଗିଛି। ତେବେ ଏହି ଦୁଇ ବରିଷ୍ଠ ଖେଳାଳିଙ୍କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ତଥା ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି। ଭାରତର ଦୁଇ ଷ୍ଟାର ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା। ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ଖେଳିବା ନେଇ ଆଶଙ୍କା ଦେଖା ଦେଇଛି। ଉଭୟ ଟେଷ୍ଟ ଓ ଟି-ଟ୍ୱେଣ୍ଟିରୁ ଅବସର ନେଇ ସାରିଛନ୍ତି।

୨୦୨୭ ଦିନିକିଆ ବିଶ୍ୱକପ୍ ଜିତିବାର ସ୍ୱପ୍ନ ନେଇ ଉଭୟ ଗୋଟିଏ ଫର୍ମାଟରେ ସକ୍ରିୟ ରହିଛନ୍ତି। ମାତ୍ର ବିସିସିଆଇ ଉଭୟଙ୍କୁ ନେଇ ବେଶୀ ଆଗକୁ ଚିନ୍ତା କରୁନାହିଁ। ଇଂଲଣ୍ଡ ଗସ୍ତର ସଫଳତାକୁ ଆଧାର କରି ବିସିସିଆଇ ଖୁବ୍ ଶୀଘ୍ର ଶୁଭମନ ଗିଲ୍‌ଙ୍କୁ ସମସ୍ତ ଫର୍ମାଟ୍‌ର ନେତୃତ୍ୱ ପ୍ରଦାନ କରିବାକୁ ଚିନ୍ତା କରୁଛି। ଦିନିକିଆ ବିଶ୍ୱକପ୍‌କୁ ଆଉ ୨ବର୍ଷ ରହିଛି।

# ଜାତୀୟ କବାଡ଼ି ପ୍ରତିଯୋଗିତା : କମାଲ କଲେ ସୁନାବେଡ଼ାର ଅପରାଜିତା



**ସୁନାବେଡ଼ା।**

କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାଳିକା ବିଭାଗ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭୁବନେଶ୍ୱର ସମ୍ଭାଗ ଟିମ୍‌ରେ ଥିବା ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅପରାଜିତା ରଥ ସଫଳତା ହାସଲ କରିଛନ୍ତି। କର୍ଣ୍ଣାଟକର ବେଙ୍ଗାଲୁରୁ ଡିଆରଡିଓ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟ ସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଭାରତରୁ ୨୪ ଟିମ୍ ଭାଗ ନେଇଥିଲେ। ଫାଇନାଲରେ ଚେନ୍ନାଇ ସମ୍ଭାଗ ସହ ଭୁବନେଶ୍ୱର ସମ୍ଭାଗ ମଧ୍ୟରେ କବାଡ଼ି ଖେଳ ହୋଇଥିଲା। ଏଥିରେ ଭୁବନେଶ୍ୱର ସମ୍ଭାଗ ରନରଅପ୍ ହୋଇଥିଲା। ଅପରାଜିତାଙ୍କ ସଫଳତା ପାଇଁ ସ୍କୁଲ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ସୁନ୍ଦରଗଡ଼ ଜିଲ୍ଲାରେ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ

**ରାଉରକେଲା, ନ୍ୟୁଜ୍**

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର, ସୁନ୍ଦରଗଡ଼ ଠାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁରଂଜନ ସାହୁ, ସି.ଡି.ଓ ଏବଂ ଇଓ, ଡା. ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡା. ଭକ୍ତମୋହନ ସ୍ୱାଇଁ, ଏ.ଡି. ପି.ଏଚ. ଓ. (ଭିବିଡି), ଭାଗିରଥି ପଟେଲ, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁନ୍ଦରଗଡ଼, ସଂଘମିତ୍ରା ପାଣିଗ୍ରାହୀ, ଅଧ୍ୟକ୍ଷା, ଡା. ରାଜେଶ ହେମ୍ବ୍ରମ, ସୁପେରିଣ୍ଟେଣ୍ଡେଣ୍ଟ, ମାଝପଡ଼ା, ବିଶ୍ୱେମ୍ବର ବେହେରା, ଡି.ପି.ଏମ (ଏନ୍‌ଏଚମ), ଡା. ଧନେଶ୍ୱରୀ ଜେନା, ବିଭାଗୀୟ ମୁଖ୍ୟ, ପିଏସମ ଉପସ୍ଥିତ ଥିଲେ। ଲିମ୍ଫାଟିକ ଫାଇଲେରିଆସିସି (ଏଲଏଫ) ଏକ ମଶା ବାହିତ ରୋଗ। ଏହା ସଂକ୍ରମିତ ମାଇଁ କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରା ଜଣଙ୍କ ପାଖରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହୋଇଥାଏ। ସଂକ୍ରମଣର ୫ରୁ ୧୫ ବର୍ଷ ପରେହିଁ ଜଣଙ୍କ ପାଖରେ ଏହି ଲକ୍ଷଣ ଦେଖାଯାଏ। ଏହି ରୋଗକୁ ନହେବା ପାଇଁ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ କରାଯାଉଛି। ସମସ୍ତେ ଏକାବେଳେ ଔଷଧ ସେବନ କଲେ ସେମାନଙ୍କ ଦେହେରେ ଥିବା ବାତଜ୍ୱରର କୀଟାଣୁ ଏକାବେଳକେ ମରିଯାନ୍ତି। ଫଳରେ କୀଟାଣୁ ସଂକ୍ରମଣ ଯଥେଷ୍ଟ ପରିମାଣରେ ହ୍ରାସ ପାଇଥାଏ।

OFFICE OF THE MUNICIPAL COUNCIL: KEONJHARGARH C-861
email- keonjharm.hud@rediffmail.com
Invitation for Bids (IFB) 'e' Procurement NOTICE
Bid Identification No.ODULB_KGM-14/2025-26
Letter No 5840 /KGM/Date. 11.08.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system .through e-Procurement

1. Nature of work - **Civil Work**
2. No of Work - **01 No**
3. Value of works : **Rs. 11,90,000/-**
4. Date & Time of availability of Bid document in the portal : From **12.08.2025** at 11.00 A.M. upto **21.08.2025** at 5.30 P.M.
5. Date of Opening of bid in portal : **26.08.2025** at 11.00 A.M.
6. Name & address of the officer in Inviting Bid- EO, Keonjhargarh Municipality
   Further details can be seen from Website: www.tendersorissa.gov.in

Sd/- Executive Officer
Keonjhargarh Municipality
OIPR-13115/11/0047/2526

GOVERNMENT OF ODISHA, DEPARTMENTOF WATER RESOURCES A-493
Office of the Engineer-In-Chief, Water Resources, Secha Sadan, Bhubaneswar
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDS-02/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDS - 02/ 2025-26
5. Estimated Cost : Rs. 41,26,058.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt.16.08.2025 (10.00 AM) to dt.30.08.2025(5.30 PM)
8. Last date/ time for receipt of bid In the Portal : dt. 30.08.2025 (up to 5.30 PM)
9. Date and Place of opening of Technical Bid : dt.01.09.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR-32520/11/0053/2526

# ଗଞ୍ଜାମ ଥାନା ଆଇଆଇସି ପୁରସ୍କୃତ



**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଥାନା ୱାରୀ ହୋଇଥିବା ବିଭାଗୀୟ ପର୍ଯ୍ୟବେକ୍ଷଣରେ ଗଞ୍ଜାମ ଜିଲ୍ଲାର ଗଞ୍ଜାମ ଥାନା ତୃତୀୟ ସ୍ଥାନରେ ଥିବା ଜଣାପଡ଼ିଛି। ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କ ସଫଳ ନେତୃତ୍ୱ ଓ କାର୍ଯ୍ୟଶୈଳୀ ନିମନ୍ତେ ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ରାଜ୍ୟରେ ଥିବା ମୋଟ ୬୧୨ ଥାନାରେ କାର୍ଯ୍ୟରତ ଆଇଆଇସିଙ୍କ ପ୍ରଦର୍ଶନ ରିପୋର୍ଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ୨୦୨୫ ଜାନୁଆରୀ ପ୍ରଥମ ସପ୍ତାହରୁ ଜୁଲାଇ ୩୧ ଯାଏଁ ବିଭିନ୍ନ ମାମଲାର ତଦନ୍ତ କରି ବନ୍ଦ କରିବା, ବିଭିନ୍ନ ଅପରାଧୀ ଚିହ୍ନଟ ସହ ଅପରାଧ ନିୟନ୍ତ୍ରଣ ଏବଂ ପୋଲିସ ଅଧିକାରୀଙ୍କ ବ୍ୟବହାରରେ ଶ୍ରେଷ୍ଠ ପଦର୍ଶନ ଇତ୍ୟାଦିକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ କଟକ କମିଶନରେଟର ବେଷ୍ଟାକର ଥାନା ଆଇଆଇସି ଗିରିଶ ଚନ୍ଦ୍ର ମହାରଣା ପ୍ରଥମ, ଭୁବନେଶ୍ୱର ବରଗଡ଼ ଥାନା ଆଇଆଇସି ତୃପ୍ତି ରଞ୍ଜନ ନାୟକ ଦ୍ୱିତୀୟ ଏବଂ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଗଞ୍ଜାମ ସହରରେ ଆଇଆଇସି ପାତ୍ରଙ୍କ ଶୃଙ୍ଖଳିତ ଆଚରଣକୁ ବୁଦ୍ଧିଜୀବୀ ମହଲରେ ଖୁବ୍ ପସନ୍ଦ କରିଛନ୍ତି।

# ଭୋଟ୍ ଜାଲିଆତି : ଡିଜିଟାଲ ଭୋଟର ଲିଷ୍ଟ ଓ ସିସିଟିଭି ଫୁଟେଜ ଯୋଗାଇ ଦେବାକୁ କଂଗ୍ରେସର ଦାବି

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତିକ୍ରମେ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଭୋଟ ଚୋରି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଜଗତସିଂହପୁର ସର୍କିଟ ହାଉସ ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ପର୍ଦ୍ଦାଫାଶ କରାଯାଇଥିବା ଭୋଟ ଚୋରି ସମ୍ପର୍କିତ ୨ଟି ଭିଡିଓ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ଯୋଗ ଦେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସାରା ଦେଶରେ ଆରମ୍ଭ ହୋଇଥିବା ମହା-ଅଭିଯାନରେ ସମସ୍ତେ ଯୋଗ ଦେବାକୁ ନିବେଦନ କରିଥିଲେ। ନିର୍ବାଚନ କମିଶନଙ୍କ କାର୍ଯ୍ୟ କଳାପରେ ସ୍ୱଚ୍ଛତା ଓ ସ୍ୱଷ୍ଟତା ଆଣିବାକୁ ହେଲେ ପ୍ରତିଟି ଦେଶପ୍ରେମୀ ଏହି ଗଣ ଆନ୍ଦୋଳନରେ ସାମିଲ ହେବା ଆହ୍ୱାନ ଓ ଆବଶ୍ୟକତା ବୋଲି ଶ୍ରୀ ପାଣ୍ଡବ ପ୍ରକାଶ କରିଥିଲେ। ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନ ଦ୍ୱାରା ଲୋକ ଲୋଚନକୁ ଆଣିଥିବା ଭୋଟ ଚୋରିର ୫ଟି କୁଖ୍ୟାତ କୌଶଳ ସମ୍ପର୍କରେ ଜନଗଣଙ୍କୁ ଅବଗତ କରାଇବା ସହ ଭୋଟ ଚୋରିକୁ ରୋକିବାକୁ ସମସ୍ତେ ଆଗେଇ ଆସିବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ୯୬୫୦୦୦୩୪୨୦ ନମ୍ବରରେ ମିସ୍ କଲ ଦେଇ କିମ୍ବା ଦଳ ପକ୍ଷରୁ ପ୍ରକାଶିତ କ୍ୟୁଆର କୋଡ୍ ସ୍କାନକରି ରାହୁଲ ଗାନ୍ଧୀଙ୍କ ଏହି ଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମ ରେ ସାମିଲ ହେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଉଛି। ନିର୍ବାଚନ ଗଣତନ୍ତ୍ରର ମୂଳଦୁଆ ହୋଇ ଥିବାରୁ ଏହାର ସୁରକ୍ଷା ଓ ସୁଦୃଢ଼ୀକରଣ ପାଇଁ ଅଭିପ୍ରେତ ଏହି ଆନ୍ଦୋଳନର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହଯୋଗ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିକୁଦା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ବାଲିକୁଦା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିକ୍ରମ ପରିଡ଼ା, ତିର୍ତ୍ତୋଲ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନିହାର ରଞ୍ଜନ ନାୟକ, ଜଗତସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତସିଂହପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ କୁମାର ରଥ, ପାରାଦ୍ୱୀପ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ଯୁବ ଆଇଏନଟିୟୁସିର ଜିଲ୍ଲା ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ଇମତିଆଜ ଅହମ୍ମଦ ଖାନ୍, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ପ୍ରିତମ ପରିଜା, ଆର୍ଶୀବାଦ ତ୍ରିପାଠୀ, ମିର୍ଜା ସାମସୁଦ୍ଦିନ ବେଗ, ସେଖ ହେଦାୟିତ ଅଲ୍ଲୀ, ସୁଧୀର ରାଉତ, ସ୍ମୃତି ରଞ୍ଜନ ମହାନ୍ତି, ପବିତ୍ର ପ୍ରଧାନ, ଅବନୀକାନ୍ତ ମହାରଣା, ଚିତ୍ରସେନ ସାହୁ, ଉମେଶ ସ୍ୱାଇଁ, ରତିରଞ୍ଜନ ସାହୁ, ଜ୍ଞାନ ରଞ୍ଜନ କର, ରବୀନ୍ଦ୍ର କୁମାର ମଲ୍ଲିକ, ସୁକାନ୍ତ ମହାପାତ୍ର, କାର୍ତ୍ତିକ ମଲ୍ଲିକ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମାଞ୍ଚଳରେ ମାଳ ମାଳ ନକଲି ଡାକ୍ତର : ରୋଗୀ ହନ୍ତସନ୍ତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମାଳ ମାଳ ନକଲି ଡାକ୍ତର ରୋଗୀଙ୍କୁ ଶୋଷଣ କରୁଛନ୍ତି। ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବିଭିନ୍ନ ଗ୍ରାମରେ ବଢ଼ି ବଢ଼ି ଚାଲିଛି। ବିଶେଷ କରି ଏହି ବ୍ଲକର ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି ୪୫ ଓ ଏମଭି ୭୮ ଗ୍ରାମର କିଛି ଲୋକ ବିଭିନ୍ନ ଗ୍ରାମରେ ନିଜକୁ ଡାକ୍ତର ଭାବେ ପରିଚୟ ଦେଇ ଲୋକଙ୍କୁ ଶୋଷଣ କରୁଛନ୍ତି। କିନ୍ତୁ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସେମାନେ ନିର୍ବିଘ୍ନରେ ନକଲି ଚିକିତ୍ସା ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଟ୍ରିକ ପାସ୍ କରିନଥିବା ବେଳେ ସାଲାଇନ ଓ ଇଂଜେକସନ ଆଦି ସବୁକିଛି ଡାକ୍ତରଙ୍କ ପରି ରୋଗୀଙ୍କୁ ଦେଉଛନ୍ତି। କେତେକ ସ୍ଥାନରେ ଅପହଞ୍ଚ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇ ନକଲି ଡାକ୍ତର ରୋଗୀଙ୍କୁ ଶୋଷଣ କରୁଛନ୍ତି। ଏପରିକି ଡାକ୍ତରଖାନା ଥିବା ଗ୍ରାମରେ ମଧ୍ୟ ରୋଗୀମାନେ ଡାକ୍ତରଖାନା ନଯାଇ ନକଲି ଡାକ୍ତରଙ୍କ ପାଖକୁ ଯାଉଛନ୍ତି। ସାମାନ୍ୟ ଅସୁସ୍ଥ ଥିଲେ ସେମାନଙ୍କ ଔଷଧ ଦ୍ୱାରା ରୋଗୀ ସୁସ୍ଥ ହୋଇ ଯାଉଛନ୍ତି। କିନ୍ତୁ, କିଛି ଦିନ ପରେ ରୋଗ ପୁଣି ବାହାରୁଛି। ଫଳରେ ପରିବାର ଲୋକେ ତାଙ୍କୁ ଶେଷମୁହୂର୍ତ୍ତରେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରୁଛନ୍ତି। ଏପରିକି କେତେକ ସ୍ଥାନରେ ଭୁଲ୍ ଚିକିତ୍ସା ଯୋଗୁ ରୋଗୀ ପ୍ରାଣ ହରାଉଛନ୍ତି। ଚଢ଼ଉ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ସେମାନେ ନିର୍ଭୟରେ ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଛି। ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଆଶାକର୍ମୀଙ୍କ ପାଖରେ ଔଷଧ ରହୁଛି। ଅସୁସ୍ଥ ହେଲେ ଡାକ୍ତରଖାନା ଆସି ଚିକିତ୍ସା ହେବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। ତଥାପି ଲୋକେ ଡାକ୍ତରଖାନା ନ ଯାଇ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। କେତେକ ଲୋକଙ୍କ ମାନସିକତା ଏପରି ଅଛି ସେମାନେ ଡାକ୍ତରଖାନା ନଯାଇ କ୍ୱାକ୍‌ଙ୍କ ପାଖକୁ ଯାଉଛନ୍ତି ଆବଶ୍ୟକତା ନ ଥାଇ ସାଲାଇନ ଇଂଜେକସନ ଆଦି ନେଉଛନ୍ତି, ଅସୁବିଧାରେ ମଧ୍ୟ ପଡୁଛନ୍ତି। ଏସବୁ ତଦାରଖ ପାଇଁ ସ୍କ୍ୱାଡ୍ ପଠାଇ ଚଢ଼ଉ କରିବାର କ୍ଷମତା ସିଡ଼ିଏମଓଙ୍କର ରହିଛି। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତେଣୁ ଶୋଇଛି ସ୍ୱାସ୍ଥ୍ୟ ବିଭାଗ, ଫଳରେ ବେଫିକର ହୋଇ କ୍ୱାକ୍‌ମାନେ ମନଇଚ୍ଛା ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅଗଷ୍ଟ ୨୦୨୫ ବୁଧବାର





# ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାର ଗଣଦୁଷ୍କର୍ମ ସାମ୍ନାକୁ ଆସିବା ପରେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ କରି ରାଜ୍ୟ ସରକାରଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଛାତ୍ରୀ ଓ ମହିଳା ମାନଙ୍କ ଉପରେ ନିର୍ଯାତନା ଓ ଦୁଷ୍କର୍ମ ପ୍ରତ୍ୟେକ ଦିନ ଉଦ୍ବେଗଜନକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ ।

ବିଧାୟକ ଶ୍ରୀ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ହୋଇଯାଇଥିବା ବେଳେ, ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଦିନ ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକା ତାର ପିଉସା ସହିତ ଭାଲୁକୁଣୀ ମୂର୍ତ୍ତି କିଣିବାକୁ ଯିବା ସମୟରେ ସନ୍ଧ୍ୟା ୫ଟା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହିତ ଭିଡିଓ ଉତ୍ତୋଳନ କରିଥିଲେ । ପୀଡିତା ଜଣକ ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା । ଦୁର୍ବୃତ୍ତ ମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ । ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ, ପରିବାର ଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ । ଉଲ୍ଲେଖଯୋଗ୍ୟ, ଅନ୍ୟ ଏକ ଘଟଣାରେ ଗତ ୬ ତାରିଖ ଦିନ ପଟ୍ଟାମୁଣ୍ଡାଇରେ ଜନୈକ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ । ଶ୍ରୀ ସାହୁ ଆହୁରି କହିଥିଲେ, ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଥିଲେ ମଧ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ । ମହିଳା ମାନଙ୍କ ବିକାଶ ପାଇଁ ସରକାର କେବଳ ସୁଭଦ୍ରା ସୁଭଦ୍ରା ପ୍ରଚାର କରୁଛନ୍ତି । କିନ୍ତୁ ବାସ୍ତବରେ ସରକାରଙ୍କ ଏହି ପ୍ରଚାର ମହିଳାମାନଙ୍କ ପାଇଁ ଏକ ଉପହାସରେ ପରିଣତ ହୋଇଛି । ଡ଼ ଲେନିନ ମହାନ୍ତି କହିଥିଲେ, ଗୋଟିଏ ମାସ ଭିତରେ ଚାରି ଚାରି ଜଣ ଛାତ୍ରୀ ପୋଡିହୋଇ ମରିଥିବା ବେଳେ, ଆଜି ମଧ୍ୟ ଭୁବନ ଅଞ୍ଚଳରେ ଜଣେ ମହିଳା ୫୦ ପ୍ରତିଶତ ପୋଡି ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଭଳି ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି । ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ, ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ସମ୍ବେଦନହୀନତା ଅପାରଗ ପଣିଆ ଯୋଗୁଁ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି । ସରକାରଙ୍କ ନିଦ ଭାଙ୍ଗୁ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ।

# ପୂର୍ବତଟ ରେଳପଥ ପକ୍ଷରୁ ହର ଘର ତ୍ରିରଙ୍ଗା ପାଇଁ ବାଇକ୍ ରାଲି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ହର ଘର ତିରଙ୍ଗା ଅଭିଯାନ ଅନ୍ତର୍ଗତ ଦେଶପ୍ରେମର ଭାବନାକୁ ପାଳନ କରିବା ପାଇଁ, ପୂର୍ବ ତଟ ରେଳପଥ ଆଜି ଏହାର ମୁଖ୍ୟାଳୟରୁ ଏକ ବିଶାଳ ବାଇକ୍ ରାଲି ଆୟୋଜନ କରିଥିଲା । ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳ ସଦନ ପରିସରରୁ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉତ୍ସାହୀ ରେଳ କର୍ମଚାରୀ ଏବଂ ଅଂଶୀଦାରମାନଙ୍କ ଦ୍ୱାରା ଅଂଶଗ୍ରହଣ କରାଯାଇଥିବା ଏହି ରାଲିର ଲକ୍ଷ୍ୟ ସମସ୍ତଙ୍କ ହୃଦୟରେ ଏକତା, ଗର୍ବ ଏବଂ ଦାୟିତ୍ୱର ଜ୍ୱାଳା ପ୍ରଜ୍ୱଳିତ କରିବା । ଏହା ନାଗରିକମାନଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଏବଂ ଦେଶର ଏକତା ଏବଂ ଅଖଣ୍ଡତା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବାକୁ ପ୍ରେରଣା ଦେବା ପାଇଁ ମଧ୍ୟ ଉଦ୍ଦିଷ୍ଟ । ଏହି ଅବସରରେ ଭାଷଣ ଦେଇ, ଶ୍ରୀ ଫୁଙ୍କୱାଲ ସମସ୍ତଙ୍କୁ ହର ଘର ତିରଙ୍ଗା ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ଯାହା ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଭାରତ ଗଠନର ଭାବନା ପାଇଁ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ।

## ପୂର୍ବତଟ ରେଳପଥର ମହାପ୍ରବନ୍ଧକ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇଛନ୍ତି

# ସ୍ୱଚ୍ଛ ରେଳ ପରିସର ପାଇଁ ସାମୂହିକ କାର୍ଯ୍ୟ ନିମନ୍ତେ ଆହ୍ୱାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ପୂର୍ବ ତଟ ରେଳପଥ ମୁଖ୍ୟାଳୟ ପରିସରରେ ସ୍ୱଛତା ଅଭିଯାନର ନେତୃତ୍ୱ ନେଇଥିଲେ, ଯାହା ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ଜୋନର ଦୃଢ଼ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା । କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଅଧିକାରୀ ଏବଂ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଶ୍ରମଦାନ କାର୍ଯ୍ୟକଳାପ ଏବଂ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା । ମହାପ୍ରବନ୍ଧକ ବ୍ୟକ୍ତିଗତ ଭାବରେ ସ୍ୱଚ୍ଛତା, ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ, ମତାମତ ଏବଂ ପରାମର୍ଶ ସଂଗ୍ରହ କରିବା ପାଇଁ ରେଳ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ସ୍ୱଚ୍ଛତା ଅଭିଯାନ ସମୟରେ, ଶ୍ରୀ ଫୁଙ୍କୱାଲ ଇ-ବର୍ଜନା ସଫା କରିବା, କାଗଜ ଏବଂ ଫାଇଲର ବ୍ୟବହାର ହ୍ରାସ କରିବା, ଡେସ୍କଟପ୍ ଏବଂ ଇ-ଅଫିସ୍ ଫାଇଲ ସଫା କରିବା ଏବଂ ଅଫିସ୍ ପ୍ରିଣ୍ଟର ବ୍ୟବହାରକୁ ଯୁକ୍ତିଯୁକ୍ତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ବିଭାଗଗୁଡ଼ିକୁ ପରିବେଶ ସଂରକ୍ଷଣ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଅଧିକାରୀମାନଙ୍କୁ ସ୍ୱଚ୍ଛତା ଅଭିଯାନକୁ ବଜାୟ ରଖିବା, ବର୍ଜ୍ୟବସ୍ତୁ ପୃଥକୀକରଣକୁ ବୃଦ୍ଧି କରିବା ଏବଂ ବର୍ଜ୍ୟବସ୍ତୁର ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅଭିଯାନର ଲକ୍ଷ୍ୟ ହେଉଛି ସମଗ୍ର ରେଳ ନେଟୱାର୍କରେ ସ୍ୱଚ୍ଛତା, ଡିଜିଟାଲ୍ ଦକ୍ଷତା ଏବଂ ପରିଷ୍କାର ପରିବେଶ ଦାୟିତ୍ୱର ସଂସ୍କୃତିକୁ ପ୍ରେରଣା ଦେବା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାରେ ପ୍ରତିଷ୍ଠା ...

ଇଣ୍ଟରପୋଜର୍ ଏବଂ ଥ୍ରୀଡି ହେଟେରୋଜେନିୟସ୍ ଇଣ୍ଟିଗ୍ରେସନ୍ (ଥ୍ରୀଡିଏଚଆଇ) ମଡ୍ୟୁଲ୍ ସମେତ ବିଭିନ୍ନ ପ୍ରକାରର ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିବ । ଏହି ୟୁନିଟର ଯୋଜନାବଦ୍ଧ କ୍ଷମତା ପ୍ରାୟ ୬୯,୬୦୦ ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍, ୫୦ ନିୟୁତ ଆସେମ୍ବଲ୍ ୟୁନିଟ୍ ଏବଂ ବାର୍ଷିକ ୧୩,୨୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍ ହେବ । ପ୍ରସ୍ତାବିତ ଉତ୍ପାଦଗୁଡ଼ିକର ପ୍ରତିରକ୍ଷା, ଉଚ୍ଚ-ପ୍ରଦର୍ଶନକାରୀ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା, ଆରଏଫ ଏବଂ ଅଟୋମୋଟିଭ୍, ଫଟୋନିକ୍ସ ଏବଂ ସହ-ପ୍ୟାକେଜ୍ ଅପ୍ଟିକ୍ସ ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରାଯିବ । କେନ୍ଦ୍ରମନ୍ତ୍ରୀ କହିଥିଲେ ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିଜ୍ (ଏଏସଆଇପି) ଦକ୍ଷିଣ କୋରିଆର ଆପାକ୍ଟ କୋ. ଲିମିଟେଡ୍ ସହିତ ପ୍ରଯୁକ୍ତିବିଦ୍ୟା ସହଭାଗିତା ଅଧୀନରେ ଆନ୍ଧ୍ରପ୍ରଦେଶରେ ଏକ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ଏହାର ବାର୍ଷିକ କ୍ଷମତା ୯୬ ନିୟୁତ ୟୁନିଟ୍ ହେବ । ଏଠାରେ ଉତ୍ପାଦିତ ସାମଗ୍ରୀଗୁଡ଼ିକ ମୋବାଇଲ୍ ଫୋନ୍, ସେଟ୍-ଟପ୍ ବକ୍ସ, ଅଟୋମୋବାଇଲ୍ ଆପ୍ଲିକେସନ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉତ୍ପାଦରେ ପ୍ରୟୋଗ କରାଯିବ । ସେ କହିଲେ କଣ୍ଟିନେଣ୍ଟାଲ ଡିଭାଇସ୍ (ସିଡିଆଇଏଲ) ପଞ୍ଜାବର ମୋହାଲିରେ ଏହାର ଡିସ୍କ୍ରିଟ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସମ୍ପ୍ରସାରଣ କରିବ । ପ୍ରସ୍ତାବିତ ୟୁନିଟ୍ ସିଲିକନ୍ ଏବଂ ସିଲିକନ୍ କାର୍ବାଇଡ୍ ଉଭୟରେ ଏମଓଏସଏଫଇଟି, ଆଇଜିବିଟି, ସ୍କଟକି, ବାଇପାସ୍ ଡାୟୋଡେସ୍ ଏବଂ ଟ୍ରାଞ୍ଜିଷ୍ଟର ଭଳି ଉଚ୍ଚ-ଶକ୍ତି ବିଶିଷ୍ଟ ଡିସ୍କ୍ରିଟ୍ ସେମିକଣ୍ଡକ୍ଟର ଡିଭାଇସ୍ ଉତ୍ପାଦନ କରିବ । ଏହି ବ୍ରାଉନଫିଲ୍ଡ ସମ୍ପ୍ରସାରଣର ବାର୍ଷିକ କ୍ଷମତା ୧୫୮.୩୮ ନିୟୁତ ୟୁନିଟ୍ ହେବ । ଏହି ପ୍ରସ୍ତାବିତ ୟୁନିଟ୍ ଦ୍ୱାରା ନିର୍ମିତ ଡିଭାଇସଗୁଡ଼ିକର ଇଭି ଏବଂ ଏହାର ଚାର୍ଜିଂ ଭିତ୍ତିଭୂମି, ଅକ୍ଷୟ ଶକ୍ତି ପ୍ରଣାଳୀ, ବିଦ୍ୟୁତ୍ ପରିବର୍ତ୍ତନ କ୍ଷେତ୍ରରେ ପ୍ରୟୋଗ, ଶିଳ୍ପ ପ୍ରୟୋଗ ଏବଂ ଯୋଗାଯୋଗ ଭିତ୍ତିଭୂମି ସମେତ ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସରେ ପ୍ରୟୋଗ କରାଯିବ । ଏହି ପ୍ରକଳ୍ପଗୁଡ଼ିକର ଅନୁମୋଦନ ସହିତ ଦେଶରେ ସେମିକଣ୍ଡକ୍ଟର ପରିଦୃଶ୍ୟକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ । କାରଣ ଏହି ପ୍ରକଳ୍ପଗୁଡ଼ିକରେ ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ଫ୍ୟାବ୍ ସହିତ ଉଚ୍ଚମାନର ଗ୍ଲାସ୍-ଆଧାରିତ ସବଷ୍ଟ୍ରେଟ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ୍ ଅନ୍ତର୍ଭୁକ୍ତ ବୋଲି ସେ କହିଥିଲେ । ଏହି ପ୍ରକଳ୍ପଗୁଡ଼ିକ ଦେଶରେ ବିକଶିତ ହେଉଥିବା ବିଶ୍ୱସ୍ତରୀୟ ଚିପ୍ ଡିଜାଇନ୍ କ୍ଷମତାକୁ ଆହୁରି ସୁଦୃଢ଼ କରିବ, ଯାହାକି ସରକାରଙ୍କ ଦ୍ୱାରା ୨୭୮ଟି ଶିକ୍ଷାନୁଷ୍ଠାନ ଏବଂ ୭୨ଟି ଷ୍ଟାର୍ଟ-ଅପ୍ ପାଇଁ ପ୍ରଦାନ କରାଯାଇଥିବା ଡିଜାଇନ୍ ଭିତ୍ତିଭୂମି ସହାୟତା ଦ୍ୱାରା ସମର୍ଥିତ । ଏବେ ସୁଦ୍ଧା ୬୦,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମର ଲାଭ ଉଠାଇ ସାରିଛନ୍ତି । ଏହାଦ୍ୱାରା ମଧ୍ୟ ଇଲେକ୍ଟ୍ରୋନିକ୍ ଉତ୍ପାଦନ ପରିଦୃଶ୍ୟ ସକ୍ରିୟ ହୋଇପାରିବ ଯାହାଫଳରେ ଅନେକ ପରୋକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ ।

## ପ୍ରଧାନମନ୍ତ୍ରୀ ...

ପଞ୍ଜାବ ଓ ଆନ୍ଧ୍ର ପ୍ରଦେଶରେ ୪ଟି ନୂତନ ସେମିକଣ୍ଡକ୍ଟର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିପାଇଁ ୪,୫୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

## ନାରୀ ସୁରକ୍ଷା ...

କରାଯାଇଛି ବୋଲି ବୈଠକରୁ ଜଣାଯାଇଛି । ପୋଲିସ ବିଭାଗରେ ଖାଲି ରହୁଥିବା ପଦବୀ ଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ । ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୋଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମୋଟାମୋଟି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି । ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରା ଚାଲାଣ ଏବଂ ଜାମିନ୍ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀଗଣ ଯୋଗ ଦେଇଥିଲେ ।

## ସବୁ ଅଫିସରେ ଲାଗିବ...

ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତା(ଏଆଇ)ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରୁଛନ୍ତି । ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ । ଏଥି ପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଛି । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଥିଲେ । ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ । ଏହାପରେ ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନିଆଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ଅପ୍ରଭାବୀ ପ୍ରଦର୍ଶନ, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା, ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏ ସମ୍ପର୍କରେ ସର୍ବଦା ସତର୍କତା ଓ ସଚେତନ ରହି କାର୍ଯ୍ୟ ସଂପାଦନ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସରକାରୀ କ୍ରୟ ପ୍ରକ୍ରିୟା, ସେବା ଓ ଦ୍ରବ୍ୟ ବିକ୍ରୟ, ମାନବ ସମ୍ବଳ ପରିଚାଳନା, ଲୋକମାନଙ୍କୁ ସେବା ପ୍ରଦାନ ଏବଂ ପ୍ରବର୍ତ୍ତନରେ ଅନିୟମିତତା ଆଦି ଦୁର୍ନୀତିର ସମ୍ଭାବ୍ୟ କ୍ଷେତ୍ର ବୋଲି ବିବେଚନା କରାଯିବା ସହିତ ଭିଜିଲାନ୍ସ ପ୍ରଶାସନକୁ ସୁଦୃଢ଼ୀକରଣ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ବିଭାଗୀୟ କାର୍ଯ୍ୟ ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ (ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା । ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂ-ଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲ୍ଲାପାଳମାନେ ପ୍ରତି ମାସରେ ୭ ତାରିଖ ସୁଦ୍ଧା ଜିଲ୍ଲାସ୍ତରରେ, ସଂପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ । ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ଆଗାମୀ ୨୧ ତାରିଖରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ 'ବିକଶିତ ଓଡ଼ିଶା- ଭିଜନ- ୨୦୩୬ ଓ ୨୦୪୭' ପ୍ରମୁଖ ପ୍ରଦର୍ଶନ ସୂଚକ(କେପିଆଇ) ସଂପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହେବା ସଂପର୍କରେ ଉନ୍ନୟନ କମଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ ଅକ୍ଟୋବର ୧ ତାରିଖରେ ଶୁଭାରମ୍ଭ ହେବା ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା । ସେହିପରି ଅଧିକାରୀମାନଙ୍କର କ୍ଷେତ୍ର ପରିଦର୍ଶନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗସ୍ତ କରି ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଚୀନକୁ ବିମାନ...

ସମ୍ପର୍କରେ ସୁଧାର ଆସିଥିବା ଇଙ୍ଗିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ଶେଷରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ତିଆନଜିନ୍ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହା ୨୦୧୯ ପରେ ତାଙ୍କର ପ୍ରଥମ ଚୀନ୍ ଯାତ୍ରା । ଚୀନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ସ୍ୱାଗତ କରିଛନ୍ତି । ଏହି ଶିଖର ସମ୍ମିଳନୀ 'ସଂହତି, ବନ୍ଧୁତା ଏବଂ ଫଳପ୍ରଦ ଫଳାଫଳର ଏକ ସମାବେଶ' ହେବ ବୋଲି ଚୀନ ଆଶା ବ୍ୟକ୍ତ କରିଛି ।

## ପାକିସ୍ତାନ ଓ...

ଅଧିକ ମଜଭୁତ କରାଯାଉଛି । ସେ କହିଛନ୍ତି ଯେ ସୀମାବର୍ତ୍ତୀ ଅଞ୍ଚଳରେ ଷ୍ଟେନ୍ଥ ଏବଂ ସର୍ବିଲାନ୍ସକୁ ବଢ଼ାଇବା ପାଇଁ ବିଶେଷ ପ୍ରୟାସ କରାଯାଉଛି । ଅତ୍ୟାଧୁନିକ ଉପକରଣ ସହିତ ମାନବୀୟ ସଂସାଧନକୁ ମଧ୍ୟ ବୃଦ୍ଧି କରାଯାଉଛି । ଏହାସହିତ ସୀମାରେ ଥିବା ଲୋକଙ୍କ ଭାଗିଦାରୀକୁ ମଧ୍ୟ ସୁନିଶ୍ଚିତ କରାଯାଇଛି । ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ନାଗରିକଙ୍କୁ ସତର୍କ ଏବଂ ସଜାଗ ରହିବାକୁ ସୂଚନା ଦିଆଯାଉଛି, ଯାହାଫଳରେ କୌଣସି ସନ୍ଦିଗ୍ଧ ଗତିବିଧିର ତୁରନ୍ତ ସୂଚନା ଦିଆଯାଇ ପାରିବ । ବିଏସ୍ଏଫ୍ ଦେଶ ସୀମାର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ସ୍ୱତନ୍ତ୍ରତା ଦିବସ ଅବସରରେ କୌଣସି ପ୍ରକାର ଆହ୍ୱାନ ସହିତ ଲଢ଼ିବା ପାଇଁ ପୂର୍ଣ୍ଣଭାବେ ପ୍ରସ୍ତୁତ ।

## ଓଡ଼ିଶା ମେରାଇନ...

ଗୁଡ଼ିକର ସ୍ଥାପନା କରିପାରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପଦକ୍ଷେପ ପରିବେଶ ସୁରକ୍ଷା, ବିଜ୍ଞାନ ଆଧାରିତ ପର୍ଯ୍ୟଟନ, ବିନିଯୋଗ, ରୋଜଗାର ସୃଜନ ଓ ତଟବର୍ତ୍ତୀ ଜୀବିକାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହାକୁ ଓଡିଶାକୁ ଏକ କୋଷ୍ଟାଲ୍ ଇନୋଭେଟର୍ ଭାବରେ ପରିଚିତ କରିବାରେ ଏକ ଦୂରଦର୍ଶୀ ପଦକ୍ଷେପ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଆମେ ଆମର ଜୈବ ବିବିଧତାର ଦହନ କରୁ ନାହୁଁ ବରଂ ଏହାକୁ ସୁରକ୍ଷିତ କରି, ଭାବିଚିନ୍ତି ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରୁଛୁ । ଏହି ଅବସରରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ଦ୍ୱାରା ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନ୍ ଟେକ୍ନୋଲୋଜି ସହିତ ଗବେଷଣା ସହଯୋଗ ସମ୍ମତିପତ୍ର ପରିଚାଳନା କରାଯାଇଛି । ଏହା ସହିତ ଓଡିଶାର ଛଅଟି ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ସହିତ ମଧ୍ୟ ଏହିପରି ସମ୍ମତିପତ୍ର ହୋଇଛି, ଯେଉଁମାନେ ବିଶେଷ ଗବେଷଣା କେନ୍ଦ୍ରର ଭୂମିକା ନିର୍ବାହ କରିବେ । ଏଗୁଡିକ ମଧ୍ୟରେ ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା , ଆଇଆଇଏସଇଆର୍ ବ୍ରହ୍ମପୁର , ଆଇଏଲଏସ୍ ଭୁବନେଶ୍ୱର , ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସାମିଲ ରହିଛି ।

## ଭାରତ-ପାକିସ୍ତାନ...

ବିଡି ଅଞ୍ଚଳରେ ଏକ ସଂଯୁକ୍ତ ସର୍ଚ୍ଚ ଅଭିଯାନ ଚଳାଯାଇଥିଲା । ଏହି ସମୟରେ ବନ୍ଦରୀ ପୋଷ୍ଟ ନିକଟ ଏକ ଅଲିଆଗଦା ଅଞ୍ଚଳରେ ଏକ ପ୍ୟାକେଟ୍ ମିଳିଥିଲା । ଏହା ଖୋଲିବା ପରେ ସେଥିରୁ ୧.୬୬୫ କିଲୋ ଡ୍ରଗ୍ ମିଳିଥିଲା । ଏହି ପ୍ୟାକେଟ୍ ଛଅ ଅଲଗା ଲେୟରରେ ପ୍ୟାକ୍ କରାଯାଇଥିଲା ।

## ତିନି ଦିନ ...

ବିଜୁଳି ଓ ଘଡ଼ଘଡ଼ି ହେବ । କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା ସମୟରେ ୩୦ରୁ ୪୦ କିମିର ଝଟକା ପବନ ହେବାର ସମ୍ଭାବନା ରହିଛି ।

## ଜେଲ ଦଣ୍ଡ...

ଏହା ବିରୁଦ୍ଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ, ଯାହା ତାଙ୍କୁ ମାମଲା ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ୩ ମାସର ଅସ୍ଥାୟୀ ମୁକ୍ତି (ଫର୍ଲୋ) ପ୍ରଦାନ କରିଥିଲା । ଅଦାଲତ ସେଣ୍ଟେନ୍ସ ରିଭିଉ ବୋର୍ଡକୁ ଏହାର ଆଦେଶ ଅମାନ୍ୟ କରିବା ପାଇଁ ତୀବ୍ର ସମାଲୋଚନା କରିଛି । ଦିଲ୍ଲୀ ସରକାରଙ୍କ ପାଇଁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଦାଭେ ଯୁକ୍ତି ଦର୍ଶାଇଥିଲେ ଯେ ଜୀବନକାରାଦଣ୍ଡ ଅର୍ଥ ଜୀବନର ଅବଶିଷ୍ଟ ସମୟ ଜେଲରେ କାଟିବା, କିନ୍ତୁ ପେହଲୱାନଙ୍କ ଓକିଲ ସିଦ୍ଧାର୍ଥ ମୃଦୁଲ ଯୁକ୍ତି ଦେଇଥିଲେ ଯେ ଦଣ୍ଡ ମାର୍ଚ୍ଚ ୯ରେ ସମାପ୍ତ ହୋଇଛି ଏବଂ ମୁକ୍ତ ନ କରିବାର କୌଣସି ଯୁକ୍ତି ନାହିଁ ।

# ଟାଟା ପାୱାର ପକ୍ଷରୁ ଗଜ ସଂରକ୍ଷଣ ଅଭିଯାନ ଅଧିନରେ ବିଶ୍ୱ ହାତୀ ଦିବସ ପାଳିତ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**




ଟାଟା ପାୱାର ପକ୍ଷରୁ ଗଜ ସଂରକ୍ଷଣ ଅଭିଯାନ ଅଧୀନରେ ଓଡ଼ିଶାରେ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସହିତ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି । ଏହାଦ୍ୱାରା ଭାରତର ସବୁଠାରୁ ସମ୍ବେଦନଶୀଳ ହାତୀ ଆବାସ ସ୍ଥଳୀଗୁଡ଼ିକରେ ମାନବ-ହାତୀ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପ୍ରତି ଟାଟା ପାୱାର ନିଜର ପ୍ରତିବଦ୍ଧତା ଦୋହରାଇଛି । ଏକ ସପ୍ତାହ ଧରି ଚାଲିଥିବା ଏହି ସଚେତନତା ଅଭିଯାନର ସମାପ୍ତି ଉତ୍ସବ ଅନୁଗୁଳ ଜିଲ୍ଲାର ବନ୍ତଲା ନୋଡାଲ ହାଇସ୍କୁଲରେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧,୦୩୧ ଜଣ ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ବାସିନ୍ଦା, ସରପଂଚ, ବନ ସୁରକ୍ଷା କମିଟି ସଦସ୍ୟ, ଟିପିସିଓଡିଏଲର ଅନୁଗୁଳ ବିଦ୍ୟୁତ୍ ଡିଭିଜନ, ଅନୁଗୁଳ ବନ ବିଭାଗ ଏବଂ ବନ୍ତଲା ରେ କାର୍ଯ୍ୟାଳୟର ପ୍ରତିନିଧିମାନେ ଉତ୍ସାହର ସହିତ ଭାଗ ନେଇଥିଲେ । ଏହି ଉତ୍ସବ ଅଧୀନରେ ୨୦୨୫ ଅଗଷ୍ଟ ୬ ରୁ ୮ ପର୍ଯ୍ୟନ୍ତ ବନ୍ତଲା ବନଖଣ୍ଡ ଅଧୀନରେ ଥିବା ପାଂଚଟି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍କୁଲ କାର୍ଯ୍ୟକ୍ରମରେ ମୋଟ ୧,୦୩୧ ଜଣ ଛାତ୍ରଛାତ୍ରୀ ଏବଂ ୨୧୦ ଜଣ 'ମାନବ-ହାତୀ ସହାବସ୍ଥାନ' ବିଷୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ । ମୁଖ୍ୟ କାର୍ଯ୍ୟକ୍ରମରେ ୩୦ ଜଣ ବିଜୟୀଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ବକ୍ତୃତା, ସାଂସ୍କୃତିକ ପ୍ରଦର୍ଶନ, ଛାତ୍ରଛାତ୍ରୀଙ୍କ ପାଇଁ କ୍ୱିଜ୍ ଏବଂ ହାତୀ ସୁରକ୍ଷା ପ୍ରତିଶ୍ରୁତିର ଏକ ସାମୁହିକ ଶପଥ ଅନ୍ତର୍ଭୁକ୍ତ ଥିଲା । ୨୦୨୪ ଏପ୍ରିଲ୍‌ରେ ଓଡ଼ିଶା ସରକାର ଏବଂ ବନ୍ୟଜନ୍ତୁ ଏନଜିଓ ଏସ୍.ଏନ୍.ଇ.ଏଚ୍.ଏର ମିଳିତ ସହଯୋଗରେ ଆରମ୍ଭ କରାଯାଇଥିବା ଗଜ ସଂରକ୍ଷଣ ଅଭିଯାନ ହିନ୍ଦୋଳ ବନଖଣ୍ଡ ଏବଂ ଢେଙ୍କାନାଳ ସଦର (ଢେଙ୍କାନାଳ ଜିଲ୍ଲା) ଏବଂ ଅନୁଗୁଳ ଜିଲ୍ଲାର ବନ୍ତଲା ବନଖଣ୍ଡର ଉଚ୍ଚ ସମ୍ବେଦନଶୀଳ ଅଂଚଳଗୁଡ଼ିକରେ ହାତୀ ମୃତ୍ୟୁ ହ୍ରାସ କରିବା ଏବଂ ସେମାନଙ୍କ ଆବାସ ସ୍ଥଳୀ ସୁରକ୍ଷିତ କରିବା ଉପରେ ଧ୍ୟାନ ଦେଉଛି । ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ -ବନ୍ୟଜନ୍ତୁ ଏବଂ ମୁଖ ବନ୍ୟଜନ୍ତୁ ୱାର୍ଡେନ୍‌ଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମରେ ମୌଳିକ ସୁବିଧାର ବିକାଶ, ପ୍ରଯୁକ୍ତିଗତ ନବୀକରଣ ଏବଂ ସମ୍ପ୍ରଦାୟ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି । ଏହି ଅବସରରେ ଟାଟା ପାୱାର୍‌ର ସିଏଚ୍ଆର୍‌ଓ ଓ ମୁଖ୍ୟ- ସଷ୍ଟେନେବିଲିଟି ଆଣ୍ଡ୍ ସିଏସଆର୍ ଶ୍ରୀ ହୀମଲ ତିୱାରି କହିଛନ୍ତି ଯେ, 'ଟାଟା ପାୱାରରେ ଆମେ ବିଶ୍ୱାସ କରୁ ଯେ ସ୍ଥିରତା ପୂର୍ଣ୍ଣ ଗୋଷ୍ଠୀ ବିକାଶ ଏବଂ ଜୈବ ବିବିଧତା ସଂରକ୍ଷଣ ହାତ ଧରାଧରି ହୋଇ ଆଗକୁ ବଢ଼ିବା ଉଚିତ । ଗଜ ସଂରକ୍ଷଣ ପ୍ରୟାସ ମାଧ୍ୟମରେ ଆମେ ଓଡ଼ିଶା ସରକାର, ବନ ବିଭାଗ ଏବଂ ସ୍ଥାନୀୟ ଗୋଷ୍ଠୀ ସହିତ ମିଳିତ ଭାବେ କାମ କରୁଛୁ ଯାହା ଦ୍ୱାରା ଆମର ଜାତୀୟ ଐତିହ୍ୟ ପ୍ରାଣୀଙ୍କୁ ସୁରକ୍ଷିତ କରିବା ସହିତ ସେମାନଙ୍କ ପାଇଁ ସୁରକ୍ଷିତ ଓ ସ୍ଥିରତା ପୂର୍ଣ୍ଣ ଆବାସ ସ୍ଥଳୀ ସୃଷ୍ଟି କରାଯାଇପାରିବ । ଏହି ସହଯୋଗ କେବଳ ମାନବ-ହାତୀ ସଂଘର୍ଷ ହ୍ରାସ କରୁନାହିଁ ବରଂ ଏକ ସହାବସ୍ଥାନ ସଂସ୍କୃତି ତିଆରି କରୁଛି ଯାହା ବନ୍ୟଜନ୍ତୁ ଏବଂ ଜୀବିକା ଉଭୟକୁ ସମର୍ଥନ କରୁଛି । ଆମର ପ୍ରତିବଦ୍ଧତା ହେଉଛି ସଂରକ୍ଷଣ ପ୍ରୟାସଗୁଡ଼ିକ ଏକ ସାମୁହିକ ଦାୟିତ୍ୱ ହେବା ଉଚିତ ଯାହା ଗୋଷ୍ଠୀ ଅଂଶଗ୍ରହଣ ଓ ଦୀର୍ଘସ୍ଥାୟୀ ଦ୍ୱାରା ପରିଚାଳିତ ହେବ ।'' ଏହି ଅଭିଯାନକୁ ୩,୦୦୦ ସଦସ୍ୟ ବିଶିଷ୍ଟ ଏକ ହ୍ୱାଟସ୍ଆପ୍ ଆଲର୍ଟ ନେଟୱର୍କ ସମର୍ଥନ ଯୋଗାଇଛି ଯାହା ବାସ୍ତବ ସମୟରେ ହାତୀ ଗତିବିଧି ସୂଚନା ପ୍ରଦାନ କରୁଛି । ଏଥି ସହିତ ୯୫୦ରୁ ଅଧିକ ପ୍ରଶିକ୍ଷିତ 'ଗଜ ସାଥୀ' (ଗ୍ରାମ୍ୟ ସ୍ୱେଚ୍ଛାସେବୀ) ରହିଛନ୍ତି ଯେଉଁମାନେ ପ୍ରଥମ ପ୍ରତିକ୍ରିୟାଦାତା ଏବଂ ବନ୍ୟଜନ୍ତୁ ସମର୍ଥକ ଭାବେ କାର୍ଯ୍ୟ କରୁଛନ୍ତି । ଏହା ବ୍ୟତୀତ ଉଚ୍ଚ ବିପଦ ଅଂଚଳଗୁଡ଼ିକର ଜିପିଏସ୍ ମ୍ୟାପିଂ ଲକ୍ଷ୍ୟସ୍ଥଳରେ ପାଟ୍ରୋଲିଂକୁ ସକ୍ଷମ କରିଛି ଏବଂ ଏକ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଦ୍ୱାରା ପରିଚାଳିତ ପ୍ରାରମ୍ଭିକ ସତର୍କତା ପ୍ରଣାଳି ରହିଛି ଯେଉଁଥିରେ ସାଇରନ, ଟ୍ରାପ୍ କ୍ୟାମେରା ଏବଂ ଏକ ମୋବାଇଲ୍ ଆପ୍ ସୁବିଧା ରହିଛି । ତାହା ୧୦ କିଲୋମିଟର ପରିଧି ମଧ୍ୟରେ ପୂର୍ବାନୁମାନ ସତର୍କତା ପ୍ରଦାନ କରୁଛି । ସୁରକ୍ଷା ଉପାୟ ବ୍ୟତୀତ ଏହି ପ୍ରକଳ୍ପ ୨୫୦ ଗ୍ରାମର କୃଷକଙ୍କ ସହିତ ଯୋଗାଯୋଗ କରି ବିକଳ୍ପ ଜୀବିକା, ପରିମଳ ଓ ସ୍ୱଚ୍ଛତାରେ ଉନ୍ନତି ଏବଂ ମାନବ-ହାତୀ ସାମ୍ନାସାମ୍ନି ଘଟଣା ହ୍ରାସ କରିବା ଉପରେ କାମ କରୁଛି । ପ୍ରାରମ୍ଭିକ ସଫଳତାକୁ ଆଧାର କରି ଟାଟା ପାୱାର ଗଜ ସଂରକ୍ଷଣ ଅଭିଯାନକୁ ଭାରତ ବ୍ୟାପୀ ଏକ ମଡେ଼ଲ ଭାବରେ ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି ଯାହା ଜୈବ ବିବିଧତାର ସୁରକ୍ଷା କରିବା ସହିତ ମାନବ ଏବଂ ବନ୍ୟଜନ୍ତୁ ମଧ୍ୟରେ ସ୍ଥିରତା ପୂର୍ଣ୍ଣ ସହାବସ୍ଥାନକୁ ପ୍ରୋତ୍ସାହିତ କରିବ ।

# ପରିବହନ ସଚିବଙ୍କ ସାମୁଦ୍ରିକ ବୋର୍ଡ କାର୍ଯ୍ୟାଳୟ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାମୁଦ୍ରିକ ବୋର୍ଡ (ଓ. ଏମ୍. ବି.) ରାଜ୍ୟର ନୀଳ ଅର୍ଥବ୍ୟବସ୍ଥା ଏବଂ ସାମୁଦ୍ରିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହେବା ଦିଗରେ ଏକ ଉଚ୍ଚାଭିଳାଷୀ ପାଠ୍ୟକ୍ରମ ପ୍ରସ୍ତୁତ କରୁଛି । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଗତ କାଲି ନବଗଠିତ ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ ଏବଂ ଏହାର ଚାଲୁଥିବା ତଥା ଆଗାମୀ ପଦକ୍ଷେପଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ । ଗସ୍ତ ସମୟରେ, ଶ୍ରୀମତୀ ପାଢୀ ବନ୍ଦର ଭିତିଭୂମିର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ, ସାମୁଦ୍ରିକ ସଂଯୋଗ ବୃଦ୍ଧି, ଉପକୂଳ ଜାହାଜ ଚଳାଚଳ ପ୍ରୋତ୍ସାହନ ଏବଂ ଓଡ଼ିଶାର ୪୮୦ କିଲୋମିଟର ଦୀର୍ଘ ଉପକୂଳ ସହିତ ଜଡିତ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ବୋର୍ଡର ରଣନୈତିକ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ । ସେ ବନ୍ଦର ପରିଚାଳିତ ଶିଳ୍ପର ସମନ୍ୱିତ ବିକାଶ, ସ୍ଥାୟୀ ଜାହାଜ ଚଳାଚଳ ଅଭ୍ୟାସ ଏବଂ ସାମୁଦ୍ରିକ କ୍ଷେତ୍ରରେ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀମତୀ ପାଢ଼ୀଙ୍କ ମତରେ, 'ବନ୍ଦର ଭିତିଭୂମିରେ ପୁଞ୍ଜି ନିବେଶ କରିବା ଠାରୁ ଆରମ୍ଭ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବା ପର୍ଯ୍ୟନ୍ତ ରାଜ୍ୟର ସାମୁଦ୍ରିକ ଭାଗ୍ୟର ରୂପରେଖ ପ୍ରସ୍ତୁତ କରିବାରେ ଓଡ଼ିଶା ସାମୁଦ୍ରିକ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ । ଆମ ଉପକୂଳର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ଆମକୁ ଆମର ପ୍ରୟାସକୁ ଜାତୀୟ ଏବଂ ବିଶ୍ୱସ୍ତରୀୟ ସର୍ବୋତମ ଅଭ୍ୟାସ ସହିତ ଯୋଡ଼ିବା ଆବଶ୍ୟକ । ଏହି ସମୀକ୍ଷା ବୈଠକରେ ବର୍ତ୍ତମାନର ବନ୍ଦରଗୁଡ଼ିକର ବିକାଶ, ନୂତନ ବନ୍ଦର ପ୍ରକଳ୍ପଗୁଡ଼ିକର ସୁବିଧା ଏବଂ କ୍ଷମତା ସମ୍ପ୍ରସାରଣ, ନୀଳ ଅର୍ଥବ୍ୟବସ୍ଥାର ପ୍ରୋତ୍ସାହନ-ସାମୁଦ୍ରିକ ପର୍ଯ୍ୟଟନ, ମତ୍ସ୍ୟଚାଷ, ଅକ୍ଷୟ ଶକ୍ତି ପ୍ରକଳ୍ପ ଏବଂ ଉପକୂଳବର୍ତ୍ତୀ ସମୁଦାୟଙ୍କ ଜୀବନ୍ତ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିବା-ପରିବେଶ ଅନୁକୂଳ ବନ୍ଦର ପରିଚାଳନା, ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଏବଂ ଜଳବାୟୁ ସ୍ଥିତିସ୍ଥାପକତା ପଦକ୍ଷେପ ଆଦି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ବ୍ୟବସାୟିକ ସୁଗମତା-ମଞ୍ଜୁରୀଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ଘରୋଇ କ୍ଷେତ୍ରର ନିବେଶ ଆକୃଷ୍ଟ କରିବା ଏବଂ ତ୍ୱରାନ୍ୱିତ ପରିଚାଳନା ପାଇଁ ଡିଜିଟାଲ ସମାଧାନ ଗ୍ରହଣ କରିବା । ଓ. ଏମ୍. ବି. ଟିମ୍ ସକ୍ରିୟ ଆଭିମୁଖ୍ୟକୁ ଶ୍ରୀମତୀ ପାଢୀ ପ୍ରଶଂସା କରିଥିଲେ ଏବଂ ପୂର୍ବ ଭାରତରେ ସାମୁଦ୍ରିକ ହବ୍ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଲାଗି ଅଭିନବ ଆର୍ଥିକ ମଡେଲ ଏବଂ ବୈଶ୍ୱିକ ସହଯୋଗ ଗ୍ରହଣ କରିବା ଲାଗି ପରାମର୍ଶ ଦେଇଥିଲେ । ରାଜ୍ୟର ବନ୍ଦର କ୍ଷେତ୍ର ପାଇଁ ଏକୀକୃତ ଶାସନ ପ୍ରଦାନ କରିବା ପାଇଁ ଗଠିତ ଓଡ଼ିଶା ସାମୁଦ୍ରିକ ବୋର୍ଡ ଏକ ରୋଡମ୍ୟାପ୍ ଉପରେ କାର୍ଯ୍ୟ କରୁଛି ଯାହା ସମାବେଶୀ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଦୃଷ୍ଟିକୋଣ ସହିତ ମେଳ ଖାଉଛି । ରଣନୈତିକ ଯୋଜନା, ଆଧୁନିକ ଭିତିଭୂମି ଏବଂ ନୀତିଗତ ସଂସ୍କାର ସହିତ, ଓଏମବି ଓଡ଼ିଶାକୁ ଏକ ଉପକୂଳବର୍ତ୍ତୀ ରାଜ୍ୟରୁ ସାମୁଦ୍ରିକ ପାୱାରହାଉସରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି ।

ଭୁବନେଶ୍ୱର
୧୩ ଅଗଷ୍ଟ,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିର ଉତ୍ତର ଦ୍ୱାର ସାମ୍ନାରେ ଇସ୍କନର ବେଆଇନ ନିର୍ମାଣକୁ ବିରୋଧ

**ପୁରୀ,୧୨/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଉତ୍ତର ଦ୍ୱାର ସାମ୍ନାରେ ଇସ୍କନ ପକ୍ଷରୁ ଏକ ବିଶାଳ ପ୍ରାସାଦ ନିର୍ମାଣକୁ ବିରୋଧ ଆରମ୍ଭ ହୋଇଛି । ଶ୍ରୀମନ୍ଦିର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପ୍ରତିଷ୍ଠାନ ନିର୍ମାଣ ଉପରେ ଲଗାମ୍ ଲଗାଇବାକୁ ଦାବି ହୋଇଛି । ବେଆଇନ୍ ଭାବେ ଏହା ନିର୍ମାଣ ହେଉଥିବା ମଧ୍ୟ ପୁରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି । ଯାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆପ୍ ପକ୍ଷରୁ ନିବେଦନ ହୋଇଛି । ସେପଟେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ୧୦୦ ମିଟର ଭିତରେ ଛତୁଫୁଟିବା ଭଳି ବହୁ ସଂଖ୍ୟକ କୋଠାବାଡ଼ି ନିର୍ମାଣ ହେବା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି । ଶ୍ରୀମନ୍ଦିର ଜାତୀୟ



ଐତିହ୍ୟ ସ୍ଥଳ ହୋଇଥିବାରୁ ଏହାର ୩୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ କୋଠାବାଡି ପ୍ରଭୃତି ନିର୍ମାଣ ହେବା କଥା । ସେହିପରି ଏଏସ୍ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା) କର୍ତ୍ତୃପକ୍ଷଙ୍କ ଅନୁମତି ସାଙ୍ଗକୁ ପିକେଡିଏ ଓ ପୌରସଂସ୍ଥାର କୋଠା ନିର୍ମାଣ ପ୍ଲାନ୍ ଅନୁମୋଦନ ଆବଶ୍ୟକ। ଶ୍ରୀମନ୍ଦିର ପ୍ରଶାସନ ଗ୍ରାଉଣ୍ଡ ୱାଟର ବୋର୍ଡ ପ୍ରଭୃତି ବିଭିନ୍ନ ସରକାରୀ ସଂସ୍ଥା ପକ୍ଷରୁ ଆପତ୍ତି ବିହୀନ ପ୍ରମାଣପତ୍ର ମଧ୍ୟ ଆବଶ୍ୟକ। ମାତ୍ର ଏସବୁ ଅନୁମତି ନଆଣି ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ନିଷିଦ୍ଧାଞ୍ଚଳରେ ବହୁ ସଂଖ୍ୟକ ସୁଉଚ୍ଚ ବ୍ୟବସାୟିକ କୋଠାବାଡି ନିର୍ମାଣ ହେବାରେ ଲାଗିଛି । କୋଠାବାଡ଼ି ନିର୍ମାଣ ଉପରେ ନିୟନ୍ତ୍ରଣ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କିଛି ମାସ ତଳେ ଚିଠି ହୋଇଥିଲା । ହେଲେ ସରକାର ଏପର୍ଯ୍ୟନ୍ତ ଠୋସ୍ ପଦକ୍ଷେପ ନେଇନାହାନ୍ତି । ସରକାରୀ ବିଭିନ୍ନ କର୍ତ୍ତୃପକ୍ଷ ନିରବ ରହିଥିବାରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିଷିଦ୍ଧାଞ୍ଚଳରେ ବହୁ ବିଶାଳକାୟ ବ୍ୟବସାୟିକ ଅଟାଳିକାମାନ ଗଢ଼ି ଉଠିବାରେ ଲାଗିଥିବା ଅଭିଯୋଗ ହୋଇଛି । ଯାହା ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକୁ ଲୁଚାଇବାରେ ଲାଗିଛି । ବିଶାଳ କୋଠାଗୁଡ଼ିକ ଆଢୁଆଳ କରି ରଖିଥିବାରୁ ଦୂରରୁ ଏହାର ସୁନ୍ଦର ଦୃଶ୍ୟ ଆଉ ଦେଖିବାକୁ ମିଳୁନି ।

# ରାଜ୍ୟସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨/୦୮**
**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ମୁଖ୍ୟମନ୍ତ୍ରୀ । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କେନ୍ଦୁଝର ଗସ୍ତ କରି ଜାତୀୟ ପତାକା ଉତ୍ତୋଳନ କରିବେ। କଟକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। । ସେହିଭଳି ଅନ୍ୟ ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲାକୁ ଯାଇ ପତାକା ଉତ୍ତୋଳନ କରିବାର ତାଲିକା ପ୍ରସ୍ତୁତ ହୋଇଛି । ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ,



କଳାହାଣ୍ଡିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସୁନ୍ଦରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଦ୍ରକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ନବରଙ୍ଗପୁରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସୁବର୍ଣ୍ଣପୁରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୁଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ରାୟଗଡ଼ାରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ମୟୂରଭଞ୍ଜରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ।

# ନାବାଳିକା ଜଳି ମୃତ୍ୟୁବରଣ କରିବା ଘଟଣାରେ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ

**ଭୁବନେଶ୍ୱର, ୧୨/୦୮**
**ନ୍ୟୁଜ ବ୍ୟୁରୋ**

ଗାଇସିଲଟରେ ନାବାଳିକା ଜଳି ମୃତ୍ୟୁବରଣ କରିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ନବୀନ କହିଛନ୍ତି ଯେ, ବରଗଡ଼ର ଗାଇସିଲଟରେ ଜଣେ ନାବାଳିକା ନିଆଁରେ ଜଳି ପ୍ରାଣ ହରାଇବା ଖବର ମୋତେ ଗଭୀର ଭାବେ ବ୍ୟଥିତ, ଚକିତ ଓ ମର୍ମାହତ କରିଛି । ନାବାଳିକାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି । ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ନବୀନ ପଟ୍ଟନାୟକ କହିଛନ୍ତି ଯେ,



ନିଆଁ ଲଗାଇ ଆମ ଝିଅମାନେ ଜୀବନ ହାରିବାର ଏହି ଧାରା ଅତ୍ୟନ୍ତ ବିଚଳିତ କରିଦେବା ପରି। ଏଇ ଗୋଟେ ମାସ ଭିତରେ ଚାରି ଚାରି ଜଣ ଯୁବତୀ ସମାନ ଭାବରେ ନିଜ ଜୀବନ ହାରି ଦେଇଛନ୍ତି । ଏପରି ନିରୀହ ଜୀବନ ଚାଲିଯିବା ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି । ଏହା ଆହୁରି ହୃଦୟବିଦାରକ ଯେ, ସେମାନେ ଆଉ କୌଣସି ରାସ୍ତା ନ ପାଇ ଶେଷରେ ନିଜ ଜୀବନ ହାରିଦେବାକୁ ବାଛି ନେଉଛନ୍ତି । କେବଳ ଏଇ ଚାରି ନିରୀହ ଜୀବନ ନୁହେଁ, ଏବେ ପ୍ରତିଦିନ ଅପରାଧର ଶିକାର ହୋଇ ଓଡ଼ିଶାର ଅନେକ ଝିଅ ଏପରି ପରିସ୍ଥିତିର ସାମ୍ନା କରୁଛନ୍ତି । ସେମାନଙ୍କ ନିରାଶା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ। ପ୍ରତିଦିନ ଘଟୁଥିବା ଏପରି ଘଟଣା, ବ୍ୟବସ୍ଥାର ବିଫଳତା ପରି ଏକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ବିଜେପିର ଶାସନ ବ୍ୟବସ୍ଥା ଉପରେ ଭରସା ବଜାୟ ରଖିବାରେ ବିଫଳ ହୋଇଛି। ଆମେ ଆମ ଝିଅମାନଙ୍କ ପାଇଁ ସୁନିଶ୍ଚିତ କରି ପାରୁନାହୁଁ । ଏପରି ହୃଦୟବିଦାରକ ଧାରାକୁ ରୋକିବା ପାଇଁ ବିଜେପି ସରକାର ଆଉ କେତେ ସମୟ ଅପେକ୍ଷା କରିବ? ବିଜେପି ସରକାରର ଏପରି ଅସ୍ୱାଭାବିକ ନୀରବତା ଏବଂ ସ୍ଥାଣୁତା ଓଡ଼ିଶାର ଝିଅମାନଙ୍କୁ ଆହୁରି ଅସୁରକ୍ଷିତ କରିଦେଉଛି ବୋଲି ସେ କହିଛନ୍ତି ।

# ତଲାକ-ଏ-ହାସନ ଏବଂ ତଲାକ-ଏ-ଅହସାନ ଉପରେ ମତାମତ ଲୋଡ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୨/୦୮**

ସୁପ୍ରିମକୋର୍ଟ ମୁସଲମାନମାନଙ୍କ ମଧ୍ୟରେ ପ୍ରଚଳିତ ତଲାକ-ଏ-ହାସନ, ତଲାକ-ଏ-ଅହସାନ, ତଲାକ-ଏ-କିନାୟା, ତଲାକ-ଏ-ବାଇନ ସମ୍ପର୍କରେ ଜାତୀୟ ମାନବାଧିକାର କମିଶନ, ମହିଳା ଏବଂ ଶିଶୁ ଅଧିକାର କମିଶନ (ଏନ୍‌ସିପିସିଆର)ଙ୍କ ମତାମତ ଲୋଡ଼ିଛନ୍ତି। ଏହା ସହିତ ଏହି ବ୍ୟବସ୍ଥା ସମ୍ପର୍କରେ ଧାର୍ମିକ ସାମଗ୍ରୀ ମଧ୍ୟ କୋର୍ଟରେ ଉପସ୍ଥାପନ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟ ତିନି ତଲାକକୁ ଉଚ୍ଛେଦ କରିବା ପରେ ମଧ୍ୟ ମୁସଲମାନମାନଙ୍କ ମଧ୍ୟରେ ଛାଡ଼ପତ୍ରର ଏହି ସାଧାରଣ ପ୍ରଥା ଜାରି ରହିଛି। ବେନଜିର ହିନା ନାମକ ଜଣେ ପୀଡ଼ିତା ମହିଳାଙ୍କ ଦ୍ୱାରା ଦାଖଲ



କରାଯାଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ମହିଳା ଏବଂ ବିବାହ ବହିର୍ଭୂତ ସମ୍ପର୍କରୁ ଜନ୍ମିତ ଶିଶୁ ଏବଂ ପିଲାମାନଙ୍କ ଉପରେ ତଲାକ-ଏ-ହାସନର ପ୍ରଭାବ ପରୀକ୍ଷା କରିବା ପାଇଁ ଜାତୀୟ ମାନବାଧିକାର କମିଶନ, ମହିଳା କମିଶନ ଏବଂ ଶିଶୁ ଅଧିକାର କମିଶନଙ୍କ ମତାମତ ଲୋଡ଼ିଛନ୍ତି। ତଲାକ-ଏ-ହାସନ ହେଉଛି ମୁସଲମାନମାନଙ୍କ ମଧ୍ୟରେ ପ୍ରଚଳିତ ଏକ ପ୍ରଥା ଯେଉଁଥିରେ ତିନି ମାସ ପାଇଁ ପ୍ରତି ମାସରେ ଥରେ ତଲାକ ବୋଲି କୁହାଯାଏ ଏବଂ ଏହିପରି ତିନି ତଲାକର ପ୍ରକ୍ରିୟା ଶେଷ ହୁଏ। ପୂର୍ବରୁ ସୁପ୍ରିମକୋର୍ଟ ତିନି ତଲାକ କିମ୍ବା ତଲାକ-ଏ-ବିଦାତ କିମ୍ବା ଏକାଥରକେ ତିନିଥର ତଲାକ କହିବାକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। ସୁପ୍ରିମକୋର୍ଟ ନଭେମ୍ବର ୧୯ ତାରିଖରେ ନଭେମ୍ବର ତୃତୀୟ ସପ୍ତାହରେ ଏହି ମାମଲାର ଶୁଣାଣି କରିବେ।

ସୁପ୍ରିମକୋର୍ଟରେ ଏହି ସମ୍ପର୍କରେ ଦାଖଲ ହୋଇଥିବା ଆବେଦନଗୁଡ଼ିକ ୩ ବର୍ଷ ଧରି ବିଚାରାଧୀନ ଅଛି। ଏହି ଆବେଦନଗୁଡ଼ିକ ବେନଜିର ହିନା, ନଜରିନ ନିଶାଙ୍କ ସମେତ ଅନେକ ମହିଳାଙ୍କର ଅଟେ ଯେଉଁମାନେ କି ଏକପାଖିଆ ତଲାକ ଦ୍ୱାରା ବ୍ୟକ୍ତିଗତ ଭାବରେ ପ୍ରଭାବିତ ହୋଇଛନ୍ତି। ସେମାନେ କହିଛନ୍ତି ଯେ ମୁସଲିମ ମହିଳାଙ୍କୁ ମଧ୍ୟ ଅନ୍ୟ ଧର୍ମର ମହିଳାଙ୍କ ପରି ଅଧିକାର ମିଳିବା ଉଚିତ। ଆବେଦନଗୁଡ଼ିକରେ କୁହାଯାଇଛି ଯେ, ଧାର୍ମିକ ସ୍ୱାଧୀନତା ନାଁରେ ମୁସଲିମ ମହିଳାଙ୍କୁ ଆଇନ ଦୃଷ୍ଟିରେ ସମାନତା (ଧାରା ୧୪) ଏବଂ ସମ୍ମାନର ସହିତ ଜୀବନଯାପନ କରିବା (ଧାରା୨୧) ଭଳି ମୌଳିକ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଆବେଦନକାରୀମାନେ ଦାବି କରିଛନ୍ତି ଯେ ସୁପ୍ରିମକୋର୍ଟ ତଲାକ-ଏ-ହାସନ ଏବଂ କୋର୍ଟ ମାଧ୍ୟମରେ ହୋଇନଥିବା ସମସ୍ତ ପ୍ରକାରର ତଲାକକୁ ଅସାମ୍ବିଧାନିକ ଘୋଷଣା କରନ୍ତୁ। ଶରିୟତ ଆବେଦନ ଆଇନ ୧୯୩୭ର ଧାରା ୨ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ। ଏହା ସହିତ ମୁସଲିମ ବିବାହ ଆଇନ ୧୯୩୯ର ବିଲୟକୁ ମଧ୍ୟ ସମ୍ପୂର୍ଣ୍ଣ ରଦ୍ଦ କରାଯାଉ।

# ହାତୀ ଆମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ- ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨/୮ ନ୍ୟୁଜ ବ୍ୟୁରୋ**

ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା । ବିଶ୍ୱ ହସ୍ତୀ ଦିବସ' ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହାତୀ ଆମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ଗୌରବ ଓ ଅରଣ୍ୟ ପରିତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରୁ ଆରମ୍ଭକରି ଓଡ଼ିଶାର ଗୌରବୋଜ୍ଜଳ ଇତିହାସର ସ୍ୱର୍ଣ୍ଣିମ ସ୍ୱାକ୍ଷର କୋଣାର୍କ ଯାଏ ସବୁଠାରେ ହାତୀ ପରିଦୃଷ୍ଟ । ଜୈବବିବିଧତାର ସୁରକ୍ଷାରେ ହାତୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ତାକୁ 'ପରିବେଶ ଯନ୍ତ୍ରୀ' ଭାବେ ଗ୍ରହଣ କରାଯାଇଛି । ଆମ ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧି ଏହି 'ପରିବେଶ ଯନ୍ତ୍ରୀ' ଉପରେ ବହୁଳ ଭାବେ ନିର୍ଭରଶୀଳ। ବିଭିନ୍ନ କାରଣ ପାଇଁ ବୈଶ୍ୱିକସ୍ତରରେ ଅବକ୍ଷୟମୁଖୀ ହାତୀମାନଙ୍କର ସଂରକ୍ଷଣ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ । ଆମ ସରକାର ହାତୀମାନଙ୍କ ନିରାପଦ ଭବିଷ୍ୟତ ପାଇଁ ଦୃଢ଼ ପ୍ରତିଶ୍ରୁତି ବଦ୍ଧ । ସେଥିପାଇଁ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧିକରଣ ସହ ବୈଜ୍ଞାନିକ ପଦ୍ଧତିରେ ମଣିଷ-ହାତୀ ସଂଘର୍ଷ ହ୍ରାସକରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନପାଇଁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉଛି, ସେଥିମଧ୍ୟରୁ ଅନୁକମ୍ପାମୂଳକ ସହାୟତା ରାଶିର ଅଭିବୃଦ୍ଧି ଅନ୍ୟତମ। ସମସ୍ତଙ୍କର ମିଳିତ ପ୍ରୟାସ ଦ୍ୱାରା ଭାରତବର୍ଷର ଜାତୀୟ ଐତିହ୍ୟ ପ୍ରାଣୀକୁ ସୁରକ୍ଷିତ ରଖିପାରିବା।

## ପାର୍ବଣ ପୂର୍ବରୁ କଟକ ପୁଲିସର କଡ଼ା ଆଭିମୁଖ୍ୟ

# ଦାଦାବଟି ମାଗିଲେ ଥାନାକୁ ଭିଡ଼ିବ ପୁଲିସ

**କଟକ, ୧୨/୦୮**
**ନ୍ୟୁଜ ବ୍ୟୁରୋ**

ପାର୍ବଣ ପାଇଁ ଯଦି କେହି ଜବରଦସ୍ତ ଟଙ୍କା ମାଗୁଛି ତାହାଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ସେ କ୍ଲବ୍ କିମ୍ବା ପୂଜା କମିଟିର କର୍ମକର୍ତ୍ତା ହୁଅନ୍ତୁ କିମ୍ବା ଅସାମାଜିକ ଯୁବକ ହୁଅନ୍ତୁ ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ। ଏଭଳି କିଛି କଡ଼ା ଆଭିମୁଖ୍ୟ ଦେଖାଇଛି କଟକ ପୁଲିସ। ଗଣେଶ ପୂଜାକୁ ମାତ୍ର ତିନି ସପ୍ତାହ ବାକିଥିବା ବେଳେ ଏବେଠୁ ଅସାମାଜିକ ଯୁବକ ଓ ଅମାନିଆ କମିଟିକୁ ସାବାଡ଼ କରିବାକୁ ପୁଲିସ ଏଭଳି ନୀତି ଆପଣାଇଛି। ଏନେଇ କଟକ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ମୋବାଇଲ୍ ନମ୍ବର ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ସୂଚନା ମିଳିଛି।

ଆସନ୍ତା ୨୭ ତାରିଖ ଗଣେଶ ପୂଜାରୁ କଟକରେ ପାର୍ବଣ ଋତୁ ଆରମ୍ଭ ହେଉଛି। ଗଣେଶ ସହିତ ଖୁଦୁରୁକୁଣୀ ଓ ବିଶ୍ୱକର୍ମା ପୂଜା ମଧ୍ୟ ହେବ। ପରେ ପରେ ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜାରେ ପାର୍ବଣର ପର୍ବ ଶେଷ ହେବ। ତେବେ ପାର୍ବଣରେ କଟକରେ ଅସାମାଜିକ ଯୁବକ, ଅପରାଧୀ ଦାଦାବଟି ମାଗିବା କିଛି ନୂଆ



ଘଟଣା ନୁହେଁ । କିଛି ବର୍ଷ ପୂର୍ବରୁ ଏଭଳି ଦାଦାବଟି ମାଗିବା ଓ ପୂଜା ପାଇଁ ଟଙ୍କା ନେବାକୁ ଜୁଲମ କରିବାରୁ ପୁଲିସ ମଧ୍ୟ ତତ୍ପରତା ଦେଖାଇଥିଲା। ଏଥିପାଇଁ କଟକ ପୁଲିସ ମଧ୍ୟ ବଟି ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଥିଲା। ପେସାଦାର ଅପରାଧୀଙ୍କୁ ଗିରଫ କରି ଜେଲ୍‌ରେ ପୁରାଇବା ସହିତ ଅସାମାଜିକ ଯୁବକଙ୍କୁ ଥାନାକୁ ଡାକି ତାଗିଦ୍ କରିଥିଲା । ପରେ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଲୋକଙ୍କଠାରୁ ଅଭିଯୋଗ ପାଇ ବହୁ ଅପରାଧୀଙ୍କୁ ଗିରଫ କରାଯାଇଥିଲା । ଏପରିକି କିଛି ବ୍ୟବସାୟୀକ ପ୍ରତିଷ୍ଠାନରୁ ଅଭିଯୋଗ ପାଇବା ପରେ ବହୁ ପୂଜା କମିଟି କର୍ମକର୍ତ୍ତା ଓ କ୍ଲବ୍ କର୍ମକର୍ତ୍ତା ବି ଗିରଫ ହୋଇଥିଲେ । ଚଳିତ ବର୍ଷ ମଧ୍ୟ ପୁଲିସ ଠିକ୍ ସେହି ଢଙ୍ଗରେ କାମ କରିବାକୁ ନିଷ୍ପତ୍ତି ନେଇଛି। ପୂଜା ପାଇଁ ଯଦି କେହି ଜବରଦସ୍ତ ଟଙ୍କା ମାଗନ୍ତି ତାହାଲେ ପୁଲିସକୁ ଜଣାଇବାକୁ କୁହାଯାଇଛି । ଖାସ୍‌କରି କୌଣସି ବାସଗୃହରେ ଯଦି ପୂଜା ନାଁରେ କେହି ଜବରଦସ୍ତ ଟଙ୍କା ମାଗିବାକୁ ଉଦ୍ୟମ କରନ୍ତି ତାହାଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏନେଇ ଏକ ସ୍ୱତନ୍ତ୍ର ଫୋନ୍ ନମ୍ବର ମଧ୍ୟ ପୁଲିସ ଜାରି କରିବ । କେବଳ ସେହି ନମ୍ବର ନୁହେଁ, ସ୍ଥାନୀୟ ପୁଲିସ ଥାନା କିମ୍ବା ୧୧୨ ନମ୍ବରରେ ମଧ୍ୟ ଅଭିଯୋଗ କରାଯାଇପାରିବ । ପୂଜା ବେଳେ ଚାନ୍ଦା ଓ ବଟିକୁ ପୁଲିସର ଶୂନ୍ୟ ସହନଶୀଳତା ରହିଛି । ଏହାକୁ ଚଳିତ ବର୍ଷ ମଧ୍ୟ ବଳବତ୍ତର ରଖାଯିବ। ଜବରଦସ୍ତ ଚାନ୍ଦା ମାଗିଲେ କିମ୍ବା ବଟି ଆଦାୟ କଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି । ତେବେ 'ଦାଦାବଟିକୁ ନାଁ' ଭଳି ଏକ ଯୋଜନା ଅନୁସାରେ ୨୦୨୦ରେ ଟ୍ୱିନ୍‌ସିଟି ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ମାତ୍ର ୫ ବର୍ଷ ପରେ ବର୍ତ୍ତମାନ ସେହି ନମ୍ବର କାମ କରୁନି। ସେହି ନମ୍ବରକୁ ମଧ୍ୟ ଟ୍ୱିନ୍‌ସିଟି ପୁଲିସ କମିଶନରେଟ୍ ପକ୍ଷରୁ ପୁନର୍ବାର କାର୍ଯ୍ୟକାରୀ କରାଗଲେ ଦୁଇ ସହରରେ ବଟି ଘଟଣା ବହୁମାତ୍ରାରେ କମିପାରିବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି ।

# ଏଡ୍‌ସ ନିରାକରଣ ପାଇଁ ସ୍ୱତନ୍ତ୍ର ସଚେତନତା ଅଭିଯାନ ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ବ୍ରହ୍ମପୁର,୧୨/୦୮**
**ନ୍ୟୁଜ ବ୍ୟୁରୋ**

"ଏଡସ୍ ଓ ଯୌନ ସଂକ୍ରମଣର ନିରାକରଣ'' ପାଇଁ ସ୍ୱତନ୍ତ୍ର ସଚେତନତା ଅଭିଯାନର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ବ୍ରହ୍ମପୁରର ଏମକେସିଜି ପ୍ରେକ୍ଷାଳୟରେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ଠାରୁ ଦେଶବ୍ୟାପୀ ଦୁଇ ମାସ ଧରି ଏହି ଅଭିଯାନ ଚାଲିବ । ଅଭିଯାନର ଶୁଭାରମ୍ଭ କରି ମନ୍ତ୍ରୀ କହିଛନ୍ତି ଯେ, ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ। ତେଣୁ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ମଙ୍ଗଳବାର ଅନ୍ତର୍ଜାତୀୟ ଯୁବ ଦିବସରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ ହୋଇଛି, ଯାହା ଏଚ.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ନେଇ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ। ଏହାର ପ୍ରଚାର ପ୍ରସାର ପାଇଁ ଜିଲ୍ଲା ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ, ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କରାଯିବାର କାର୍ଯ୍ୟକ୍ରମ ରହିଛି । ଏ କ୍ଷେତ୍ରରେ ସର୍ବାଧିକ ପ୍ରବଣ ଭାବେ ପରିଗଣିତ ହେଉଥିବା ଯୁବବର୍ଗଙ୍କୁ ସଚେତନ କରାଇବା ପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି । ମନ୍ତ୍ରୀ ଆହୁରି ବି କହିଛନ୍ତି ,ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇଁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ ଆଦୃତ ହୋଇପାରିଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି କହିଥିଲେ । ତେବେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ କେ. ଅନିଲ କୁମାର, ନୀଳମଣି ବିଷୋୟୀ, ପ୍ରତାପ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଏବଂ ଅନ୍ୟ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ । ଏହି ଅବସରରେ ଓସାକ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଓସାକ୍ ଦ୍ୱାରା କରାଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ କଲେଜରେ ଥିବା ରେଡ ରିବନ କ୍ଲବର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଚେତନତାଧର୍ମୀ ଏକ ଛୋଟ ଭିଡିଓ ଏବଂ ପୂର୍ବ ବର୍ଷର ସ୍ୱତନ୍ତ୍ର ସଚେତନତା ଅଭିଯାନର ସଫଳତା ସମ୍ବଳିତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଚୀନ୍‌କୁ ଲମ୍ବିଛି ହାତୀ ଦାନ୍ତ ଚୋରା ଚାଲାଣ ସିଣ୍ଡିକେଟ୍

**ଭୁବନେଶ୍ୱର,୧୨/୦୮**
**ନ୍ୟୁଜ ବ୍ୟୁରୋ**

ଚାରି ଦିନ ତଳେ କେନ୍ଦୁଝରର ବନଖଣ୍ଡରୁ ୫ ବନ୍ୟଜନ୍ତୁ ତସ୍କରଙ୍କୁ କାବୁ କରିଥିଲା ବନ ବିଭାଗ । ସେମାନଙ୍କଠାରୁ ୫ କେଜି ଓଜନର ୪ ହାତୀଦାନ୍ତ ଜବତ ହୋଇଥିଲା । ଏମାନେ ହାତୀଦାନ୍ତକୁ ବିଦେଶକୁ ଚାଲାଣ କରିବା ଚକ୍କରରେ ଥିଲେ ବୋଲି ତଦନ୍ତରୁ ଜଣାପଡିଥିଲା । ଗତ ଜୁନ୍ ୨ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ସ୍ପେସାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୌଦ୍ଧ ଜିଲ୍ଲାର ପ୍ରମୋଦ ପରିଡ଼ା ନାମକ ଜଣେ ଶିକାରୀଠାରୁ ୨ଟି ହାତୀଦାନ୍ତ ଜବତ କରିଥିଲା । ଯାହାର ଆନୁମାନିକ ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଟିଏଫ୍ ଆକଳନ କରିଥିଲା। କେବଳ ଏହି ଦୁଇଟି ଘଟଣା ନୁହେଁ, ଦୁର୍ଲ୍ଲଭ ଦାନ୍ତ ପାଇବା ପାଇଁ ପ୍ରତିବର୍ଷ ଅନେକ ଗଜରାଜଙ୍କୁ ମାରି ଦିଆଯାଉଛି। କେଉଁଠି ଶିକାରୀ ଗୁଳିରେ ହାତୀ ଟଳିବା ପରେ ଦାନ୍ତ କାଟି ନେଉଛନ୍ତି। କେଉଁଠି ବିଦ୍ୟୁତ ଆଘାତ ଓ ଟ୍ରେନ୍ ଦୁର୍ଘଟଣାରେ ହାତୀର ଅକାଳ ମୃତ୍ୟୁ ପରେ ଦାନ୍ତ ଗାଏବ୍ ହୋଇଯାଉଛି । ହାତୀ ଦାନ୍ତ ଚାଲାଣ ସିଣ୍ଡିକେଟ୍‌ର ଚେର ଓଡ଼ିଶାରୁ ବିଦେଶକୁ ଲମ୍ବିଛି, ଭାୟା ବାଂଲାଦେଶ ଓ ନେପାଳ ହୋଇ ଚୀନକୁ ଚାଲାଣ ହେଉଛି । ବନ ବିଭାଗର ତଥ୍ୟ ଆଧାରରେ ୨୦୧୭-୧୮ରୁ ଗତବର୍ଷ ନଭେମ୍ବର ଭିତରେ ମୋଟ ୬୭୪ ହାତୀ ମରିଛନ୍ତି। ଶିକାରୀଙ୍କ ତୀର ଓ ଗୁଳିମାଡ଼ରେ ୨୨ ହାତୀଙ୍କ ଜୀବନ ଯାଇଛି । ମୃତ୍ୟୁ ପରେ ପ୍ରାୟ ସବୁ ହାତୀଙ୍କ ଦାନ୍ତ କାଟି ନେଇଛନ୍ତି ଶିକାରୀ। ଟ୍ରେନ୍ ଧକ୍କାରେ



୨୮ଟି, ସଡ଼କ ଦୁର୍ଘଟଣାରେ ୫ଟି ଓ ଅନ୍ୟାନ୍ୟ ଦୁର୍ଘଟଣାରେ ୧୦୩ଟି ହାତୀ ମରିଛନ୍ତି। ବିଦ୍ୟୁତ ଝଟ୍‌କା ଖାଇ ୧୨୩ଟି ହାତୀଙ୍କ ପ୍ରାଣ ଯାଇଛି। ଏଥିରୁ ଅଧିକାଂଶ ହାତୀଙ୍କ ଦାନ୍ତ ଗାଏବ ହୋଇଯାଇଛି। ଏସ୍‌ଟିଏଫ୍ ତଥ୍ୟ ମୁତାବକ ବନ୍ୟଜନ୍ତୁ ତସ୍କରୀ ବିରୋଧରେ ୨୦୨୦ରୁ ଆରମ୍ଭ ହୋଇଥିବା ସ୍ପେସାଲ ଡ୍ରାଇଭ୍‌ରେ ଏଯାବତ୍ ୫୮ଟି ହାତୀଦାନ୍ତ ଉଦ୍ଧାର କରାଯାଇଛି। ଏସ୍‌ଟିଏଫ୍ ତୁଳନାରେ ବନ ବିଭାଗ ହାତୀଦାନ୍ତ ଉଦ୍ଧାର କ୍ଷେତ୍ରରେ ପଛରେ ପଡ଼ିଛି। ବନ କର୍ମଚାରୀ- ଶିକାରୀ ମଧୁଚନ୍ଦ୍ରିକା ଯୋଗୁ ଦନ୍ତାହାତୀ ଶିକାର ବଢ଼ିଚାଲିଛି। ଏସବୁ ସରକାରୀ ତଥ୍ୟକୁ ବାଦ୍ ଦେଲେ ପ୍ରତିବର୍ଷ ବାସ୍ତବରେ ଅନେକ ଦନ୍ତାହାତୀ ଶିକାର କରାଯାଉଛି। ବନ ବିଭାଗର ପାଟ୍ରୋଲିଂ ଅଭାବରୁ ଘଞ୍ଚ ଜଙ୍ଗଲ ଭିତରେ ହିଁ ହାତୀ ଶିକାରୀଙ୍କ ତାଣ୍ଡବ ଲୁଚିଯାଉଛି। କାହିଁ ଆଦିକାଳରୁ ଦାନ୍ତ ପାଇଁ ହାତୀ ଶିକାର କରାଯାଉଛି। ବନ୍ୟଜନ୍ତୁ ତସ୍କରମାନେ ଦୁର୍ଲ୍ଲଭ ତଥା ମୂଲ୍ୟବାନ ହାତୀ ଦାନ୍ତ ପାଇଁ ଗଜରାଜ ଶିକାର କରୁଛନ୍ତି । ଦାନ୍ତରୁ ସୌଖୀନ ସାମଗ୍ରୀ ସହ ବିରଳ ଔଷଧ ପ୍ରସ୍ତୁତ ହେଉଛି। ପୂର୍ବାପେକ୍ଷା ହାତୀ ଦାନ୍ତର ମୂଲ୍ୟ ୨ ଗୁଣ ବଢ଼ିଗଲାଣି । ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ମୁତାବକ, ଓଡ଼ିଶାରୁ କୋଲକାତା ଦେଇ ବାଂଲାଦେଶ, ନେପାଳ ସୀମା ପାର୍ କରି ଚୀନ୍ ବଜାରକୁ ପଠାଯାଉଛି । ଓଡ଼ିଶାରୁ ଶିକାର ପରେ ହାତୀଦାନ୍ତକୁ ପଶ୍ଚିମବଙ୍ଗ ଯାଏ ଶିକାରୀମାନେ ନେଉଛନ୍ତି। ସେଠାରୁ ପେସାଦାର ବନ୍ୟଜନ୍ତୁ ଓ ନିଶାଦ୍ରବ୍ୟ ଚାଲାଣକାରୀମାନେ ସୀମା ପାର୍ କରାଉଛନ୍ତି। ହାତୀ ଦାନ୍ତ କାରବାରର ବଡ଼ ବଜାର ହେଉଛି ଚୀନ୍। ହାତୀ ଦାନ୍ତରୁ ପ୍ରସ୍ତୁତ ହେଉଥିବା ନାନା ଔଷଧ ପାଇଁ ଚୀନ୍‌ର କିଛି ଅନ୍ତର୍ଜାତୀୟ ମାଫିଆ ଉତ୍ତର-ପୂର୍ବ ଭାରତକୁ ଟାର୍ଗେଟ୍ କରିଛନ୍ତି। ଏମାନେ ତସ୍କରଙ୍କଠୁ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟରେ ଦାନ୍ତ କିଣୁଛନ୍ତି। ଆସାମ, ମଣିପୁର, ମିଜୋରାମ୍ ଓ ଓଡ଼ିଶାରେ ଅଧିକାଂଶ ହାତୀକୁ ମାରି ଦାନ୍ତ କାଟି ନେଉଛନ୍ତି । ସୂଚନା ମୁତାବକ, ୨୦୨୦ ଅଗଷ୍ଟ ୩୧ରେ କେନ୍ଦୁଝର ୱାଇଲ୍ଡ ଲାଇଫ୍ ଡିଭିଜନ ହରିଚନ୍ଦନପୁର ସେକ୍ସନରୁ ୧୯ କିଲୋ ଓଜନର ୧୪ ହାତୀଦାନ୍ତ ଜବତ ହୋଇଥିଲା । ୨୦୨୦ ଅକ୍ଟୋବର ୯ରେ ଦେବଗଡ଼ ଡିଭିଜନ ପାଲ୍‌ଲହଡ଼ା ରେଞ୍ଜରୁ ୧୦ କେଜି ଓଜନର ୨ଟି ଦାନ୍ତ, ୨୦୨୧ ଜାନୁଆରୀ ୧୩ରେ ସମ୍ବଲପୁର ଡିଭିଜନ ବରେହିପାଲିରୁ ୨ଟି ଦାନ୍ତ, ୨୦୨୧ ଫେବ୍ରୁୟାରୀ ୧୨ରେ ଯାଜପୁର ଡିଭିଜନ କବାଟବନ୍ଧରୁ ୨ଟି, ଫେବ୍ରୁୟାରୀ ୧୩ରେ କରଞ୍ଜିଆ ଡିଭିଜନରୁ ଗୋଟିଏ, ୨୦୨୧ ଫେବ୍ରୁୟାରୀ ୨୪ରେ ବାରିପଦା ଡିଭିଜନ ଉଦଳାରୁ ୫ ଫୁଟ ଲମ୍ବର ୨ଟି ବଡ଼ ଦାନ୍ତ, ୨୦୨୧ ମାର୍ଚ୍ଚ ୨୬ରେ ଦେବଗଡ଼ ଡିଭିଜନ ଖମାର ରେଞ୍ଜରୁ ୨ଟି ଦାନ୍ତ, ୨୦୨୧ ମାର୍ଚ୍ଚ ୨୬ରେ ସେହି ଖମାର ରେଞ୍ଜରୁ ୨ଟି, ୨୦୨୧ ଏପ୍ରିଲ ୨୪ରେ ନୟାଗଡ଼ ଡିଭିଜନ ଗଣିଆରୁ ୨ଟି, ୨୦୨୧ ଅଗଷ୍ଟ ୧୪ରେ ଦେବଗଡ଼ ଡିଭିଜନରୁ ୨ଟି, ୨୦୨୧ ସେପ୍ଟେମ୍ବର ୪ରେ ଭଦ୍ରକ ଅଗରପଡ଼ାରୁ ଗୋଟିଏ ଦାନ୍ତ, ଅକ୍ଟୋବର ୧୧ରେ ଦେବଗଡ଼ରୁ ୨ଟି, ୨୦୨୧ ଅକ୍ଟୋବର ୨୭ରେ ଅନୁଗୁଳ ଡିଭିଜନ ଜରପଡ଼ା ରେଞ୍ଜରୁ ଗୋଟିଏ ଦାନ୍ତ, ୨୦୨୧ ନଭେମ୍ବର ୮ରେ କେନ୍ଦୁଝର ଡିଭିଜନ ଲୁନାଗଡ଼ରୁ ୨ଟି ଦାନ୍ତ, ୨୦୨୧ ନଭେମ୍ବର ୧୩ରେ ବରଗଡ଼ ଡିଭିଜନରୁ ଗୋଟିଏ, ସେହିମାସ ୧୮ରେ ଖରିଆର ଡିଭିଜନ ସିନାପାଲିରୁ ୨ଟି, ୨୦୨୧ ଡିସେମ୍ବର ୭ରେ ବଲାଙ୍ଗିର ଡିଭିଜନରୁ ଗୋଟିଏ ଦାନ୍ତ, ଡିସେମ୍ବର ୧୪ରେ ଆଠଗଡ଼ ଡିଭିଜନ ଖୁଣ୍ଟୁଣିରୁ ୨ଟି, ୨୦୨୨ ଜାନୁଆରୀ ୬ରେ ଦେବଗଡ଼ ଡିଭିଜନରୁ ଗୋଟିଏ ଦାନ୍ତ, ଫେବ୍ରୁୟାରୀ ୨୩ରେ ସୋନପୁର ଡିଭିଜନରୁ ୩ଟି ଦାନ୍ତ, ଫେବ୍ରୁୟାରୀ ୨୬ରେ କେନ୍ଦୁଝର ସଦର ରେଞ୍ଜରୁ ୨ଟି, ମେ' ୪ରେ ବଲାଙ୍ଗିର ଡିଭିଜନ ମଲପଡ଼ାରୁ ୩ଟି, ମେ ୨୩ରେ ରାୟଗଡ଼ା ଗୁଡ଼ାରୀ ରେଞ୍ଜରୁ ୨ଟି ଓ ଗତ ଜୁନ୍ ୧ ତାରିଖରେ ଅନୁଗୋଳ ଡିଭିଜନ ଜରପଡ଼ା ରେଞ୍ଜରୁ ୨ଟି, ୨୦୨୨ ଡିସେମ୍ବରରେ ଦେବଗଡ଼ରୁ ୨ଟି ହାତୀ ଦାନ୍ତ ଜବତ ହୋଇଥିଲା । ଏସବୁ ହାତୀଦାନ୍ତ ଏସ୍‌ଟିଏଫ୍ ଜବତ କରିଛି ।